

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୬ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 JANUARY 2025
Vol.No. 36 ■ No.15 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସମୁଦ୍ର ଗର୍ଭରେ ବିଶ୍ୱ ଦେଖିଲା ଭାରତର ଶୌର୍ଯ୍ୟ

## ଦେଶକୁ 'ତ୍ରିଦେବ' ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ ମୋଦି




ନୂଆଦିଲ୍ଲୀ ୧୫/୦୧: ଜଳଭାଗରେ ବିଶ୍ୱ ପୁଣି ଦେଖିବ ଭାରତର ଶକ୍ତି । ଭାରତର ଶକ୍ତି ଦେଖି, ଶତ୍ରୁ ଛାତିରେ ଛନକା । ଆଜି ୩ ବିଧ୍ୱଂସକ ଯୁଦ୍ଧପୋତକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଆତ୍ମନିର୍ଭର୍ ଭାରତର ବଢିବ ବଳ, ନୌସେନା ହେବ ସୁଦୃଢ । ୩ ଯୁଦ୍ଧ ଜାହାଜ ଲୋକାର୍ପଣ କରିଛନ୍ତି ମୋଦୀ । ମୁମ୍ବାଇର ଭାରତୀୟ ନୌସେନା ଡକୟାର୍ଡରେ ତିନୋଟି ନୌସେନା ଯୁଦ୍ଧଜାହାଜ - ଆଇଏନଏସ ସୁରତ, ଓଘଝ ନୀଳଗିରି ଏବଂ ଓଘଝ ଭାଗଶୀରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ନୌସେନାର ଏକ ଗୌରବମୟ ଇତିହାସ ରହିଛି । ଏହି ତିନୋଟି ଯୁଦ୍ଧଜାହାଜ ଭାରତରେ ନିର୍ମିତ, ଯାହା ସୁରକ୍ଷାକୁ ନୂତନ ଶକ୍ତି ଦେବ। ଏହା ସମଗ୍ର ଅଞ୍ଚଳକୁ ଆତଙ୍କବାଦ ଏବଂ ଡ୍ରଗ୍ସ ଚୋରାଚାଲାଣରୁ ରକ୍ଷା କରିବ।' ପ୍ରଧାନମନ୍ତ୍ରୀ କହିଥିଲେ, 'ନୌସେନାକୁ ନୂତନ ଶକ୍ତି ମିଳିଛି। ଆମେ ନୌସେନାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେଉଛୁ। ଆଜି ଭାରତର ସାମୁଦ୍ରିକ ଐତିହ୍ୟ, ନୌସେନାର ଗୌରବମୟ ଇତିହାସ ଏବଂ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ପାଇଁ ଏକ ବଡ଼ ଦିନ। ଛତ୍ରପତି ଶିବାଜୀ ମହାରାଜ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କଲେ। ସେ ନୂତନ ଶକ୍ତି ଏବଂ ଦୃଷ୍ଟିକୋଣ ପ୍ରଦାନ କଲେ। ଆଜି, ତାଙ୍କ ପବିତ୍ର ଭୂମିରେ, ଆମେ ୨୧ ଶତାବ୍ଦୀର ନୌସେନାକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛୁ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆଜି ଭାରତ ସାରା ବିଶ୍ୱରେ ଏବଂ ବିଶେଷକରି ଗ୍ଲୋବାଲ୍ ସାଉଥରେ ଏକ ନିର୍ଭରଯୋଗ୍ୟ ଏବଂ ଦାୟିତ୍ୱବାନ ଅଂଶୀଦାର ଭାବରେ ସ୍ୱୀକୃତି ପାଉଛି।

# ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି




ଭୁବନେଶ୍ୱର, ୧୫/୧ (ନି.ପ୍ର): ରାଜ୍ୟରେ ଲାଗୁ ହେବାକୁ ଯାଉଛି ଜାତୀୟ ଶିକ୍ଷାନୀତି-୨୦୨୦। ଏଥିପାଇଁ ବୁଧବାର ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଧ୍ୟାନରେ ରଖି ନୀତି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିବାବେଳେ, ଏନଇପି-୨୦୨୦ ଲାଗୁ ପୂର୍ବରୁ ପାଠ୍ୟ ଖସଡ଼ା ପ୍ରସ୍ତୁତିବେଳେ ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନେବାକୁ ମଧ୍ୟ ବିଜ୍ଞପ୍ତରେ କୁହାଯାଇଛି। ସୂଚନାଥାଉକି, ଗତ ବର୍ଷ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୪-୨୫ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରାଯିବା ନେଇ ଘୋଷଣା କରିଥିଲେ। ତେବେ ଏହି ନୂତନ ଶିକ୍ଷା ନୀତି-୨୦୨୦ ଅନୁସାରେ ଓଡ଼ିଶାରେ ଚାରି ବର୍ଷିଆ ସ୍ନାତକ କୋର୍ସ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରି ଏବଂ ଡିଗ୍ରି ଅନର୍ସ ପ୍ରଦାନ କରାଯିବ । ୟୁ.ଜି.ସି. ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍ୱର୍କ୍ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍ୱର୍କ୍ ପ୍ରସ୍ତୁତ ହୋଇଛି ଏବଂ ଏଥିରେ ଦକ୍ଷତା ବିକାଶ ଏବଂ ଇଣ୍ଟର୍ଣ୍ଣସିପ୍ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ୍ ପ୍ରଦାନ କରାଯାଇଛି । କମ୍ୟୁନିଟି ସର୍ଭିସ୍ ଓ ଏକ୍ସ୍ଟ୍ରା କରିକୁଲାର ଆକ୍ଟିଭିଟି, ଏନ.ସି.ସି. ଏନ.ଏସ.ଏସ. ଇତ୍ୟାଦି ପାଇଁ ମଧ୍ୟ କ୍ରେଡିଟ ପ୍ରଦାନ କରାଯିବ । ▶▶ପୃଷ୍ଠା ୭

# ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲା: ସିବିଆଇ ତଦନ୍ତ ନେଇ ମୁହଁ ଖୋଲିଲେ ଝିଅ ଦୀପାଳି



ଝାରସୁଗୁଡ଼ା, ୧୫/୧ (ନି.ପ୍ର): ମୁହଁ ଖୋଲିଲେ ନବ ଦାସଙ୍କ ଝିଅ ଦୀପାଳି ଦାସ । ବାପା ନବ ଦାସଙ୍କୁ ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବି ଏବଂ ଭାଇ ବିଶାଲଙ୍କୁ ଛତିଶଗଡ଼ରେ ଅଟକ ରଖିବା ପ୍ରସଙ୍ଗରେ ଅସନ୍ତୋଷ ଝାଡ଼ିଛନ୍ତି ଦୀପାଳି। ସେ କହିଛନ୍ତି ‘‘ମିଡିଆରେ ଏକତରଫା ଖବର ପରିବେଷଣ ହେଉଛି। ମୋ ଉପରେ, ମୋ ପରିବାର ଉପରେ ଆକ୍ଷେପ କରୁଛନ୍ତି। ଗଣମାଧ୍ୟମ ଟିପ୍ପଣୀ ଆମକୁ ଆଘାତ ଦେଉଛି। ବିଜେପି ନେତାମାନେ ନାନା ପ୍ରଶ୍ନ ଉଠାଉଛନ୍ତି ଯେ, ମୁଁ କାହିଁକି ସିବିଆଇ ତଦନ୍ତ ପାଇଁ କହୁନି ? ଆଗାମୀ ଦିନରେ ମୋ ବାପାଙ୍କ ଘଟଣାର ସିବିଆଇ ତଦନ୍ତର ଆଗକୁ ନେବେକି ? ଆମ ସହ ଠିଆ ହୋଇ ତଦନ୍ତକୁ ଆଗେଇ ନେବେକି ? ▶▶ପୃଷ୍ଠା ୭

# ନବୀନ ନିବାସ ବାହାରେ ବରିଷ୍ଠ ଏକାଠି : ଦଳରେ ବରିଷ୍ଠ ହେଉଛନ୍ତି କି ଅଣଦେଖା ?



ଭୁବନେଶ୍ୱର, ୧୫/୧(ନି.ପ୍ର) : ଅସଜଡ଼ା ହୋଇପଡ଼ିଛି ବିଜେଡି ସଂଗଠନ । ଦୀର୍ଘ ୭ ମାସ ହେଲା ଟ୍ରାକକୁ ଆସିପାରୁନି ଦଳର ସାଂଗଠନିକ କାର୍ଯ୍ୟକ୍ରମ। ନା ରାଜ୍ୟସ୍ତରୀୟ ପଦାଧିକାରୀଙ୍କ ନାଁ ଘୋଷଣା ହେଉଛି ନା ସାଂଗଠନିକ ନିର୍ବାଚନ ହୋଇପାରୁଛି । ବିଜେଡିର ସବୁକିଛି ଅଧା ଅଧାରେ ରହିଯାଇଛି । ବରିଷ୍ଠ ନେତା ବାରମ୍ବାର ନବୀନ ନିବାସ ଯାଉଛନ୍ତି, ବିଜେଡି ସୁପ୍ରିମୋଙ୍କୁ ଭେଟି ପ୍ରସ୍ତାବ ରଖୁଛନ୍ତି, ହେଲେ କିଛି କାର୍ଯ୍ୟକାରୀ ହୋଇପାରୁ ନାହିଁ । ଯାହାକୁ ନେଇ ସ୍ୱର ଉଠାଇଲେଣି ବରିଷ୍ଠ ନେତା । ସାମ୍ନାକୁ ନଆସିଲେ ମଧ୍ୟ ନବୀନ ନିବାସ ▶▶ପୃଷ୍ଠା ୭

# ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ମୁଖ୍ୟମନ୍ତ୍ରୀ




କେନ୍ଦୁଝର , ୧୫/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ୩ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନ । ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ରାଜ୍ୟ ସ୍ତରୀୟ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହର ଆରମ୍ଭ କରିଥିଲେ । ଏଥିରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ । ପ୍ରଥମେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଲକ୍ଷାଧିକ ଟଙ୍କାର ସହାୟକ ରାଶି ପ୍ରଦାନ କରିଥିଲେ । ଏହାପରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଅନେକ ବିରିଷ୍ଠ ନାଗରିକ ମାନଙ୍କୁ ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ୩୫୦୦ ଟଙ୍କାର ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିଥିଲେ । ▶▶ପୃଷ୍ଠା ୭

# ୭ ନକ୍ସଲ ଗିରଫ

ମାଲକାନଗିରି, ୧୫/୧ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡର ସୁକମା ପୁଲିସକୁ ଆଉ ଏକ ବଡ ସଫଳତା ମିଳିଛି। ପୁଲିସ ୭ ନକ୍ସଲଙ୍କୁ ଗିରଫ କରିଛି। ଜିଲ୍ଲା ପୁଲିସ, କୋବ୍ରା ଯବାନ ମିଳିତ ଭାବେ ଚିନ୍ତାଗୁମ୍ଫା ଥାନା ଅଞ୍ଚଳର ମେଟାଗୁଡା, ଏରନପାଲୀ, ଦୁଲେଡ ଗ୍ରାମ୍ୟ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ସେହି ସମୟରେ ଜଙ୍ଗଲରେ କିଛି ଲୋକ ଯବାନଙ୍କୁ ଦେଖି ଲୁଚିବାକୁ ଚେଷ୍ଟା କରିଥିଲେ। ତୁରନ୍ତ ଯବାନ ଜଙ୍ଗଲକୁ ଘେରି ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ପଚରାଉଚରା କରିବା ପରେ ସେମାନେ ନକ୍ସଲ ସଂଗଠନରେ କାମ କରୁଥିବା ସ୍ୱୀକାର କରିଥିଲେ। ଗିରଫ ନକ୍ସଲମାନେ ହେଲେ ସୋଡି ହିଡମା (୫୫), ମାଡବି ଚନ୍ଦ୍ରୁ (୪୮), ମାଡକମ ଭୀମା (୫୦), ସୋଡି ସମଡା (୨୬), ସୋଡି ବୁଦ୍ଧୁରାମ (୫୫), ସୋଡି କୋସା(୩୪) ଏବଂ ମଡକମ ହିଡମା(୨୨)। ସେମାନେ ବହୁ ନକ୍ସଲ ହିଂସାରେ ସାମିଲ ଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି।

# ଲିଙ୍ଗରାଜ ମନ୍ଦିର ସେବାୟତଙ୍କ ବିବାଦର ସମାଧାନ

ଭୁବନେଶ୍ୱର, ୧୫/୧ (ନି.ପ୍ର): ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ସେବକମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ଶେଷରେ ସମାଧାନ ହୋଇଛି ବୋଲି ଆଜି ମନ୍ଦିରର ଟ୍ରଷ୍ଟ ବୋର୍ଡର ଏକ ବୈଠକରେ ଯୋଗଦେବା ପରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ସମ୍ବାଦଦାତାମାନଙ୍କ ସହ କଥାବାର୍ତ୍ତା ବେଳେ ଖୋର୍ଦ୍ଧା ଜିଲ୍ଲାପାଳ କହିଛନ୍ତି ଯେ, ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଠାକୁରଙ୍କର ରୀତିନୀତି ବ୍ୟାହତ ହୋଇଛି। ଟ୍ରଷ୍ଟ ବୋର୍ଡ ବୈଠକରେ ଏହାର ସମାଧାନ ହୋଇଛି। ୨୪ ଘଣ୍ଟା ମଧ୍ୟରେ ଏଡିଏମ୍‌ଙ୍କୁ ଏନେଇ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ଯାହା ଉପରେ ଆଧାର କରି ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାପାଳ ଆଶ୍ୱାସନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ସେବାୟତମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ଏବଂ ଟ୍ରଷ୍ଟ ବୋର୍ଡର ଧାରା ୩୨ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିବାଦର ▶▶ପୃଷ୍ଠା ୭

# ପୁଣି ଫେରିବ ଶୀତଲହର

ଭୁବନେଶ୍ୱର, ୧୫/୧ (ନି.ପ୍ର): ଆଞ୍ଚଳିକ ପାଣିପାଗ ବିଭାଗର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ ଆସନ୍ତା ଦୁଇ ଦିନ ପରେ ଶୀତଲହର ଓଡ଼ିଶାକୁ ଫେରିବ ବୋଲି ଆଶା କରାଯାଉଛି। ଜାନୁଆରି ୧୭ରୁ ରାଜ୍ୟର ଉଭୟ ଆଭ୍ୟନ୍ତରୀଣ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ତାପମାତ୍ରା ଏବଂ ଶୀତ ଲହର ବଢ଼ିବାର ସମ୍ଭାବନା ରହିଛି। ଭୁବନେଶ୍ୱର-କଟକ ତାପମାତ୍ରା ତାପମାତ୍ରା ୨ରୁ ୪ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ପାଣିପାଗ ବିଭାଗ ଅନୁଯାୟୀ, ପଶ୍ଚିମାଝଡ଼ର ପ୍ରଭାବରେ ଘନ କୁହୁଡ଼ି ଆସନ୍ତା ଦୁଇ ଦିନ ମଧ୍ୟରେ ଓଡ଼ିଶାରୁ କମିଯିବ। ▶▶ପୃଷ୍ଠା ୭

# ଦିଲ୍ଲୀ କବ୍‌ଜା ପାଇଁ ଆଜି ନାମାଙ୍କନ ଭରିଲେ ହେଭିୱେଟ ପ୍ରାର୍ଥୀ: କେଜ୍ରିୱାଲ, ପ୍ରବେଶ ବର୍ମା ଓ ସନ୍ଦିପ ଦିକ୍ଷିତଙ୍କ ନାମାଙ୍କନ ଦାଖଲ



ନୂଆଦିଲ୍ଲୀ, ୧୫/୧ : ଦିଲ୍ଲୀରେ ବାଜିସାରିଛି ନିର୍ବାଚନୀ ବିଗୁଲ । ଆଜି ନାମାଙ୍କନ ଦାଖଲ କରିଛନ୍ତି ବିଭିନ୍ନ ଦଳର ହାଇପ୍ରୋଫାଇଲ ନେତା । ଏହା ଭିତରେ ଆମ ଆଦମୀ ପାର୍ଟିର ମୁଖ୍ୟ ତା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନାମାଙ୍କନ ଦାଖଲ କରିବା ପୂର୍ବରୁ ବିଶାଳ ରୋଡ ଶୋ କରିଛନ୍ତି । ତେବେ ବୁଧବାର ସକାଳୁ ମନ୍ଦିରରେ ପହଁଚି ଆର୍ଶୀବାଦ ଭିକ୍ଷା କରିବା ସହ ଦଳୀୟକର୍ମୀଙ୍କ ସହ ବିଶାଳ ରୋଡ ଶୋ କରି ଶକ୍ତି ପ୍ରଦର୍ଶନ କରିଛନ୍ତି । ନୂଆ ଦିଲ୍ଲୀ ଆସନରୁ ଏଥରକ ଲଢୁଛନ୍ତି କେଜ୍ରିୱାଲ । ଦିଲ୍ଲୀ ରାଜନୀତି ଇତିହାସ କୁହେ। ଦୀର୍ଘ ବର୍ଷ ଧରି ଦିଲ୍ଲୀକୁ କବା କରି ରଖିଥିଲା କଂଗ୍ରେସ । କିନ୍ତୁ ୨୭ ହେବ ଦୂରରେ ରହିଛି ବିଜେପି । ଏହା ଭିତରେ କ୍ରମାଗତ ୩ଥର ହେବ ଏଠାରେ ଶାସନ କ୍ଷମତା ବଜାର ରଖିବାରେ ସଫଳ ହେଉଛି ଆମ ଆଦମୀ ପାର୍ଟି । ଯଦି ନଜର ପକାଇବା ନୂଆଦିଲ୍ଲୀ ଆସନ ଉପରେ । କଂଗ୍ରେସରୁ ସନ୍ଦିପ ଦିକ୍ଷିତ, ଆପରୁ ଅରବିନ୍ଦ କେଜ୍ରିୱାଲଓ ବିଜେପିରୁ ପ୍ରଭେଶ ବର୍ମାଙ୍କ ମଧ୍ୟରେ ଲଢ଼େଇ । ଦିବଂଗତ କଂଗ୍ରେସ ନେତ୍ରୀ ସିଲା ଦିକ୍ଷିତଙ୍କ ମଧ୍ୟ ୩ଥର ନୂଆଦିଲ୍ଲୀ ବିଧାନସଭା ଆସନରୁ ଜିତିଥିଲେ । ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ ଉଦ୍‌ଘାଟିତ




ବାଲେଶ୍ୱର, ୧୫/୧ (ନି.ପ୍ର): ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫ର ଦ୍ୱିତୀୟ ଦିବସକୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉକ୍ତ ମେଳାରେ ସହରର ରେମୁଣା ଓ ବସ୍ତା ବ୍ଲକର ୧୦୦ଜଣ ଅଗ୍ରୀମ ଚାଷୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ମହୋଦୟ ଉପସ୍ଥିତ ସମସ୍ତ ଚାଷୀ କାର୍ଯ୍ୟରତ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ନିର୍ବାହୀ ଯନ୍ତ୍ରୀ (କୃଷି) ମାନଙ୍କୁ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ଉପସ୍ଥିତ ଚାଷୀମାନଙ୍କୁ ସ୍ୱାଗତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଓ ଆଲୋକ ଅଧିକାରୀ ଚାଷୀମାନଙ୍କୁ କୃଷି ଯନ୍ତ୍ରପାତି ବ୍ୟବହାର ସମ୍ବନ୍ଧରେ ବୁଝାଇଥିଲେ । କୃଷି ଜିଲ୍ଲା ଅଧିକାରୀ ବାଲେଶ୍ୱର ତୁଷାରକାନ୍ତି ତୁଙ୍ଗ ଚାଷୀମାନଙ୍କୁ ସମନ୍ୱିତ ରୋଗ ପୋକ ପରିଚାଳନା ସଂବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ସରୋଜ କୁମାର ଗିରି କୃଷି ବିଭାଗର ବିଭିନ୍ନ ଯୋଜନା ସଂପର୍କରେ ଚାଷୀମାନଙ୍କୁ ଅବଗତି କରାଇଥିଲେ । ସହକାରୀ କୃଷିଯନ୍ତ୍ରୀ ତନ୍ମୟୀକା ଦାସ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ଉକ୍ତ ମେଳା ୧୩.୧.୨୫ ରୁ ୧୯.୧.୨୫ ରିଖ ପର୍ଯ୍ୟନ୍ତ ଚାଲିବ ।

# ବ୍ୟାସକବି ନଗର ବିକାଶ ପରିଷଦର ୩୩ତମ ବାର୍ଷିକ ଉତ୍ସବ ଓ କଥାସମ୍ରାଟ୍ ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ପାଳନ




ବାଲେଶ୍ୱର, ୧୫/୧ (ନି.ପ୍ର): ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୮୩ତମ ଜୟନ୍ତୀ ଓ ବ୍ୟାସକବି ନଗର ବିକାଶ ପରିଷଦର ୩୩ତମ ବାର୍ଷିକ ଉତ୍ସବ ମଙ୍ଗଳବର ଦିବସବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟକ ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଓ ସମ୍ମାନୀତ ଅତିଥିଭାବେ ବାଲେଶ୍ୱର ପୌରାଧକ୍ଷା ସବିତାସାହୁ ଯୋଗଦେଇ ସ୍ଥାନୀୟ ଅଞ୍ଚଳବାସୀଙ୍କର ଏକତା ଓ ସାଂସ୍କୃତିକ ଚେତନାକୁ ଉଚ୍ଚପ୍ରଶଂସା କରିଥିଲେ। 'ବହିଘର'ର ମୁଖ୍ୟ କବି ଅଭୟ କୁମାର ଦାସ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂକଟରୁ ମୁକ୍ତିପାଇଁ ଅବିଚଳିତ ସଂଗ୍ରାମର ପଟାନ୍ତର ନାହିଁ ବୋଲି ମୁଖ୍ୟବକ୍ତା ଭାବେ ମତ ଦେଇଥିଲେ। ପରିଷଦର ସଭାପତି ସଂଜୟ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଓ ବକ୍ତାମାନେ ଫକୀରମୋହନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରିଷଦର ସଂପାଦକ ବିନୋଦ ବିହାରୀ ପଣ୍ଡା ବାର୍ଷିକ ବିବରଣୀ ଓ କୋଷାଧକ୍ଷ ଅଶୋକ ଦାଶ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ପରିଷଦର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ ନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଚିତ୍ରାଙ୍କନ, ବକ୍ତୃତା, ମୁରୁଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତିପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପୌରସଂସ୍ଥାର ଜନୈକ ଠିକା କର୍ମଚାରୀଙ୍କୁ ପରିଷଦ ତରଫରୁ ତାଙ୍କର କର୍ତ୍ତବ୍ୟନିଷ୍ଠା ପାଇଁ ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପରିଷଦର ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୌରୀରାଣୀ ଉପାଧ୍ୟାୟ, ମିଷ୍ଟି ନାୟକଙ୍କ ପରିଚାଳନାରେ ଶିଶୁମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର କର୍ମକର୍ତ୍ତା ପ୍ରଭାତ କୁମାର ସାହୁ, ରଂଜନ ଭୋଇ, ସରସ୍ୱତୀ ପଣ୍ଡା, ଗୁଣାକର ଦେ, ମୁକୁନ୍ଦ ମୁରାରୀ ଦାସ, ଇଂ. ଡମ୍ବରୁଧର ପ୍ରଧାନ, ଅଖିଳ କୁମାର ଦାସ, ରାଜକିଶୋର ରାଉତ, ଅକ୍ଷୟ କୁମାର ତ୍ରିପାଠୀ, ରଜତ ପରିଡ଼ା, ନିରଞ୍ଜନ ପରିଡ଼ା, ସୁବ୍ରତ ଦାଶ, ଦେବାଶିଷ ଦାଶ, ଉମାକାନ୍ତ ମହାନ୍ତି, ସୁଧୀର ଦାସ, ଆଦିତ୍ୟ ମହାନ୍ତି, ପ୍ରତିମା ପରିଡ଼ା, ମାମିନା ମିଶ୍ର, ରୀତା ମଙ୍ଗରାଜ, ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ପୂର୍ବାହ୍ନ କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟ ଓ ସଂସ୍କୃତିପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପରିଷଦର ବରିଷ୍ଠ ସଦସ୍ୟ ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଅଧିବାସୀମାନେ ଯୋଗ ଦେଇଛନ୍ତି।

# ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ସମାଜକୁ ପରିବର୍ତ୍ତନ କରିପାରେ




ଡୁଙ୍ଗୁରା(ଖଇରା ବ୍ଲକ୍): ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଦ୍ୱାଦଶତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଅଛି । ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ବିଦ୍ୟାର୍ଥୀକୁ ସଫଳତା ମାର୍ଗରେ ନେଇଥାଏ ବୋଲି ମୁଖ୍ୟ ଅତିଥି ସିମୁଳିଆ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ପଦ୍ମଲୋଚନ ପଣ୍ଡା ମହୋଦୟ କହିଥିଲେ । ସଭାପତି ଶିଶିର କୁମାର ସାମଲଙ୍କ ପୌରହିତ୍ୟରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଜଳେଶ୍ୱରସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ବିଜୟ କୁମାର ବେହେରା, ସମ୍ମାନିତ ଅତିଥି ଖଇରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କୈଳାସ ଚନ୍ଦ୍ର ବେହେରା ଯୋଗ ଦେଇ ବିବେକାନନ୍ଦଙ୍କ ନାମାନୁସାରେ ଗଢ଼ାଯାଇଥିବା ଶିକ୍ଷାକେନ୍ଦ୍ରଟିର ଉତ୍ତରୋତ୍ତର ଉନ୍ନତି କାମନା ସହ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରଣା ଦେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା କମିଟିର ସଭାପତି ରବୀନ୍ଦ୍ର ନାଥ ନାୟକ, ସଂପାଦକ ବିଷ୍ଣୁ ପ୍ରସାଦ ବାରିକ, ଦାତା ସଭ୍ୟ ବିଶ୍ୱନାଥ ସେଣ୍ଠ, ଡୁଙ୍ଗୁରା ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ତପସ୍ୱିନୀ ସାହୁ, ସାଂସ୍କୃତିକ ପ୍ରମୁଖ ବୈକୁଣ୍ଠ ନାଥ ପଣ୍ଡା, ଶିକ୍ଷାବିତ୍ ନନ୍ଦକିଶୋର ପୃଷ୍ଟି ପ୍ରମୁଖ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ଆଚାର୍ଯ୍ୟା ସୁଶ୍ରୀ ସୁପ୍ରଭା ଖଟୁଆ ଅତିଥି ପରିଚୟ କରିଥିଲା ବେଳେ ପ୍ରଧାନ ଆଚାର୍ଯ୍ୟା ସବିତା ରାଣୀ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବାର୍ଷିକ ବିବରଣ ପାଠ କରିଥିଲେ । ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପିଲାମାନଙ୍କ ଦ୍ୱାରା ପରିବେଷିତ ଶାରିରୀକ କୌଶଳ, ନୃତ୍ୟ, ସଂଗୀତ, ନାଟକ ଆଦି ସୁନ୍ଦର କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ପ୍ରମୁଖ ଦକ୍ଷତାର ସହ ସୁନ୍ଦର ଭାବରେ ପରିଚାଳନା କରିଥିଲେ ।

# ଅଭ୍ୟୁଦୟମ ସଭାଗୃହ ପରିସରରେ ବ୍ୟାସକବି ଜୟନ୍ତୀ ପାଳିତ



ବାଲେଶ୍ୱର (୧୪/୦୧) ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ପଳାସପୁର ଅଗ୍ରଣୀ ସ୍ୱଛାସେବୀ ସଂଗଠନ ଅଭ୍ୟୁଦୟମ ସଭାଗୃହ ପରିସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫକୀରମୋହନ ସାହିତ୍ୟପରିଷଦର ଆଜୀବନ ସଦସ୍ୟ କବି ସୁଧାକର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆମେରିକା ସନଫ୍ରାନସିସ୍କୋରେ ରହୁଥିବା ପ୍ରବାସୀ ଭାରତୀୟ ତଥା ଓଡିଶାର କୃତ୍ରୀମ ବୁଦ୍ଧିମତା(ଇଓ)ର ପ୍ରସାରକ ଅଞ୍ଜନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କିଭଳି ଏ ଜାତି ବ୍ୟାସକବିଙ୍କ ପାଖରେ ଚିରଋଣୀ ବର୍ଣ୍ଣନା କରିଥିଲେ। ତାଙ୍କର ରେବତୀ ଚରିତ୍ର ସାରାବିଶ୍ୱରେ ଅଦ୍ୱିତୀୟ। ଏବେ ଇଓମାଧ୍ୟମରେ ସାରା ଦୁନିଆ ତାଙ୍କୁ ଜାଣିବାର ବେଳ ଆସିଛି ବୋଲି କଥାରେ ରଖିଥିଲେ। ମୁଖ୍ୟ ବକ୍ତା ଭାବରେ ଆଞ୍ଚଳିକ ପୁରାତନ ବିଦ୍ୟାର୍ଥୀ ପରିଷଦ,ରେ ସଭାପତି ଜଳଧର ସାମଲ,ଅଭ୍ୟୁଦୟମର ମୁଖ୍ୟ ସବ୍ୟସାଚୀ ପ୍ରଧାନ, ଯୁବ ଇଂଜିନିୟର ମନ୍ମଥ ବାରିକ,ଶିକ୍ଷାବିତ ନ୍ୱକୁମାର ନାୟକ, ବରିଷ୍ଠ ଆଇନଜୀବୀ କେଶବ ଆଚାର୍ଯ୍ୟ,ସୁରଞ୍ଜନ ରାଉତ, ସନତ କୁମାର ପରିଡା,ଶିକ୍ଷୟିତ୍ରୀ ସାବିତ୍ରୀ ଦାସ,ଜନ୍ମଜୟ ଜେନା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ।ଶୁଭ୍ରାଂଶୁ ରାଉତ ମଞ୍ଚ ଆହ୍ୱାନ କରିଥିବା ବେଳେ, ଭବେଶ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ମକର ବଣ୍ଟନ ହୋଇଥିଲା। ଶେଷରେ ଚଳିତବର୍ଷର ମକର ମିଳନ ଅନୁଷ୍ଠିତ ହୋଇଥିଲା।

# କଥାସମ୍ରାଟ ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ଉତ୍ସବ ପାଳିତ



ବାଲେଶ୍ୱର , ୧୫/୧ (ନି.ପ୍ର): ସାଂପ୍ରତିକ ସମାଜରେ ଯେଉଁସବୁ ସଂକଟ ଦେଖାଯାଉଛି ସେସବୁ ସଂପର୍କରେ ସାହିତ୍ୟିକମାନେ କଲମ ଚାଳନା କରନ୍ତୁ। ସମୂହ ହିତ ସାଧନ କରିବା ହିଁ ସାହିତ୍ୟିକର ମୂଳଲକ୍ଷ୍ୟ ହେବା ଉଚିତ। ଓଡ଼ିଆ ଭାଷାର ତ୍ରାଣକର୍ତ୍ତା କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମଦିନ ପାଳନ କରିବା ପୂର୍ବରୁ ଆମେ ଆତ୍ମସମୀକ୍ଷା କରିବା ଉଚିତ ଯେ ଆମେ ତାଙ୍କର ଯୋଗ୍ୟତମ ଦାୟାଦ କି ନୁହେଁ। ଭାଷା ନ ଥିଲେ ମଣିଷ ବଞ୍ଚିପାରିବ ନାହିଁ। ଓଡ଼ିଆ ଭାଷା ଆଜି ସଂକଟରେ ପଡ଼ିଛି ବୋଲି ଭାବିବା ଅପେକ୍ଷା ସଂକଟକୁ ସମ୍ଭାବନାରେ ପରିଣତ କରିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜନ୍ମତିଥିରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ 'ସମ୍ବାଦ'ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ସୌମ୍ୟରଂଜନ ପଟ୍ଟନାୟକ ମନ୍ତବ୍ୟ ରଖିଥିଲେ। ବର୍ଷିୟାନ ଲେଖିକା ରାସେଶ୍ୱରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ଉତ୍ସବକୁ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଯଶସ୍ୱୀ ଐତିହାସିକ ଲଲାଟେନ୍ଦୁ ଦାସ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଫକୀରମୋହନଙ୍କ ମୂଳ ଆତ୍ମଚରିତର ପ୍ରକାଶନ ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି ସୂଚନା ଦେଇଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ସାହିତ୍ୟ ବାହିକା' ଉନ୍ମୋଚିତ ହେବା ସହ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କଦ୍ୱାରା ପ୍ରସ୍ତୁତ ସନ୍ଥକବି ଭୀମଭୋଇ, ଭକ୍ତକବି ମଧୁସୂଦନ ଓ କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଅତିଥିମାନଙ୍କଦ୍ୱାରା ଅନାବରଣ କରାଯାଇଥିଲା। କୋଷାଧକ୍ଷ ତପନ ରାୟଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ପର୍ବରେ ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ରଙ୍କ ପରିଷଦର ସର୍ବୋଚ୍ଚ ପୁରସ୍କାର 'ଫକୀରମୋହନ ସାହିତ୍ୟଶ୍ରୀ' ପ୍ରଦାନ କରାଯାଇଥିବାବେଳେ ଉଦୀୟମାନ କବି ଦିପୁନ ପୁହାଣଙ୍କୁ 'ହାଜି ଅସରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାର'ରେ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ଲଲାଟେନ୍ଦୁ ଦାସ ମହାପାତ୍ର (ପ୍ରବନ୍ଧ), ଡ. ଦେବାଶିଷ ପାତ୍ର (ସମାଲୋଚନା), ସୌଭାଗ୍ୟବନ୍ତ ମହାରଣା (କବିତା), ସୀତେଶ ତ୍ରିପାଠୀ (ଗଳ୍ପ), ନିବାରଣ ଜେନା (ଉପନ୍ୟାସ), ସଂଜୟ ହାତୀ (ନାଟକ), ମନୋଜ ମହାନ୍ତି (ଗୀତିକବିତା), ବର୍ଣ୍ଣାଳୀ ଶର୍ମା ଗୌଡ଼ (ଅନୁବାଦ), ବ୍ରଜବିହାରୀ ସୁବୁଦ୍ଧି (ହାସ୍ୟ ଓ ବ୍ୟଙ୍ଗସାହିତ୍ୟ), ଦେବେନ୍ଦ୍ରନାଥ ଚୌଧୁରୀ (ଶିଶୁସାହିତ୍ୟ), ଚିନ୍ମୟ ହୋତା (ସମ୍ବାଦ ସାହିତ୍ୟ), ଇଂ. ରଶ୍ମିରଂଜନ ରାୟ (ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର), ଡ. ଭାଗବତ ପ୍ରସାଦ ଦାସ (ସାହିତ୍ୟ ସଂଗଠନ), କମଳ କୁମାର ମହାନ୍ତି (ପତ୍ରିକା ସଂପାଦନା), ଡ. ମୋହିତ କୁମାର ଷଡ଼ଙ୍ଗୀ (ସାହିତ୍ୟକ ଓ ସମାଜସେବୀ), ପଣ୍ଡିତ ଭୂପତି ଭୂଷଣ ମିଶ୍ର (ଆଧ୍ୟାତ୍ମିକ ସାହିତ୍ୟ), ଅଶୋକ ମହାନ୍ତି (ଭ୍ରମଣ ସାହିତ୍ୟ), ରାସେଶ୍ୱରୀ ମିଶ୍ର (ଆତ୍ମଜୀବନୀ) ସଙ୍ଗୀତା ପଣ୍ଡା (ସଙ୍ଗୀତଶ୍ରୀ ସମ୍ମାନ), ସୁଶାନ୍ତ କୁମାର ଦାସ (ଦକ୍ଷ ତବଲା ବାଦକ) ଓ ଡ. କମଳାକାନ୍ତ ଜେନା (ବିଜ୍ଞାନ ସାହିତ୍ୟ) ସମ୍ବର୍ଦ୍ଧିତ ହୋଇଥିଲେ। ସୁଶ୍ରୀ ଅରୁଣା ରାୟଙ୍କ 'ପରିଷଦ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ଡ. ହରିଶ୍ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ତପନ ରାୟ ଶେଷକଥା ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗବେଷିକା ଡ. ଜୟନ୍ତୀ ରଥ ମୁଖ୍ୟଅତିଥି, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ମୁଖ୍ୟବକ୍ତା ଓ ବରିଷ୍ଠ କଥାକାର ଡ. କବିତା ବାରିକ ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ନିଜନିଜର ବକ୍ତବ୍ୟ ରଖିଥିଲେ। ଡ. ରତ୍ନାକର ସିଂହ ଆଲୋଚନାଚକ୍ର ସଂପର୍କରେ ପ୍ରାକ୍ ସୂଚନା ଦେଇଥିବାବେଳେ ଡ. ସୁକାନ୍ତ ଗିରି ମଞ୍ଚଆବାହନ ଓ ସ୍ମୃତି ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ରଚନା ଓ ଅର୍ଣ୍ଣବ କରଙ୍କ ନିର୍ଦ୍ଦେଶନାରେ ନାଟକ 'ଅପୂର୍ବ ମିଳନ'ରେ ପରିଷଦର ମହିଳା ସଦସ୍ୟ ଗୀତାଞ୍ଜଳି ଶତପଥୀ, ସୁନାମଣି ଜେନା, ଅବନ୍ତୀ ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଅର୍ଚ୍ଚନା କର, ତୃପ୍ତିରାଣୀ ପାତ୍ର, ଅଞ୍ଜଳି ପଣ୍ଡା, କଲ୍ୟାଣୀ ନନ୍ଦ, ମାମିନା ମହାପାତ୍ର, ଶାନ୍ତିଲତା ବିଶି, ଚିତ୍ରାରାଣୀ ପାତ୍ର, ଶାନ୍ତିଲତା ପଣ୍ଡା, ପ୍ରତିମା ପଣ୍ଡା, କୃଷ୍ଣା ପ୍ରଧାନ, ଅମିତା ଚାନ୍ଦ, ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି, ମମତା ଦାସ, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ ଓ ରଞ୍ଜିତା ପ୍ରମୁଖ ବିଭିନ୍ନ ଭୂମିକାରେ ନିଖୁଣ ଅଭିନୟ କରିଥିଲେ। ଗୁରୁ ନନ୍ଦକିଶୋର ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

# ଚୋରମୁହାଁ ସୋସାଇଟିରେ ଧାନମଣ୍ଡି ଖୋଲିଲା

ଧର୍ମଶାଳା, ୧୫/୧ (ନି.ପ୍ର): ସରକାର ଚାଷୀଙ୍କ ପାଇଁ ଗୁରୁତ୍ୱ ଦେଉଛନ୍ତି । ଚାଷୀ କିପରି ଉପକୃତ ହୋଇପାରିବେ ସେନେଇ ଯୋଜନା କରୁଛନ୍ତି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଚୋରମୁହାଁ ସୋସାଇଟି କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡି ଆଜି ଉଦଘାଟିତ ହୋଇଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ । ଧାନବିକ୍ରୟ ପାଇଁ ଆସୁଥିବା ସମସ୍ତ ଚାଷୀଙ୍କ ଧାନକୁ ସଠିକ ମୂଲ୍ୟାୟନ କରିବାକୁ ପରାମର୍ଶ ଦେଇଥିଲେ । ବିଧାୟକଙ୍କ ସହିତ ସଭାପତି ତପସ୍ୱିନୀ ବିଶ୍ୱାଳ, ମଧୁସୁଦନ ସାହୁ, ଏରିଆ ଅଫିସର ପ୍ରଭାତ କୁମାର ବେହେରା, ମୋନାଲିସା ପ୍ରଧାନ ଓ ସୋସାଇଟି ସମ୍ପାଦକ ସମ୍ଭୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଆଜି ଉଦଘାଟନୀ ଦିବସରେ ମିଲର ନଆସିଥିବାରୁ ଆଜି ଧାନ ସଂଗ୍ରହ ହୋଇପରି ନାହିଁ । ଆସନ୍ତା ସୋମବାର ଠାରୁ ଚାଷୀମାନଙ୍କ ଠାରୁ ବିଦ୍ଧିବଦ୍ଧ ଧାନ ସଂଗ୍ରହ କରାଯିବ ବୋଲି ସୋସାଇଟିର ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

# ଶିକ୍ଷା ହିଁ ସଭ୍ୟତା ବିକାଶର ମୂଳ ମନ୍ତ୍ର ଅଟେ



ରେମୁଣା , ୧୫/୧ (ନି.ପ୍ର): ସ୍ଥାନୀୟ ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର ର ଦ୍ୱାଦଶ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରେମୁଣା ଅତିରିକ୍ତ ଗୋଷ୍ଠୀ ଅଧିକାରୀ ବଳରାମ ନାୟକ ଯୋଗ ଦେଇ ପିଲା ମାନଙ୍କ ମଧ୍ୟରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଉପଯୁକ୍ତ ଶିକ୍ଷା ଏବଂ ସଂସ୍କାର ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କୁ ଗଠନ ଦିଗରେ ମାଆ ମାନେ ଅଧିକ ଯତ୍ନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନ ର ସଭାପତି ଜଗବନ୍ଧୁ ପଣ୍ଡା ଙ୍କ ସଭାପତି ତ୍ୱ ରେ ଏହି ଉତ୍ସବ ରେ ବରିଷ୍ଠ ପରିଚାଳନା ସମିତି ସଦସ୍ୟ ମନୋରଞ୍ଜନ ପତି ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଭାବେ ବଡ଼ପାଳ ପଂଚାୟତ ସରପଞ୍ଚ ଇଂ କମଳ ଲୋଚନ ପଣ୍ଡା, ସି ଆର ସି ସି ରମେଶଚନ୍ଦ୍ର ଖଣ୍ଡା ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେକ୍ଷ ପ୍ରାରମ୍ଭ ରେ ଅନୁଷ୍ଠାନ ର ସର୍ବେଶ୍ୱର ମାଝୀ ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ସହ ଅନୁଷ୍ଠାନ ର ନାନା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସହକାରୀ ଆଚାର୍ଯ୍ୟକ୍ଷ ରଞ୍ଜୁଲତା ମହାନ୍ତି ବାର୍ଷିକ ବିବରଣୀ ପାଠ କରି ଥିବା ବେଳେ ଗୁରୁମା ରେବତୀ ବାରିକ ଧନ୍ୟବାଦ ଅର୍ପଣ କରିଥଲେ । ଏହା ପରେ ପିଲାମାନେ ନିଜ ନିଜ ମାଆ ମାନଙ୍କୁ ପୂଜନ କରିଥିଲେ । ପ୍ରାରମ୍ଭ ରେ ଅନୁଷ୍ଠିତ ବିଦ୍ୟାଳୟ ବିଜ୍ଞାନ ମେଳା ଓ ଶିଶୁ ମେଳା ରେ ବିଭିନ୍ନ ବିଭାଗରେ ପିଲା ମାନେ ପ୍ରକଳ୍ପ ସହ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗୀତିନାଟ୍ୟ ପରିବେଷଣ ହୋଇଥିଲା।

# ଭଅଁରେଶ୍ୱରରେ ଭଗବତୀ ପୂଜା ଓ ଯାତ୍ରାଭିନୟ

ବାଲେଶ୍ୱର, ୧୫/୧ (ନି.ପ୍ର): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ବଣିଆଡିହା ଗ୍ରାମ ପଞ୍ଚାୟତସ୍ଥ ଭଅଁରେଶ୍ୱର ଶୀତଳାମାତା ପୂଜା କମିଟି ତରଫରୁ କଇନଗରୀ ଓ କମାରଗଡ଼ିଆରୁ ଭଗବତୀ ଠାକୁରାଣୀଙ୍କୁ ରୋଷଣୀ ଓ ବାଜା ବଜାଇ ଅଣାଯାଇଥିଲା । ପୂଜକ ତାପସ କୁମାର ପଣ୍ଡା ଓ ରଘୁନାଥ ମିଶ୍ର ଶହ ଶହ ଶ୍ରଦ୍ଧାଳୁଙ୍କ ପାଇଁ ପୂଜାର୍ଚ୍ଚନା କରିଥିଲେ । ଆଖପାଖ ଅଞ୍ଚଳର ଭକ୍ତମାନେ ବହୁ ସଂଖ୍ୟାରେ ଏହି ମେଳାରେ ଏକତ୍ରିତ ହୋଇଥିଲେ । ଏହି ଅବସରରେ କମର୍ଦ୍ଧାର ପୁରୁଷୋତ୍ତମ ଅପେରା ଚାରି ରାତି ଧରି ପରିବେଷଣ ହୋଇଥିଲା । ଏଥିପାଇଁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ପୂଜା କମିଟି ସଭାପତି ତଥା ଗାଁ ମୁଖିଆ ରବୀନ୍ଦ୍ର ବେହେରାଙ୍କ ନେତୃତ୍ୱରେ ରବୀନ୍ଦ୍ର ନାଥ ଜେନା, ମୃତ୍ୟୁଞ୍ଜୟ ପରିଡ଼ା, ସଞ୍ଜୟ କୁମାର ନାୟକ ଓ ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ୨୨ ଜଣିଆ କମିଟିର ସଦସ୍ୟମାନେ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରଥମ ଲଳିତ ନାୟକ ମେମୋରିଆଲ୍ ସର୍ବଭାରତୀୟ ଫ୍ଲଡ୍‌ଲାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ବଲାଙ୍ଗୀର, ୧୫/୧ (ନି.ପ୍ର): ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଆରମ୍ଭ ହୋଇଛି ପ୍ରଥମ ଲଳିତ ନାୟକ ମେମୋରିଆଲ୍ ସର୍ବଭାରତୀୟ ଫ୍ଲଡ୍‌ଲାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓ ଏହି ଟୁର୍ଣ୍ଣାମେଂଟକୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଥିଲେ। ସମ୍ମାନତି ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ଯୋଗଦାନ କରିଥିଲେ। ଦୀପକ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଅତିଥି ଭାବେ ପ୍ରଭାସ କୁମାର ପାଣିଗ୍ରାହୀ, ପ୍ରଦ୍ୟୁତ୍ କୁମାର ମିଶ୍ର, ଆଡଭୋକେଟ୍ ରତନ ମହାରଣା ଓ ପ୍ରଭାକର ମିଶ୍ର ମଂଚାସୀନ ଥିଲେ। ସଭାକାର୍ଯ୍ୟକୁ ଅଙ୍କୁଶ କୁମାର ପାଣ୍ଡିଆ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱର୍ଗତ ଲଳିତ ନାୟକଙ୍କ ସେବା କାର୍ଯ୍ୟ ଆଗାମି ପିଢ଼ି ପିଢ଼ି ପାଇଁ ପ୍ରେରଣାର ଉତ୍ସହୋଇ ରହିବ ବୋଲି କହିଥିଲେ। ସଭା ପରେ ଆର୍‌ଏସ୍ ଫାଇଟର ଟିମ୍ ଏବଂ ରୁଦ୍ର ଏକାଦାଶ ଦଳ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆର୍‌ଏସ୍ ଫାଇଟର ଟିମ୍ ବିଜୟୀ ହୋଇଥିଲେ। ଏହାପରେ ସମଲେଶ୍ୱରୀ କ୍ରିକେଟ୍ କ୍ଲବ୍ ଏବଂ ବଲାଙ୍ଗିର କ୍ରିକେଟ୍ ଏକାଡେମୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲେଶ୍ୱରୀ କ୍ରିକେଟ୍ କ୍ଲବ୍ ବିଜୟୀ ହୋଇଥିଲେ। ଏହାପରେ ଆର୍‌ଏସ୍ ଫାଇଟର ଓ ସମଲେଶ୍ୱରୀ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆରଏସ୍ ଫାଇଟର ଦଳ ବିଜୟୀ ହୋଇଥିଲେ। ମ୍ୟାଚ୍ ଗୁଡିକୁ ରାଜକୁମାର ପାଣିଗ୍ରାହୀ, ପ୍ରସାନନ ବାଗ ଓ ସୌରଭ ପଧାନ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ବିଭୂତି ଭୂଷଣ ମିଶ୍ର ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ସୁରଥ ଦାସ ୟୁଟୁବ୍ ଲାଇଭ୍ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୧୯ ତାରିଖରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଗୋପାଳ ଦାନୀ, ବୁଲୁ ବେହେରା, ଜୟନାରାୟଣ ବହିହାର, ବିବେକାନନ୍ଦ ପଟେଲ, ବିକି ହୋତା, ସୁମିତ ଦାସ, ପ୍ରଦୋଷ ବିଶି, ଦେବାଶିଷ ଦାଶ, ଶୋଭାନ ଅଗ୍ରୱାଲ, ତାପସ ମହାନ୍ତି, ଜିତୁ ଥପା, ଆଶୁତୋଷ ବାଗ, ରାହୁଲ ସାହୁ ଓ ଶିବା ସାଏ ସହଯୋଗ କରୁଛନ୍ତି।

# ମକର ସଂକ୍ରାନ୍ତିରେ ଇମାମୀର ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର , ୧୫/୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ରେମୁଣା ବ୍ଲକର ଆମ୍ବଡିହାଠାରେ ଶତାଧିକ ବର୍ଷର ପୁରାତନ ଐତିହ୍ୟସଂପନ୍ନ କପିଳ ମୁନି ମେଳାରେ ଇମାମୀ ପେପର ମିଲସ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି ।ଏହି ଶିବିରରେ ଦିଖାପଦା, ନରହରିପୁର, କୁଚିଳାପଦା, ବଡୁଆ, ବାସୁଖୁଣ୍ଟା, ହେନ୍ତସୁରା, ବାହାଳ,ଉଥୁଳି ପ୍ରଭୃତି ଗ୍ରାମର ଗ୍ରାମବାସୀ ଓ ମେଳାକୁ ଆସିଥିବା ଶତାଧିକ ଲୋକମାନଂକର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଔଷଧ ବିତରଣ କରାଯାଇଛି। ମେଳା କମିଟିର ବରିଷ୍ଠ ଉପଦେଷ୍ଟା ରମାକାନ୍ତ ଗନ୍ତାୟତ ଓ ଦିଖାପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ମଲିକ ମିଳିତ ଭାବେ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ। ଇମାମୀର ଜେନେରାଲ ମ୍ୟାନେଜର ଡଃ ୟୁସୁଫ ଅଲ୍ଲୀ ସୋଲାଂକୀ, ଡିଜିଏମ ମନୋଜ କୁମାର ପାଢୀଂକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଇମାମୀର ଆୟୁର୍ବେଦିକ ଚିକିତ୍ସକ ଡଃ ପ୍ରଦୀପ କୁମାର ଜେନା, ହୋମିଓପ୍ୟାଥି ଚିକିତ୍ସକ ଡଃ ଜିତେନ୍ଦ୍ର ମହାରଣା ରୋଗୀ ମାନଂକର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ। ବରିଷ୍ଠ ସାମ୍ବାଦିକ ରବି ରାଉତ, ସାମାଜିକ କର୍ମୀ ବାବାଜୀ ମଲିକ,ରବୀନ୍ଦ୍ର ସିଂ,ଗୋପିନାଥ ମହାପାତ୍ରଂକ ସମେତ ମେଳା କମିଟିର ସଭ୍ୟମାନେ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ମେଳା କମିଟି ପକ୍ଷରୁ ଇମାମୀର ଏତାଦୃଶ ସମାଜସୂବା କାର୍ଯ୍ୟର ଭୂୟସୀ ପ୍ରଶଂସା କରାଯାଇଛି।

# ବାଇକ ଧକ୍କାରେ ଯୁବକ ଗୁରୁତର

କୋରେଇ, ୧୫/୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନାର ଅନତୀଦୂରରେ ଭାରସମ୍ୟ ହରାଇ ଏକ ବାଇକ ଆରୋହୀ ଏକ ଗାଡିରେ ପିଟି ହୋଇ ରାସ୍ତାରେ ପଡି ଗୁରୁତର ଆହତ ହୋଇଛନ୍ତି। ବାଲୋଶ୍ୱର ଜିଲ୍ଲା ସୋର ଘୋଡା ସାହିର ସୁକଦେବ ସାହୁଙ୍କ ପୁଅ ରଂଜନ ସାହୁ (୪୧) ଏକ ବାଇକ ଯୋଗେ ରାଜପଥରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ଘଟଣା ସ୍ଥଳେ ପୁଲିସ ପହଂଚି ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ବାଇକଟିକୁ ଜବତ କରିଛି ।

## ଧାରାବାହିକ: ଭାଗ-୩୭

# ସଂକ୍ଷିପ୍ତ ଭାଗବତ କଥାମୃତ





ଡ. ଶ୍ରୀହରି ପଣ୍ଡା

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୨ଶ ଅଧ୍ୟାୟ

### ।। ବ୍ରହ୍ମଚର୍ଯ୍ୟ ଓ ବାନପ୍ରସ୍ଥ ଆଶ୍ରମର ନିୟମ ।।

ଦେବର୍ଷି ନାରଦ ବ୍ରହ୍ମଚର୍ଯ୍ୟ ଆଶ୍ରମ ବିଷୟରେ କହିଲେ ଯେ, ବ୍ରହ୍ମଚାରୀମାନେ ଗୁରୁଗୃହରେ ବାସ କରିବା ସହ ଜିତେନ୍ଦ୍ରିୟ ହୋଇ ଗୁରୁସେବା ସହ ପ୍ରାତଃ ଓ ସାୟଂ କାଳରେ ମୌନୀ ଏବଂ ତ୍ରିସନ୍ଧ୍ୟାରେ ଗାୟତ୍ରୀ ଜପ କରିବେ । ବିଦ୍ୟାରମ୍ଭ ଓ ଶେଷରେ ପ୍ରତ୍ୟହ ଗୁରୁଙ୍କ ପଦରେ ପ୍ରଣିପାତ କରିବେ । ମେଖଳା, ଜିନବାସ, ଜଟା, ଦଣ୍ଡ କମଣ୍ଡଳୁ ଓ ଯଜ୍ଞୋପବୀତ ଧାରଣ କରିବା ସହ ପାଞ୍ଚଗୃହରୁ ଭିକ୍ଷା ଲବ୍ଧ ବସ୍ତୁ ଆଣି ଗୁରୁଙ୍କୁ ଅର୍ପଣ କରିବେ । ଗୁରୁଙ୍କ ଅନୁମତି କ୍ରମେ ଭୋଜନ କରିବେ ନଚେତ ଉପବାସ ରହିବେ । ସୁଶୀଳ ଓ ଅଳ୍ପାହାରୀ କାର୍ଯ୍ୟଦକ୍ଷ ହେବେ । ସ୍ତ୍ରୀ ବା ସ୍ତ୍ରୈଣ ବ୍ୟକ୍ତିଠାରୁ ଦୂରେଇ ରହିବେ । କେଶ ପ୍ରସାଧାନ, ଗାତ୍ର ମର୍ଦ୍ଦନ, ତୈଳ ଗ୍ରହଣ, ଗୁରୁ କାମିନୀଙ୍କ ଗୋଚରରେ ସ୍ନାନ, ମାର୍ଜନ, ପରିଧାନ କରିବେ ନାହିଁ । ନାରୀ ଅଗ୍ନି ସଦୃଶ ଓ ପୁରୁଷ ଘୃତ କୁମ୍ଭ ସ୍ୱରୂପ । ସୁତରାଂ ପୁତ୍ର କିମ୍ବା କନ୍ୟା ହେଲେ ସୁଦ୍ଧା ତା ସହିତ ନିର୍ଜନ ସ୍ଥାନରେ ବାସ କରିବା ଅନୁଚିତ । ମନରେ ଜୀବ, ଈଶ୍ୱର ଭେଦଭାବ ଥିବା ଯାଏଁ ସ୍ତ୍ରୀ ପୁରୁଷ ଭେଦଭାବ ଥାଏ । ତେଣୁ ସ୍ତ୍ରୀ ସଙ୍ଗ ବର୍ଜନୀୟ । ବ୍ରହ୍ମଚାରୀ ଆମିଷ, ମଧୁ, ମାଲ୍ୟ, ଅନୁଲେପନ ଓ ବେଶଭୂଷା ତ୍ୟାଗ କରି ଶେଷରେ ଗୁରୁଙ୍କ ଅଭିଳଷିତ ଦକ୍ଷିଣା ପ୍ରଦାନ କରି ଗୁରୁ ଆଜ୍ଞାରେ ଅନ୍ୟ ଆଶ୍ରମ କିମ୍ବା ବ୍ରହ୍ମଚର୍ଯ୍ୟ ପାଳନ କରିବେ । ବାନପ୍ରସ୍ଥ ଜୀବନରେ ବନରେ ବାସ କରି ଅଗ୍ନି ଅପାକ ଫଳ, ମୂଳ, ଶାକ ଭକ୍ଷଣ କରିବେ । ହୋମାଦି ନିମିତ୍ତ ନିବାର ଧାନ୍ୟ ଆହରଣ କରିବେ । ହୋମାଦି ରକ୍ଷା ନିମିତ୍ତ ପର୍ଣ୍ଣଶାଳା ବା ଗିରିଗୁହାରେ ଆଶ୍ରୟ ନେବେ । ତପୋକ୍ଳେଶ ନିମନ୍ତେ ଯେପରି ତାଙ୍କର ବୁଦ୍ଧି ବିପର୍ଯ୍ୟୟ ନଘଟେ ସେଥିପାଇଁ ଶକ୍ତିମତେ ଦ୍ୱାଦଶ, ଅଷ୍ଟ, ଚାରି, ଦୁଇ କିମ୍ବା ଅନ୍ୟୁନ ଗୋଟାଏ ବର୍ଷ ବନରେ ବାସ କରିବେ । ରୋଗ, ବାର୍ଦ୍ଧକ୍ୟ ବା ଜ୍ଞାନାଭ୍ୟାସରେ ଅସମର୍ଥ ଅନୁଭବ କଲେ ଉପବାସ ଅବଲମ୍ବନ କରି ଶରୀରକୁ ପଞ୍ଚମହାଭୂତରେ ଲୀନ କରିଦେବେ ଓ ଭବ ବନ୍ଧନରୁ ମୁକ୍ତ ହୋଇଯିବେ ।

### ୧୩ଶ ଅଧ୍ୟାୟ

### ।। ଯତିଧର୍ମ ନରୂପଣ ଓ ଅବଧୂତ ପ୍ରହ୍ଲାଦ ସମ୍ବାଦ ।।

ଦେବର୍ଷି ନାରଦ କହିଲେ, ଶରୀର ଅସମର୍ଥ ହେଲେ ସନ୍ୟାସୀ ଗ୍ରହଣ କରି ପରିବ୍ରାଜକ ବା ଅବଧୂତ ରୂପେ ସନ୍ୟାସୀର ଦେହ ମାତ୍ର ଅବଲମ୍ବନରେ ସମ୍ପୂର୍ଣ୍ଣ ଆକାଂକ୍ଷା ଶୂନ୍ୟ ହୋଇ ପର୍ଯ୍ୟଟନ କରିବେ, କୌଣସି ଗ୍ରାମରେ ଏକରାତ୍ରରୁ ଅଧିକ ରହିବେନାହିଁ । ଏକାକୀ ସାଧାରଣ ଅବସ୍ଥାରେ କୌପୀନ ଧାରଣ କରି ଅନ୍ୟ ବସ୍ତ୍ର ବର୍ଜନ କରିବା ସହ ପରମାତ୍ମାଙ୍କୁ ସର୍ବଦା ଧ୍ୟାନ କରିବେ । ସନ୍ୟାସୀ ଆଶ୍ରୟ ତ୍ୟାଗୀ, ଶାନ୍ତ, ସର୍ବପ୍ରାଣୀର ମଙ୍ଗଳକାରୀ, ବିଷ୍ଣୁଭକ୍ତ, ଆତ୍ମଦର୍ଶୀ, ନିର୍ଲିପ୍ତ ଓ ନିର୍ବିକାର ହୋଇ କେବଳ କାଳକୁ ପ୍ରତୀକ୍ଷା କରି ରହିବେ । ଅସତ୍ ଶାସ୍ତ୍ର, ନାସ୍ତିକ ଗ୍ରନ୍ଥାଦି ଅଧ୍ୟୟନ କରିବେ ନାହିଁ । ଜୀବିକା ପାଇଁ ଜ୍ୟୋତିଷ ବୃତ୍ତି ଅବଲମ୍ବନ କରିବେ ନାହିଁ । ତର୍କ, ବିତଣ୍ଡା, ପକ୍ଷଗ୍ରହଣାଦି କରିବେ ନାହିଁ । ଶିଷ୍ୟଗ୍ରହଣ, ବହୁଗ୍ରନ୍ଥାଭ୍ୟାସ, ଶାସ୍ତ୍ର ବ୍ୟାଖ୍ୟାନ ବା ମଠାଦି ନିର୍ମାଣ କରିବେ ନାହିଁ । ପୂର୍ଣ୍ଣ ଜ୍ଞାନଲାଭ ପର୍ଯ୍ୟନ୍ତ ନିଜକୁ ଗୋପନ ରଖିବେ । ଜ୍ଞାନବାନ ହୋଇ ମଧ୍ୟ ବାଳକ ତୁଲ୍ୟ ମୁକ ବଧିର ଭଳି ଆଚରଣ କରି ଆତ୍ମ ସୁଖରେ ନିମଜ୍ଜିତ ରହିବେ । ଏକଦା ବିଷ୍ଣୁଭକ୍ତ ପ୍ରହ୍ଲାଦ ଭ୍ରମଣ କରୁ କରୁ କାବେରୀ ନଦୀ ତୀରବର୍ତ୍ତି ସୈହ୍ୟଗିରି ତଟରେ ଧୂଳିଧୂଷରିତ ହୋଇ ଭୂପୃଷ୍ଠରେ ଶୟନ କରିଥିବା ଅଜଗର ସନ୍ୟାସୀକୁ ଦେଖିଲେ । ତାଙ୍କର କର୍ମ ବଚନ, ଲିଙ୍ଗ ଓ ଆକୃତି ଆଦି ଦ୍ୱାରା ତାଙ୍କର ଗତିବିଧି ଓ ଆଶ୍ରିତ ବର୍ଣ୍ଣ ଇତ୍ୟାଦି ନିର୍ଣ୍ଣୟ କରି ହେଉନଥିଲା । ପ୍ରହ୍ଲାଦ ତାଙ୍କୁ ନମସ୍କାର କରି କହିଲେ ଆପଣଙ୍କ ଏ ଶରୀର ଭୋଗୀ ଭଳି ସୁନ୍ଦର ଦେଖା ଯାଉଥିଲେ ହେଁ ଆପଣ ନିରୁଦ୍ୟମ ଓ ନିଷ୍କ୍ରିୟ ରହିଛନ୍ତି । ଶ୍ରୀ ଅବଧୂତ ପ୍ରହ୍ଲାଦଙ୍କ ବଚନ ଶୁଣି କହିଲେ ହେ ଦୈତ୍ୟବୀର, ତୁମର ମହିମା ମୁଁ ଜାଣେ । ତୁମର ଅଚଳା ଭକ୍ତି ହେତୁ ସ୍ୱୟଂ ଭଗବାନ ତୁମ ହୃଦୟରୁ ସମସ୍ତ ସଂଶୟ ଓ ଅଜ୍ଞାନ ଅନ୍ଧକାର ଦୂର କରିଦେଇଛନ୍ତି । ତୁମର ଦୃଷ୍ଟି ନିର୍ମଳ ହୋଇଯାଇଛି । ତୃଷ୍ଣା ଯାହା ଏକ ଚିରସ୍ରୋତା ନଦୀ ପରି ବୋହି ଚାଲିଛି ଯାହାକୁ ପୂରଣ କରିବାରେ କେହି ସମର୍ଥ ନୁହଁନ୍ତି । ସେହି ତୃଷ୍ଣା ଯୋଗୁଁ ମୁଁ ଅଶେଷ ଯୋନୀରେ ଭ୍ରମଣ କରି ମଧ୍ୟ ମେଣ୍ଟିଲା ନାହିଁ, ଯାହାହେଉ ମୋର କିଛି ପୁଣ୍ୟକର୍ମର ଫଳ ସ୍ୱରୂପ ଏ ଜନ୍ମରେ ମୋର ଜ୍ଞାନଦୋୟ ହେବାରୁ ସୁଖାନ୍ୱେଷୀ, କର୍ମପ୍ରବୃତ୍ତ ସ୍ତ୍ରୀ ଓ ପୁରୁଷଙ୍କର ବିପରୀତ ଫଳଲାଭ ଦେଖି ମୁଁ କର୍ମରୁ ନିବୃତ୍ତ ହୋଇ ଆତ୍ମ ସୁଖରେ ଶୟନ କରିଛି । ମରିଚିକା ପଛରେ ଜଳର ଅନ୍ୱେଷଣର ଧାଇଁ ବିଫଳ ହେବାପରି ସାଂସାରିକ ବ୍ୟକ୍ତି ସୁଖର ଅନ୍ୱେଷଣରେ ଯାଇ ବିଫଳ ହୁଅନ୍ତି । ଏ ସଂସାର ଆଖିକୁ ସୁଖ ବୋଲି ଦେଖା ଯାଉଥିଲେ ହେଁ ବାସ୍ତବରେ ଦୁଃଖପୂର୍ଣ୍ଣ । ଏ ଜଗତରେ ମଧୁମକ୍ଷିକା ଓ ଅଜଗର ମୋର ଗୁରୁ । ସେମାନଙ୍କ ନିକଟରୁ ମୁଁ ବୈରାଗ୍ୟ ଓ ସନ୍ତୋଷ ଶିକ୍ଷା କରିଛି । ମଧୁକରର କଷ୍ଟପାର୍ଜିତ ମଧୁକୁ ଯେପରି ଅନ୍ୟ ବ୍ୟକ୍ତି ଅପହରଣ କରେ ସେହିପରି ଧନୀକକୁ ହତ୍ୟା କରି ତାର କଷ୍ଟପାର୍ଜିତ ଧନକୁ ଅନ୍ୟ କିଏ ହରଣ କରେ । ତେଣୁ ମୋର ନିଜର ଦ୍ରବ୍ୟ ବୋଲି ସଂସାରରେ କିଛି ନାହିଁ । ପୁଣି ଅଜଗର ଭଳି ନିଶ୍ଚେଷ୍ଟ ହୋଇ ଯତକିଞ୍ଚିତରେ ସନ୍ତୁଷ୍ଟ ଅଛି । ଏହି ବସ୍ତୁ ମୋର ସଞ୍ଚିତ ବସ୍ତୁ ଭଳି ବ୍ୟବହାର ହୁଏନାହିଁ, ତାହାକୁ ମୁଁ ଆଶୁ ବ୍ୟବହାର୍ଯ୍ୟ ରୂପେ ଗ୍ରହଣ କରିଥାଏ । କେବ କିଛି ନ ମିଳିଲେ ମଧ୍ୟ ଗୋବିନ୍ଦ ଦୟାରୁ ମନ ପ୍ରସନ୍ନ ଥାଏ । ଭୋଜନରେ ବସ୍ତୁ, ଶ୍ରଦ୍ଧା, ସ୍ୱାଦ ବା କାଳ ବିଚାର କରେନାହିଁ । ପରିଧାନରେ ମଧ୍ୟ କେତେବେଳେ ପାଟବସ୍ତ୍ର ତ କେତେବେଳେ ଛିଣ୍ଡା କିମ୍ବା ବୃକ୍ଷର ବଳକଳ କରିଥାଏ । କେତେବେଳେ ଭୂପୃଷ୍ଠର ତୃଣତଳ୍ପ ତ କେତେବେଳେ ଅଟ୍ଟାଳିକାର ତୁଳିତଳ୍ପ ଉପରେ ଶୟନ କରେ । କେତେବେଳେ ଚନ୍ଦନ ଚର୍ଚ୍ଚିତ ମାଲ୍ୟଭୂଷଣ ହୋଇ ଅଶ୍ୱ, ଗଜ କିମ୍ବା ରଥରେ ଭ୍ରମଣ ତ କେତେବେଳେ ଭସ୍ମ ବିଲୋପିତ ଦିଗମ୍ବର ଭାବରେ ମୁକ୍ତ ପଦରେ ଗ୍ରହତୁଲ୍ୟ ପରିଭ୍ରମଣ । ହେ ପ୍ରିୟ, ବିଷୟାବିଷ୍ଟ ପ୍ରାଣୀ ନିଜ ସ୍ୱାଭାବ ଛାଡିପାରେ ନାହିଁ ଏଣୁ ମୁଁ ବିଷୟ ଚିନ୍ତା ବର୍ଜନ କରିଥାଏ । କାହାକୁ ନିନ୍ଦା ବା ସ୍ତୁତି କରେ ନାହିଁ, ସମସ୍ତଙ୍କୁ ସମଦୃଷ୍ଟିରେ ଦେଖି ଗୋବିନ୍ଦ ପଦାରବିନ୍ଦରେ ଚିତ୍ତ ନିବେଶ କରିଥାଏ । ସମସ୍ତ ବିକଳ୍ପ ବୃତ୍ତିକୁ ଚିତ୍ତ ମଧ୍ୟରେ, ଚିତ୍ତକୁ ମନ ମଧ୍ୟରେ, ମନକୁ ଅହଂକାର ତତ୍ତ୍ୱରେ, ଅହଂକାରକୁ ମହତତ୍ତ୍ୱରେ ଏବଂ ମାୟାକୁ ଆତ୍ମାନୁଭୂତିରେ ଲୀନ କରିବା ଆବଶ୍ୟକ । ଆତ୍ମାନୁଭୂତି ଦ୍ୱାରା ନିର୍ଗୁଣ ପରମାତ୍ମାଙ୍କଠାରେ ଅବସ୍ଥାନ କରି କର୍ମ ବନ୍ଧନରୁ ମୁକ୍ତ, ନିର୍ଲିପ୍ତ ଓ ନିର୍ବିକାର ହେବା ଉଚିତ । ହେ ପ୍ରହ୍ଲାଦ, ତୁମେ ବିଷ୍ଣୁଙ୍କର ପରମଭକ୍ତ ହେତୁ ନିଜ ଚରିତ୍ର ଗୋପନୀୟ ହେଲେ ହେଁ ତୁମ ନିକଟରେ ପ୍ରକାଶ କଲି । ପ୍ରହ୍ଲାଦ ତାହା ଶୁଣି ମୁନିଙ୍କୁ ଅଭିବାଦନ କରି ସ୍ୱ ଗୃ-ହକୁ ପ୍ରତ୍ୟାବର୍ତ୍ତନ କଲେ ।

### ୧୪ଶ ଅଧ୍ୟାୟ

### ।। ଗୃହସ୍ଥ ଧର୍ମ ସମ୍ବନ୍ଧୀୟ ସଦାଚାର ।।

ଯୁଧିଷ୍ଠିର ମୋ ଭଳି ଗୃହସ୍ଥର ଧର୍ମ କ'ଣ ବୋଲି ପଚାରିବାରୁ ଦେବର୍ଷି କହିଲେ, ଗୃହସ୍ଥ ପ୍ରାତଃକାଳରେ ଗୋବିନ୍ଦ ନାମ ସ୍ମରଣ କରିବେ ଏବଂ ସତସଙ୍ଗ ଓ ସତଚିନ୍ତା କରିବେ । ଶରୀର, ଦାରା, ପୁତ୍ର ଓ ସମ୍ପଦକୁ ଅଳୀକ ମନେ କରି କ୍ରମେ ତା'ଠାରୁ ନିଜକୁ ଦୂରେଇ ନେବେ । ପିତା, ମାତା, ଭ୍ରାତା, ଜ୍ଞାତିଙ୍କୁ ଯଥା ସମ୍ଭବ ସନ୍ତୋଷ ପ୍ରଦାନ କରିବେ ଏବଂ ସାଧୁସନ୍ଥମାନଙ୍କୁ ପରିମିତ ଧନ ପ୍ରଦାନ କଲରିବେ । ଗୃହସ୍ଥ ଜୀବ( ମୃଗୋଷ୍ଟ, ଖଗ, ମକ୍ଷିକା, କପି,ଉଷ୍ଟ୍ର. ମୂଷିକ, ଗର୍ଦ୍ଦଭ, ଉରଦ ପତଙ୍ଗାଦି) ମାନଙ୍କୁ ପୁତ୍ରବତ୍ ସ୍ନେହ କରିବେ । ଅତିକ୍ଳେଶଜ ଦ୍ରବ୍ୟ, ଅତି ଲୋଭ ବା କଷ୍ଟଜ ସୁଖ, ପରପୀଡନ ତ୍ୟାଗ ପୂର୍ବକ ଧର୍ମ, ଅର୍ଥ ଓ କାମ ଏହି ତ୍ରିବର୍ଗ ସାଧନ କରିବେ । ମନରେ ଭେଦଭାବ ତ୍ୟାଗକରି କାଳପାତ୍ରାନୁସାରେ ମିଳିଥିବା ଧନରେ ପରିବାର ପାଳନ କରିବେ । ପାଳିତ ଶ୍ୱାନ, ଚଣ୍ଡାଳ ଓ ଅନ୍ୟଜାତିକୁ ଆତ୍ମବତ ସ୍ୱୀୟ ଭୋଗ୍ୟବସ୍ତୁ ବିତରଣ କରିବେ । ନିଜର ପତ୍ନୀକୁ ଅତିଥି ସେବାରେ ନିୟୋଜିତ କରିବେ । ଗୃହସ୍ଥ ଯଜ୍ଞାବଶିଷ୍ଟ ଅନ୍ନମାତ୍ର ଭକ୍ଷଣ କରତିବେ । ଦେବ, ଦ୍ୱିଜ, ଋଷି, ଅତିଥି, ପିତୃପୁରୁଷଙ୍କୁ ଭୋଜନ ପ୍ରଦାନ ହିଁ ଯଜ୍ଞକର୍ମ । ବ୍ରାହ୍ମଣ ମୁଖରେ ଅନ୍ନ ଦ୍ୱାରା ଭଗବାନ ଯେପରି ସନ୍ତୁଷ୍ଟ ହୁଅନ୍ତି ଅଗ୍ନିରେ ପ୍ରଦତ୍ତ ଆହୂତି ଦ୍ୱାରା ସେପରି ସନ୍ତୁଷ୍ଟ ହୁଅନ୍ତି ନାହିଁ । ଦ୍ୱିଜ ଭାଦ୍ରବମାସରେ ଶାନ୍ତି ମତେ ପିତାମାତା ଓ ଜ୍ଞାତିମାନଙ୍କ ପାଇଁ ଅପରପକ୍ଷ ଶ୍ରାଦ୍ଧ କରିବେ । ଉତ୍ତର ଓ ଦକ୍ଷିଣାୟନ କାଳ, ବିଷୁବ ସଂକ୍ରାନ୍ତି, ତୁଳାସଂକ୍ରାନ୍ତି, ବ୍ୟତିପାତ ଯୋଗ, ତ୍ରହ୍ୟସ୍ପର୍ଶ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ, ଦ୍ୱାଦଶୀ ଶ୍ରବଣା ଯୋଗ, ଅକ୍ଷୟତୃତୀୟା, ଅଂଳା ନବମୀ, ମାର୍ଗଶିରାଦି ଚାରିମାସରେ ଅଷ୍ଟକା ଯୋଗ, ମାଘ ଶୁକ୍ଳ ସପ୍ତମୀ ଓ ପୂର୍ଣ୍ଣିମା, ବୈଶାଖ ଦ୍ୱାଦଶୀ, ଅନୁରାଧା, ଶ୍ରବଣା, ଉତ୍ତରା ଫାଲଗୁନୀ, ଉତ୍ତରାଶାଢା ଓ ଉତ୍ତର ଭାଦ୍ରବ ନକ୍ଷତ୍ରଯୁକ୍ତ ଏକାଦଶୀ, ଜନ୍ମନକ୍ଷତ୍ର, ଶ୍ରବଣା ନକ୍ଷତ୍ର ଯୁକ୍ତ ଦିବସାଦିରେ ଶ୍ରାଦ୍ଧକର୍ମ ସହ ଯେକୌଣସି ଧର୍ମାନୁଷ୍ଠାନ ନିମନ୍ତେ ବିଧେୟ । ଏହି ଦିବସମାନଙ୍କରେ ସ୍ନାନ, ହୋମ, ବ୍ରତ, ଦେବ ଦ୍ୱିଜ ଅର୍ଚ୍ଚନା ପଞ୍ଚମହାଯଜ୍ଞ ଫଳପ୍ରସୁ ହୁଏ ଏବଂ ଦେବତାମାନଙ୍କ ଉଦ୍ଦେଶ୍ୟରେ ଯାହା ଅର୍ପିତ ହୁଏ ତାହା ଅକ୍ଷୟ ହୁଏ । ପତ୍ନୀର ସଂସ୍କାର, ପୁତ୍ରର ଜନ୍ମ ଦିବସ,ଦୀକ୍ଷା ଗ୍ରହଣ କାଳ, ଶବଦାହ କାଳ, ସାମ୍ବତ୍ସରିକ ମୃତ୍ୟୁ ଦିବସମାନଙ୍କରେ ଶ୍ରାଦ୍ଧକର୍ମ ଓ ଜ୍ଞାତିକୁଟୁମ୍ବ ସତ୍କାର କରିବେ । ବିଷ୍ଣୁ ପ୍ରତିମା ଅଧିଷ୍ଠାନ ତପସ୍ୱୀ, ବିଦ୍ୱାନ, ବିପ୍ର ଏମାନଙ୍କର ବାସସ୍ଥାନ ହିଁ ପୁଣ୍ୟଦେଶ । ଯେଉଁ ସ୍ଥାନରେ ଶାଳଗ୍ରାମ ଶିଳା ପ୍ରାପ୍ତହୁଏ ଯେଉଁଠାରେ ଶ୍ରୀହରି ଅର୍ଚ୍ଚନା ହୁଏ, ଯେଉଁ ଦେଶରେ ଗଙ୍ଗାଦି ପୁରାଣ ପବିତ୍ର ନଦୀମାନେ ପ୍ରବାହିତ ସେ ସମସ୍ତ ପୁଣ୍ୟଧାମ । ଯେଉଁ ସ୍ଥାନରେ ପୁଷ୍କରାଦି ସରୋବର ସାଧୁସନ୍ଥ ବୈଷ୍ଣବ ନିବାସ କୁରୁକ୍ଷେତ୍ର, ଗୟା, ପ୍ରୟାଗ, ପୁଲକାଶ୍ରମ, ନୈମିଷ୍ୟାରଣ୍ୟ, ଫଲଗୁତୀର୍ଥ, ସେତୁବନ୍ଧ, ରାମେଶ୍ୱର, ପ୍ରଭାସ, ଦ୍ୱାରକା, କାଶୀ, ମଥୁରା, ପମ୍ପା ସରୋବର, ବିନ୍ଦୁ ସରୋବର, ବଦରିକାଶ୍ରମ, ଅଳକାନନ୍ଦା, ଅଯୋଦ୍ଧା, ଚିତ୍ରକୂଟ, ମହେନ୍ଦ୍ର ଗିରି, ମଳୟାଚଳ, ବିଷ୍ଣୁ ପ୍ରତିମାଙ୍କ ସ୍ଥିର ନିବାସ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଏହିମାନେ ପୁଣ୍ୟତୀର୍ଥ । ଗୃହସ୍ଥ ଶକ୍ତିମତେ ଏହି ସବୁ ତୀର୍ଥ ଗମନ କରିବେ । ଭଗବାନ ଶ୍ରୀପୁରୁଷୋତ୍ତମ ହିଁ ବ୍ରହ୍ମାଣ୍ଡ କୋଷ ମହାବୃକ୍ଷ ସ୍ୱରୂପ, ସର୍ବଦ୍ରଷ୍ଟା ଓ ସର୍ବବ୍ୟାପୀ । ସେ ତୀର୍ଯ୍ୟକ ପ୍ରାଣୀ ଅପେକ୍ଷା ମନୁଷ୍ୟଠାରେ ଅଧିକ ପ୍ରକଟ ହୁଅନ୍ତି । ତେଣୁ ମନୁଷ୍ୟ ସତପାତ୍ର । ବିବେକ, ବୁଦ୍ଧି, ଜ୍ଞାନାର୍ଜନ ଓ ତପସ୍ୟାଦି ଦ୍ୱାରା ସେ ସତପାତ୍ରରେ ପରିଣତ ହୁଏ । ହେ ରାଜନ, ସେହି ମନୁଷ୍ୟ ମାନେ ପରସ୍ପର ମଧ୍ୟରେ କିଏ କାହାପ୍ରତି ସମ୍ମାନ କିଏ କାହା ପ୍ରତି ଅବଜ୍ଞା କରିବାର ଦେଖି ଜ୍ଞାନବେତ୍ତା ମନୀଷିମାନେ ତ୍ରେତା, ଦ୍ୱାପର, କଳି ଏହି ତିନି ଯୁଗରେ ନାରାୟଣଙ୍କ ପୂଜା ନିମିତ୍ତ ପ୍ରତିମାର ବ୍ୟବସ୍ଥା କରିଅଛନ୍ତି, ମାତ୍ର ବିଧି ପୂର୍ବକ ପ୍ରତିମା ପୂଜା ସତ୍ତ୍ୱେ ମନୁଷ୍ୟ ବିଦ୍ୱେଷୀ ହେଲେ ପୂଜା ଫଳପ୍ରଦ ହୁଏ ନାହିଁ । ମନୁଷ୍ୟ ମଧ୍ୟରେ ବ୍ରାହ୍ମଣ ସୁପାତ୍ର ବୋଲି ଜ୍ଞାନୀମାନେ କହନ୍ତି । କାରଣ ସେ ତପସ୍ୟା ଓ ବେଦଧାରଣ ହେତୁ ବିଷ୍ଣୁଦେହୀ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ବ୍ରାହ୍ମଣଙ୍କୁ ତ୍ରିଲୋକ ପୂଜ୍ୟ ବୋଲି ଆଦର ସମ୍ମାନ କରନ୍ତି ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ଦୁଃଖ ବି ଗୋଟେ ବରଦାନ



ଶ୍ୱେତା ରାଉତ୍


ଆଜି ଆମେ ସମସ୍ତେ ନିଜକୁ ଦୁଃଖୀ ଘୋଷିତ କରିବାରେ ଅଭ୍ୟସ୍ତ। ଯେବେ ଯେଉଁଠି ପ୍ରୀୟଜନଙ୍କୁ ଦେଖିଲେ ଆମେ ନିଜର ଗୁଡ଼ାଏ ଅଭାବ, ଅନାବଶ୍ୟକ ଆଶା, ଅସନ୍ତୋଷ,ଅସହାୟତାକୁ ଦୁଃଖର ନାଁ ଦେଇ ପ୍ରମାଣ କରୁ ଯେ ମୋ ଦୁଃଖଠୁ ବଡ ଦୁଃଖ ନାହିଁ। ଈଶ୍ୱରଙ୍କୁ ଦୋଷ ଦେଉ, ଭାଗ୍ୟକୁ ଦୋଷ ଦେଉ ଅଥଚ ନିଜର କର୍ମ ଆଉ ସଂସ୍କାର ଉପରେ ନଜର ଦେଇନଥାଉ। କେହି କେହି ଖୁବ୍ ଦାନ, ଧର୍ମ, ସେବା କରିବା ସତ୍ତ୍ୱେ ବି ଦୁଃଖ ପାଆନ୍ତି ଓ ତାଙ୍କୁ ଈଶ୍ୱର କାହିଁକି ଦୁଃଖ ଦେଉଛନ୍ତି ବୋଲି ପ୍ରଶ୍ନ କରନ୍ତି।

ଭଲ ଚାକିରିଟିଏ ପାଇବାକୁ ହେଲେ ଭଲ ଡିଗ୍ରୀ ଦରକାର। ଗୋଟେ କମ୍ପାନୀର ପାରଦର୍ଶିତା ଦେଖି ଆଉ ଗୋଟେ ବଡ କମ୍ପାନୀରେ ଚାକିରି ମିଳେ। ମୁଁ ଯଦି ସ୍କୁଲ ନଯାଇ, ପାଠ ନପଢ଼ି, ପଢ଼ିବା ସମୟରେ ଖେଳ, ବୁଲାରେ ସମୟ ସାରିବି, ବଦମାସୀ କରିବି, ମୋତେ କେଉଁ ବଡ କମ୍ପାନୀ ଭଲ ଦରମାରେ ଚାକିରି ଦେବ ? ଗୋଟେ ବଡ ସଂସ୍ଥାରେ ଚାକିରି ପାଇବା ପୂର୍ବରୁ ଯେମିତି ବିଦ୍ୟାଳୟରେ ଭଲ ପାଠ ପଢିଥିବା ଜରୁରୀ, ସଂସାର କମ୍ପାନୀରେ ସୁଖ ରୂପକ ଦରମା ପାଇବା ପୂର୍ବରୁ କର୍ମ ରୂପକ ପାଠ ପଢିଥିବା ଦରକାର, ଯାହା ଡିଗ୍ରୀ ରୂପରେ ପ୍ରାରବ୍ଧ ହୋଇ ହାତ ରେଖାରେ ଆସିଥାଏ। ଆମର ଡିଗ୍ରୀ କଣ, ତାହା ଆମ କର୍ମ ନିର୍ଦ୍ଧାରଣ କରେ। ଏହା ବ୍ୟତୀତ ଆଉ ଗୋଟେ କଥା କହୁଛି 'ଆପଣ ନିଜର ଦୁଇ ପିଲାଙ୍କୁ ନେଇ ବଜାର ଗଲେ ଓ ଦୁଇଟି ବ୍ୟାଗରେ ଜିନିଷ କିଣି ପିଲାଙ୍କୁ ଧରାଇଲେ। ଆପଣ ଅଧିକ ଓଜନିଆ ବ୍ୟାଗ କାହାକୁ ଦେବେ ? ତାକୁ ହିଁ ଦେବେ ଯିଏ ବ୍ୟାଗ ଉଠାଇ ନେଇ ପାରିବ ବୋଲି ଆପଣଙ୍କ ବିଶ୍ୱାସ ଥିବ, ଆପଣ ଜାଣିଥିବେ ଇଏ ଏତିକି ଓଜନ ଟେକି ପାରିବ। ଠିକ୍ ସେମିତି ଈଶ୍ୱର ବି ଜାଣିଛନ୍ତି ତାଙ୍କର କୋଉ ପୁତ୍ର କେତେ ଓଜନ ଉଠାଇବାକୁ ସମର୍ଥ। ଆପଣ ଯେତେବେଳେ ଭାର ଉଠାଇବା ପ୍ରତିଯୋଗିତା ଦେଖନ୍ତି, ଦେଖିଥିବେ, ଧୀରେ ଧୀରେ ପ୍ରତିଯୋଗୀଙ୍କ ଭାରର ଓଜନ ବଢାଇ ଦିଆଯାଏ ଓ ସବୁଠୁ ଅଧିକ ଭାର ଉତ୍ତୋଳନ କରିଥିବା ବ୍ୟକ୍ତି ବିଜେତା ଘୋଷିତ ହୁଅନ୍ତି। ଭାର ଉଠାଇବା ବେଳେ କଷ୍ଟ ହେଉଛି କହି ପ୍ରତିଯୋଗିତାରୁ ଓହରି ଯାଇଥିବା ପ୍ରତିଯୋଗୀକୁ କେହି ଚିହ୍ନନ୍ତି ନାହିଁ କି ମନେ ରଖନ୍ତି ନାହିଁ। ଦୁଃଖ ସେମିତି ମଣିଷର ସାମର୍ଥ୍ୟ ବଢାଏ, ମଜବୁତ୍ କରେ।

ଦୁଃଖ ନିଜ ଭିତରର ଅହଙ୍କାରକୁ ମାରି, ଶାଶ୍ୱତ ଉପଲବ୍ଧି ଦିଏ, ଈଶ୍ୱରଙ୍କ ସହ ଆମକୁ ଭେଟ କରାଇବାରେ ଦୁଃଖର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦ୍ରୌପଦୀ ବସ୍ତ୍ରହରଣ ସମୟରେ ନିଜର ଲଜ୍ଜାକୁ ବଞ୍ଚାଇବା ପାଇଁ ପ୍ରଥମେ ଭରଷା କରିଥିଲେ ମହାପରାକ୍ରମୀ ପାଣ୍ଡବ ସ୍ୱାମୀମାନଙ୍କ ଉପରେ, ତା ପରେ ମହାମହିମ ଭୀଷ୍ମ ସମେତ କୁରୁସଭାର ସମସ୍ତ ଯୋଧାଙ୍କ ଉପରେ, ତା ପରେ ନିଜ ଉପରେ, କିନ୍ତୁ ଯେତେବେଳେ ସେ ଅତି ଦୁଃଖରେ ଗୋବିନ୍ଦ ଉପରେ ଭରଷା କରି ଦୁଇ ହାତ ଟେକିଦେଲେ, ସେତେବେଳେ ତାଙ୍କୁ ପ୍ରଭୁ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କଲେ। ଅତିବ ଦୁଃଖ ହିଁ ପରମାତ୍ମାଙ୍କ ଦର୍ଶନର ମାଧ୍ୟମ ହୋଇଥାଏ। ଦୁଃଖ କେମିତି ନିବାରଣ ହେବ ଈଶ୍ୱର ହିଁ କୌଣସି ମାଧ୍ୟମରେ ନିଜେ ବତାଇ ଦିଅନ୍ତୁ। ଆମର ବିଶ୍ୱାସ ରହିବା ଦରକାର। କିଛି ଲୋକ ଦୁଃଖ ଭୁଲିବାକୁ ମଦ ପିଉଛନ୍ତି ବୋଲି ବାହାନା କରନ୍ତି, ମଦ ଯଦି ଦୁଃଖ ଭୁଲେଇ ଦିଅନ୍ତା, ପୃଥିବୀରେ ଦୁଃଖୀ ନଥାନ୍ତେ। ସବୁ ଦୁଃଖୀ ମଦ ପିଇ ସୁଖୀ ହୋଇ ଯାଆନ୍ତେ। ଦୁଃଖ ଗୋଟେ ବରଦାନ, ଈଶ୍ୱରଙ୍କ ସହ ସାକ୍ଷାତକାର ହେବାର ମାଧ୍ୟମ। ଦୁଃଖକୁ ଡରନ୍ତୁ ନାହିଁ, ଜୀବନ ନାଟକର ତର୍ଜମା କରି ପ୍ରଭୁଙ୍କ ଶରଣାପନ୍ନ ହୁଅନ୍ତୁ। ଦୁଃଖ ବି ଆମଠୁ ହାରିଯିବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆୟୋଡିନ୍ ଅଭାବର ଲକ୍ଷଣ



**ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ...**

ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ ଥିବା ଏହି ଖଣିଜସାର ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟା (ମେଟାବୋଲିଜିମ୍) ଠାରୁ ଆରମ୍ଭ କରି ମସ୍ତିଷ୍କ କ୍ରିୟା ଯାଏ ସବୁକୁ ପ୍ରଭାବିତ କରିଥାଏ। ତେବେ ଶରୀରରେ ଯେତେବେଳେ ଆବଶ୍ୟକ ପରିମାଣର ଆୟୋଡିନ୍‌ର ଅଭାବ ରହେ, ବେଳେ ବେଳେ ଅଣଦେଖା ରହିଯାଇଥାଏ। ଆଜି ସେଭଳି କିଛି ଆୟୋଡିନ୍ ଅଭାବ ଜନିତ ଶାରୀରିକ ଲକ୍ଷଣ ବାବଦରେ ଜାଣିବା। ଶରୀରରେ ଆୟୋଡିନ୍‌ର ଅଭାବ ରହିଲେ ଆଖି ଦୁଇଟି ଫୁଲି ଯାଇଥାଏ। କାରଣ ରକ୍ତରେ ନିମ୍ନ ସ୍ତରର ଆୟୋଡିନ୍ ଶରୀରର ତରଳ ପଦାର୍ଥ ସନ୍ତୁଳନରେ ବିଭ୍ରାଟ ଆଣି ମୁଖମଣ୍ଡଳ ପରି ଅପ୍ରତ୍ୟାଶିତ ସ୍ଥାନରେ ଫୁଲିବା ଦେଖାଯାଇଥାଏ। ସେହିପରି ତଣ୍ଟି ବସିଯିବା ବା କିଛି ଲାଖିଥିଲା ଭଳି ତଣ୍ଟି ଫୁଲିଯିବା ଅନୁଭବ ମଧ୍ୟ ହେଉଛି ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ। ଆୟୋଡ଼ିନ୍ ଅଭାବରୁ ମଧ୍ୟ ହୃଦ୍‌ସ୍ପନ୍ଦନରେ ଅନିୟମିତତା ଦେଖାଯାଇଥାଏ। କାରଣ ଆୟୋଡିନ୍ ଉପରେ ନିର୍ଭର କରୁଥିବା ଥାଇରଏଡ୍ ହରମୋନ୍ ହିଁ ଏକ ସୁସ୍ଥ ତଥା ନିୟମିତ ହୃଦ୍‌ସ୍ପନ୍ଦନ ପାଇଁ ସାହାଯ୍ୟ କରେ। ବେଳେ ବେଳେ ମାତ୍ରାଧିକ ଉତ୍କଣ୍ଠା ବଢ଼ିଯିବା ବା ମନୋଭାବରେ ଅସ୍ୱାଭାବିକ ପରିବର୍ତ୍ତନ ବା ଭୀଷଣ ଭାବେ ଚିଡ଼ିଚିଡ଼ା ଲାଗିବା ମଧ୍ୟ ଅନ୍ୟତମ ଲକ୍ଷଣ। ଆୟୋଡିନ୍ ଅଭାବ ଯୋଗୁଁ ମସ୍ତିଷ୍କର ରାସାୟନିକ ସନ୍ତୁଳନରେ ବ୍ୟାଘାତ ଘଟି ଏପରି ହୋଇଥାଏ। ସେହିପରି ଗୋଡ଼ ଓ ହାତରେ ହଠାତ୍ କଣ୍ଟା ଫୋଡ଼ିହେଲା ପରି ଅନୁଭବ ମଧ୍ୟ ଆୟୋଡିନ୍ ଅଭାବର ଲକ୍ଷଣ। କାରଣ ଆୟୋଡିନ୍ କମିଗଲେ ଥାଇରଏଡ୍ ହରମୋନ୍ ସ୍ତର କମିଯାଇ ସ୍ନାୟୁକ୍ରିୟାକୁ ଧିମେଇ ଦେଇଥାଏ। ମହିଳାମାନଙ୍କ ଠାରେ ଅନିୟମିତ ରତୁସ୍ରାବ ମଧ୍ୟ ଆୟୋଡିନ ଅଭାବରୁ ହୋଇଥାଇପାରେ। ସେହିପରି ଆମ ଶରୀରରେ କୌଣସି କ୍ଷତ ଶୁଖିବା ବିଳମ୍ବିତ ହେବା ମଧ୍ୟ ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ।

# 'ରିଲ୍' ବଢ଼ାଉଛି ରକ୍ତଚାପ !



ଆଜିକାଲି ସାମାଜିକ ଗଣମାଧ୍ୟମରେ 'ରିଲ୍' ବା କ୍ଷୁଦ୍ର ଭିଡିଓ ଦେଖିବା ସବୁ ବୟସର ଲୋକଙ୍କ ପାଇଁ ଏକ ମନୋରଞ୍ଜନ ସାମଗ୍ରୀ ପାଲଟିଛି। ପ୍ରଥମେ ପ୍ରଥମେ ସେସବୁକୁ କାଁ ଭାଁ ଦେଖୁଥିବା ବ୍ୟକ୍ତି ଶେଷରେ ତାହାକୁ ନିଶାରେ ପରିଣତ କରିଥାଏ। ସେଇ ବର୍ଗର ଲୋକମାନେ ଶୋଇବା ସମୟରେ 'ରିଲ୍' ଦେଖିବା ଏବଂ ସେମାନଙ୍କର ରକ୍ତଚାପ ଭିତରେ ଏକ ନିବିଡ଼ ସମ୍ପର୍କ ରହିଥିବା କଥା ଏକ ସଦ୍ୟ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଚୀନରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହେଉଛି। 'ବିଏମ୍‌ସି' ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଚୀନ୍‌ରେ ମୋବାଇଲ୍ ଫୋନ୍‌ରେ 'ରିଲ୍' ଦେଖୁଥିବା ୪,୩୧୮ ଜଣ ମଧ୍ୟ-ବୟସ୍କ ଓ ଯୁବକଙ୍କୁ ସାମିଲ କରି ସେମାନଙ୍କର ରକ୍ତଚାପ ଅନୁଧ୍ୟାନ କରାଯାଇଥିଲା। ଦେଖାଯାଇଥିଲା, ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ପାରମ୍ପରିକ ଭାବେ ଟିଭି ଦେଖିବା ବା କମ୍ପ୍ୟୁଟର ବ୍ୟବହାର କରିବା ଅଥବା ଭିଡିଓ ଗେମ୍ ଖେଳିବା ଅପେକ୍ଷା ଶୋଇବା ସମୟରେ ମୋବାଇଲରେ 'ରିଲ୍' ଦେଖିବାର ନକାରାତ୍ମକ ପ୍ରଭାବ ଅଧିକ ବୋଲି ଜଣାପଡ଼ିଛି। କାରଣ ଶୋଇବା ପୂର୍ବରୁ ମୋବାଇଲ୍ ପରଦାରେ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଶରୀରରେ 'ସିମ୍ପାଥେଟିକ୍' ଉତ୍ତେଜନା ସୃଷ୍ଟି ହୋଇଥାଏ। ଅର୍ଥାତ୍ ତାହା 'ସିମ୍ପାଥେଟିକ୍' ସ୍ନାୟବିକ କ୍ରିୟାକୁ ସକ୍ରିୟ କରିଥାଏ, ଯାହା ଶରୀରର 'ଫାଇଟ୍-ଅର-ଫ୍ଲାଇଟ୍' ପ୍ରତିକ୍ରିୟାକୁ ସଜାଗ କରିଥାଏ। ଏହା ପରୋକ୍ଷରେ ରକ୍ତଚାପ ବଢ଼ିବାର କାରଣ ସାଜିଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, 'ରିଲ୍'ରେ ମନୋନିବେଶ କରିବା ଦ୍ୱାରା ଜଣକର ମୂଲ୍ୟବାନ ସମୟ ତ ଅପଚୟ ହେଉଛି, ତାହା ସହିତ ନିଜ ସ୍ୱାସ୍ଥ୍ୟ ପାଇଁ ବିପଦକୁ ମଧ୍ୟ ଆମନ୍ତ୍ରଣ କରାଯାଉଛି। ଶରୀରର ବର୍ଦ୍ଧିତ ରକ୍ତଚାପ କମାଇବା ପାଇଁ କିମ୍ବା ରକ୍ତଚାପକୁ ସ୍ୱାଭାବିକ ରଖିବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣେଇବା ସହିତ ଶୋଇବା ସମୟରେ 'ରିଲ୍' ଦେଖାରୁ ନିବୃତ୍ତ ରହିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବଦଳୁଛି ଦିଲ୍ଲୀ ରାଜନୀତି...

ବହୁ ଆଶା ଓ ସମ୍ଭାବନାର ପ୍ରତିଶ୍ରୁତି ବହନ କରି ରାଜଧାନୀ ସହର ଦିଲ୍ଲୀକୁ କେନ୍ଦ୍ରଶାସିତ ଅଞ୍ଚଳରୁ ରାଜ୍ୟପାହ୍ୟାକୁ ଉନ୍ନୀତ କରାଯାଇଥିଲା। ଶୀଲା ଦୀକ୍ଷିତଙ୍କ ନେତୃତ୍ୱରେ ଯେଉଁ ଆଖିଝଲସା ଚିତ୍ରପଟ ଏବେ ମଧ ଜନମାନସରେ ରହିଛି, ତାହାକୁ କେହି ଅତିକ୍ରମ କରିପାରିନାହାନ୍ତି। ଆନ୍ନା ହଜାରେଙ୍କ ନେତୃତ୍ୱରେ ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଅନ୍ୟତମ ଅଗ୍ରଣୀ ସାରଥି ରୂପେ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ରାଜନୀତିରେ ଅଭ୍ୟୁଦୟ ଘଟିଲା। ସେହି ଗୋଟିଏ ବିଚାର ଓ ରାଜନୀତିର ପୃଷ୍ଠଭାଗରେ ଥିଲେ ନରେନ୍ଦ୍ର ମୋଦୀ ଓ କେଜ୍ରିଓ୍ୱାଲ। ୨୦୧୪ ସାଧାରଣ ନିର୍ବାଚନରେ ଜାତୀୟ ରାଜନୀତିରେ ପ୍ରଦାର୍ପଣ କରି ମୋଦୀ ପ୍ରଧାନମନ୍ତ୍ରୀ ହେଲେ ଓ କେଜ୍ରିଓ୍ୱାଲ ବର୍ଷକପୂର୍ବରୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇ ସଂଖ୍ୟାଗରିଷ୍ଠତା ହାସଲ ନ କଲେ ମଧ ସୀମିତ ସମୟ ପାଇଁ ମେଣ୍ଟ ସରକାରର ନେତୃତ୍ୱ ନେଇଥିଲେ। କ୍ରମାଗତ ଦୁଇଟି ନିର୍ବାଚନରେ ସେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ମୋଦୀଙ୍କ ନାକ ତଳେ କ୍ଷମତା ଜାହିର କଲେ। କ୍ଷମତାର ମହତାକାଂକ୍ଷା ଓ ଜାତୀୟ ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରି କେଜ୍ରିଓ୍ୱାଲ ନିଜ ଗୋଡ଼ରେ କେବଳ କୁରାଢ଼ି ମାରିନାହାନ୍ତି, ଦିଲ୍ଲୀର ବିକାଶ ପ୍ରକ୍ରିୟାରେ ବାଧକ ହୋଇଛନ୍ତି। ଅସଲ କ୍ଷମତାର ଚାବିକାଠି ଦିଲ୍ଲୀ ଉପରାଜ୍ୟପାଳ (ଏଲଜି)ଙ୍କ ହାତରେ ରହିଥିବା ବେଳେ ନିର୍ବାଚିତ ରାଜ୍ୟ ସରକାର ତାଙ୍କ ବିନା ଅନୁମତିରେ କୌଣସି ନିଷ୍ପତ୍ତି ନେବାକୁ ଅସମର୍ଥ ହୋଇପଡ଼ିଛି। ଏସବୁ ସତ୍ତ୍ୱେ କ୍ଷମତା ହାସଲ ସକାଶେ ଚଳିତ ନିର୍ବାଚନରେ ଆପ୍ ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବାକୁ ଯାଉଛି। ଯେକୌଣସି ପ୍ରକାରେ କେଜ୍ରିଓ୍ୱାଲଙ୍କୁ କ୍ଷମତାରୁ ହଟାଇବା ପାଇଁ ବିଜେପି ସମସ୍ତ କଳ ବଳ ଓ କୌଶଳ ପ୍ରୟୋଗ କରୁଛି। ଦୀର୍ଘ ୨୭ ବର୍ଷ ଧରି ଦିଲ୍ଲୀ ବିଧାନସଭା କ୍ଷମତା ରାଜନୀତିକୁ ବିଜେପି ଫେରି ନ ପାରିବାର କ୍ଷୋଭ ଓ ଅନୁଶୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ନିଜେ ମୋଦୀ ହିଁ ପ୍ରଚାରର ନେତୃତ୍ୱ ନେଇଛନ୍ତି। କ୍ରମାଗତ ଭାବେ ତୃତୀୟଥର ସକାଶେ ଦିଲ୍ଲୀର ୭ଟି ଲୋକସଭା ଆସନରୁ ବିଜେପି ବିଜୟୀ ହେଉଥିଲେ ହେଁ ବିଧାନସଭା ନିର୍ବାଚନରେ କାହିଁକି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି? ଏହା ସ୍ପଷ୍ଟ ଯେ କେଜ୍ରିଓ୍ୱାଲଙ୍କ ବଳିଷ୍ଠ ନେତୃତ୍ୱ ଓ ବ୍ୟକ୍ତିତ୍ୱର ସମକକ୍ଷ ନେତା ଉଭୟ ବିଜେପି ଓ କଂଗ୍ରେସରେ ନାହାନ୍ତି। ତେଣୁ ବିଜେପି ପକ୍ଷରୁ ନେତୃତ୍ୱର ମଙ୍ଗ ଧରିଛନ୍ତି ମୋଦୀ ନିଜେ। ଦଳ ଜିତିଗଲେ ସେ ତ ଆଉ ମୁଖ୍ୟମନ୍ତ୍ରୀ ହେବେ ନାହିଁ, ତେବେ ଆଉ ଯିଏ ହେବ ତାଙ୍କ ଅପେକ୍ଷା କେଜ୍ରିଓ୍ୱାଲ ଭଲ। ଏଭଳି ଏକ ମାନସିକତା ମଧ୍ୟରେ ଦିଲ୍ଲୀବାସୀ ଆଉ ତିନିସପ୍ତାହ ପରେ ମତଦାନ କରିବେ। ମଦ ଦୁର୍ନୀତି ଓ ମୁଖ୍ୟମନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ବାସଗୃହ ପ୍ରସଙ୍ଗ କେଜ୍ରିଓ୍ୱାଲଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଛି। ସେ ସାଧାରଣରେ ଆଜି ଯାଏଁ ନିଜକୁ ଯାହା ପ୍ରଦର୍ଶନ କରିଆସିଛନ୍ତି, ସତରେ ସେ କ'ଣ ତାହା? ଏଭଳି ଏକାଧିକ ପ୍ରଶ୍ନ ଦିଲ୍ଲୀ ଭୋଟରଙ୍କ ମନରେ ଉଙ୍କି ମାରୁଛି। ଶକ୍ତି, ସାମର୍ଥ୍ୟ ଓ ସମ୍ବଳ ଦୃଷ୍ଟିରୁ ବିଜେପି ଯଥେଷ୍ଟ ଆଗରେ ଥିବା ବେଳେ କ୍ଷମତା ବିରୋଧରେ ମୁଣ୍ଡ ଟେକୁଥିବା ଅସନ୍ତୋଷକୁ ପୁଞ୍ଜି କରି ନୂଆ ରଣକୌଶଳରେ ଦଳର ସମ୍ମିଳିତ ନେତୃତ୍ୱ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ରାଜଧାନୀର ରାଜରାସ୍ତା, ସ୍ୱରେଜ, ହସ୍ପିଟାଲ, ପାର୍କ ଓ ଖେଳପଡ଼ିଆରେ ପରିଲକ୍ଷିତ ଅବନତି, ଭୟଙ୍କର ଭାବେ ପ୍ରଦୂଷିତ ଯମୁନା ଜଳ ସର୍ବୋପରି ବିଷାକ୍ତ ଜଳବାୟୁ ଶ୍ୱାସରୁଦ୍ଧ ଦିଲ୍ଲୀବାସୀଙ୍କୁ ଯେ ଅତିଷ୍ଠ କରିଛି, ତାହା ଯେକେହି ସ୍ୱୀକାର କରିବ। ଏଠାରେ ପ୍ରଶ୍ନ ଉଠୁଛିଯେ ସତରେ କେଜ୍ରିଓ୍ୱାଲ ମୋଦୀଙ୍କ ପାଇଁ ବିପଦ କି? ତେବେ କାହିଁକି ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇନଥିବା ଦିଲ୍ଲୀ ବିଧାନସଭାରେ ନିର୍ବାଚନକୁ ମୋଦୀ ଏତେ ଗୁରୁତ୍ୱ ଦେଉଛନ୍ତି? ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ତିନିଜଣ ମନ୍ତ୍ରୀଙ୍କୁ ଦୀର୍ଘଦିନ ଧରି ଜେଲ୍‌ରେ ଅଟକ ରଖି ସାଧାରଣରେ ନିନ୍ଦିତ କରିବା ଏବଂ ଆଇନରେ ଆବଶ୍ୟକ ସଂଶୋଧନ ଆଣି ସରକାରଙ୍କ କ୍ଷମତା ସଂକୋଚନ ଭଳି କଠୋର ଆଭିମୁଖ୍ୟ ଗ୍ରହଣ ସତ୍ତ୍ୱେ ଚଳିତ ନିର୍ବାଚନ ରାଜନୀତିର ଗଣିତ ଏବେ ବି ଅସ୍ପଷ୍ଟ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ପ୍ରତି ଏବେ ମଧ ୬୦ ପ୍ରତିଶତ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଅଛି। ସେହି ତୁଳନାରେ କେଜ୍ରିଓ୍ୱାଲଙ୍କ ପ୍ରତି ସମର୍ଥନ ଦୁଇଅଙ୍କରେ ସୀମିତ। ତେବେ ଦିଲ୍ଲୀ କ୍ଷମତା କେନ୍ଦ୍ର ପାଇଁ ବିଧାନସଭାର ନିରଙ୍କୁଶ କ୍ଷମତା ଯେ ଅନ୍ୟ କୌଣସି ଦଳ ହାତରେ ରହୁ, ଏହା ନିଶ୍ଚୟ ଅସହ୍ୟ ହେବ। ବରଂ ଏହା କ୍ଷମତା କେନ୍ଦ୍ରର ଅପାରଗତାକୁ ପ୍ରଦର୍ଶନ କରୁଛି ବୋଲି କୁହାଯାଇପାରେ। ପ୍ରଚଳିତ ବ୍ୟବସ୍ଥାରେ କ୍ଷମତା ରାଜନୀତିର ଗତି ଓ ପ୍ରକୃତି ଯାହା, ସେଥିରେ ଥରେ କେଜ୍ରିଓ୍ୱାଲଙ୍କୁ ପରାଜିତ କଲେ ତାଙ୍କର କ୍ଷମତାକୁ ଫେରିବାର ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇଯିବ। ଯେତେଦୂର ମନେ ହୁଏ ମୋଦୀଙ୍କ ନେତୃତ୍ୱରେ ବିଜେପି ଏକ ନିର୍ଣ୍ଣାୟକ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି। ବିଭିନ୍ନ ଦଳରୁ ବିଜେପିକୁ ଆସିଥିବା ସମସ୍ତ ନେତାଙ୍କୁ ଓ କିଛି ପ୍ରଭାବୀ ସାଂସଦଙ୍କୁ ପ୍ରାର୍ଥୀ ତାଲିକାରେ ଦଳ ସ୍ଥାନ ଦେଇଛି। କିନ୍ତୁ ଏକଥା ସତ ଯେ ଦଳରେ କେଜ୍ରିଓ୍ୱାଲଙ୍କ ସମକକ୍ଷ ନେତାର ଅଭାବ ରହିଛି। ଏଠାରେ ଲକ୍ଷ୍ୟ କରିବାର କଥା ଯେ ଦିଲ୍ଲୀ ବିଧାନସଭା ନିର୍ବାଚନ ବିରୋଧୀ 'ଇଣ୍ଡି' ମେଣ୍ଟରେ ଥିବା ବିଭେଦ ଓ ଫାଟକୁ ପଦାରେ ପକାଇଦେଇଛି। ଆପ୍ ବିରୋଧରେ କଂଗ୍ରେସ ନେତା ସଂଗଠିତ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ବେଳେ କେଜ୍ରିଓ୍ୱାଲଙ୍କୁ ଖୋଲାଖୋଲି ସମର୍ଥନ ଦେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ। ମେଣ୍ଟ ରାଜନୀତିରେ ଏହି ଦୁର୍ଭାଗ୍ୟଜନକ ପ୍ରତିଫଳନ ଜାତୀୟ ସ୍ତରରେ ସୃଷ୍ଟି ହୋଇଥିବା ଆସ୍ଥା ଓ ବିଶ୍ୱାସ ପ୍ରତି ନିଶ୍ଚୟ କୁଠାରଘାତ। ଯେତେଦୂର ମନେହୁଏ, କଂଗ୍ରେସ ପ୍ରତି ସହଯୋଗୀ ଆଞ୍ଚଳିକ ଦଳର ଆସ୍ଥା ଓ ବିଶ୍ୱାସ ତୁଟିବା ଆରମ୍ଭ କରିଛି। 'ଇଣ୍ଡି' ମେଣ୍ଟ କେବଳ ଲୋକସଭା ନିର୍ବାଚନକୁ ଆଖିରେ ରଖି ଗଠନ କରାଯାଇଥିବା ଉଲ୍ଲେଖ କରି କିଛି ସହଯୋଗୀଙ୍କ ତାଳିପକା ଉଦ୍ୟମରୁ ସେଭଳି କିଛି ସୁଫଳ ମିଳିବାର ଆଶା କମ୍।

# ସାରା ବିଶ୍ୱରେ ସୈନିକ ଦିବସ



### ଅପର୍ଣ୍ଣା ନାୟକ

ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ଭାରତ ସ୍ଥଳ ସେନା ଦିବସ ଭାବରେ ପାଳନ କରେ। ୧୯୪୮ ମସିହା ଏହି ଦିନରେ ଲେଫ୍ଟନାଣ୍ଟ ଜେନେରାଲ କେ.ଏମ୍.କାରିୟାପ୍ପା ଶେଷ ବ୍ରିଟିଶ କମାଣ୍ଡର ସାର୍ ଫ୍ରାନ୍ସିସ୍ ବୁଚରଙ୍କ ଠାରୁ ଭାରତୀୟ ସ୍ଥଳସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଦିନରେ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ୬ଟି ସେନା ମୁଖ୍ୟାଳୟରେ ପରେଡ ଓ ମିଲିଟାରୀ ଶୋ' ଅନୁଷ୍ଠିତ ହୁଏ। କେବଳ ଭାରତ ନୁହେଁ ବିଶ୍ୱର ପ୍ରାୟ ସମସ୍ତ ଦେଶ ନିଜର ଦେଶର ବୀର ସିପାହୀ ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟ ସେନା ଦିବସ ପାଳନ କରନ୍ତି। ଆର୍ମେନିଆ : ୧୯୯୨ରେ ଆର୍ମେନିଆ ସ୍ୱାଧୀନ ଗଣତାନ୍ତ୍ରିକ ଦେଶର ମାନ୍ୟତା ପାଇବା ପରଠାରୁ ଜାନୁଆରୀ ୨୮ ତାରିଖକୁ ଏହା ସଶସ୍ତ୍ର ବାହିନୀ ଦିବସ ଭାବରେ ପାଳନ କରେ। ଏହିଦିନ ଦେଶର ସେନାବାହିନୀ ଗଠିତ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ : ୧୯୧୫ ମସିହାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ସଶସ୍ତ୍ର ବାହିନୀ ସ୍ଥାପନ ହେବା ସ୍ମୃତିରେ ପ୍ରତି ବର୍ଷ ଏପ୍ରିଲ ୨୫ ତାରିଖରେ ସେନା ଦିବସ ପାଳନ କରାଯାଏ। ଏହା ଏକ ସାର୍ବଜନୀନ ଛୁଟି। ଆଜାରବୈଜାନ : ଏଠାରେ ସଶସ୍ତ୍ର ସେନା ଦିବସ ପାଳନ ହୁଏ ଜୁନ୍ ୨୬ ତାରିଖରେ। ବାଙ୍ଗଲାଦେଶ : ପାକିସ୍ତାନ ଠାରୁ ମୁକ୍ତି ସଂଗ୍ରାମ ସ୍ମୃତିରେ ୨୧ ନଭେମ୍ବରକୁ ବାଙ୍ଗଲାଦେଶ ଆର୍ମଡ଼ ଫୋର୍ସ ଡେ ଭାବରେ ପାଳନ କରେ। ଏହି ଦିନ ଢ଼ାକା ଠାରେ ଥିବା ଶିଖା ଅନିର୍ବାଣ ଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ତିନିବାହିନୀର ମୁଖ୍ୟ ଫୁଲ ଶ୍ରଦ୍ଧାଞ୍ଜଳି ଦିଅନ୍ତି। ଏହି ଦିନ ଦେଶବ୍ୟାପୀ ନାନା ଉତ୍ସବ ପାଳନ ହୁଏ। ଏଥିସହ ସବୁ ମିଲିଟାରୀ ଷ୍ଟେସନରେ ସୈନିକଙ୍କ ପରିବାରବର୍ଗଙ୍କ ପାଇଁ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରାଯାଏ। ବ୍ରାଜିଲ : ଯୁଦ୍ଧ ନାୟକ ଲୁଇସ୍ ଆଇଲେସ୍ ଡେ ଲିମା ଇ-ସିଲଭାଙ୍କ ସହ ସମ୍ମାନରେ ତାଙ୍କ ଜନ୍ମଦିନ ୨୮ ଅଗଷ୍ଟକୁ ପାଳନ କରାଯାଏ ସୈନିକ ଦିବସ ଭାବରେ। ଅକ୍ଟୋବର ୨୩କୁ ବୈମାନିକ ଦିବସ ଓ ଡିସେମ୍ବର ୧୩ ତାରିଖକୁ ନାବିକ ଦିବସ ଭାବରେ ପାଳନ କରାଯାଏ। ବୁଲଗେରିଆ : ବୁଲଗେରିଆ ଆର୍ମିର ପୃଷ୍ଠପୋଷକ ସନ୍ଥ ସେଣ୍ଟ ଜର୍ଜଙ୍କ ଜନ୍ମଦିନକୁ ୬ ମେକୁ ବୀରତ୍ୱ ଦିବସ ଭାବେ ପାଳନ କରାଯାଏ। କାନାଡ଼ା : କାନାଡିଆନ୍ ଫୋର୍ସ ଡେ ପାଳିତ ହୁଏ ପ୍ରତିବର୍ଷ ଜୁନ୍ ମାସର ପ୍ରଥମ ରବିବାରରେ। କାନାଡ଼ାର ସୈନ୍ୟସେବା, ସେମାନଙ୍କ ଐତିହ୍ୟ ଓ ବ୍ୟକ୍ତିତ୍ୱକୁ ସମ୍ମାନିତ କରାଯାଏ ଏ ଦିନରେ। ଚିଲି : ସେପ୍ଟେମ୍ବର ୧୮ ତାରିଖ ସ୍ୱାଧୀନତା ଦିବସ। ଏହା ପରଦିନ ଅର୍ଥାତ୍ ସେପ୍ଟେମ୍ବର ୧୯ ତାରିଖରେ ପାଳିତ ହୁଏ ସମସ୍ତ ସେନା ଦିବସ। ଚୀନ : ୧୯୨୭ରେ ଅଗଷ୍ଟ ୯ ତାରିଖରେ ଚୀନରେ ପିପୁଲ୍ସ ଲିବରେସନ ଆର୍ମିର ପ୍ରତିଷ୍ଠା ହୋଇଥିଲା। ଏହି ଦିନ ପାଳିତ ହୁଏ ଚୀନର ସେନା ଦିବସ। ଇଜିପ୍ଟ : ଅକ୍ଟୋବର ୬ ତାରିଖକୁ ଇଜିପ୍ଟ ସଶସ୍ତ୍ର ବାହିନୀ ଦିବସ ଭାବରେ ପାଳନ କରେ। ଏହି ଦିନ ୧୯୭୩ ମସିହାରେ ଅକ୍ଟୋବର ଓ୍ୱାର ଆରମ୍ଭ ହୋଇଥିଲା। ଏହି ଯୁଦ୍ଧରେ ଇଜିପ୍ଟ ସେନା ସୁଏଜ୍ କେନାଲ ଅତିକ୍ରମ କରି ବାରଲେଭ ଲାଇନ୍ ଅକ୍ତିଆର କରିଥିଲେ। ଫ୍ରାନ୍ସ : ଜୁଲାଇ ୧୪ ତାରିଖ ଜାତୀୟ ଦିବସ ଅବସରରେ ଫ୍ରାନ୍ସ ନିଜର ସଶସ୍ତ୍ର ସେନାକୁ ସମ୍ମାନିତ କରେ। ଏହି ଅବସରରେ ଏକ ବିଶାଳ ସେନା ପରେଡ଼ ଅନୁଷ୍ଠିତ ହୁଏ। ଏହା ୟୁରୋପର ସର୍ବବୃହତ୍ତ ଏବଂ ସର୍ବ ପୁରାତନ ମିଲିଟାରୀ ପରେଡ଼। ଜର୍ଜିଆ : ୧୯୯୧ ମସିହାରେ ଜର୍ଜିଆନ୍ ଆର୍ମଡ଼ ଫୋର୍ସ ଗଠନର ସ୍ମୃତିରେ ଏପ୍ରିଲ ୩୦ ତାରିଖକୁ ଜର୍ଜିଆ ସଶସ୍ତ୍ର ଦିବସ ଭାବରେ ପାଳନ କରେ। ହଙ୍ଗେରି : ମେ' ୨୧ ତାରିଖକୁ ହଙ୍ଗେରି ଦେଶ ଭକ୍ତ ଓ ବୀର ଦିବସ ଭାବରେ ପାଳନ କରେ। ଇଣ୍ଡୋନେସିଆ : ଅକ୍ଟୋବର ୫ ତାରିଖରେ ପିପୁଲ୍ସ ସିକ୍ୟୁରିଟି ଆର୍ମିର ଗଠନ ସ୍ମୃତିରେ ଇଣ୍ଡୋନେସିଆର ଜାତୀୟ ସଶସ୍ତ୍ର ବାହିନୀ ଦିବସ ପାଳନ କରାଯାଏ। ଇରାନ : ଏପ୍ରିଲ ୧୮ ତାରିଖରେ ସେନା ଗଠନ ଦିବସ ପାଳନ କରେ ଇରାନ। ଇରାକ : ଜାନୁଆରୀ ୬ ତାରିଖରେ ଇରାକୀ ସଶସ୍ତ୍ର ବାହିନୀ ଦିବସ ପାଳିତ ହୁଏ। ଇସ୍ରାଏଲ : ୟୋମ ହାଜି କାରୋନ ବା ସ୍ମୃତି ଦିବସ ପାଳନ ହୁଏ ହର୍ବ୍ରୁ କ୍ୟାଲେଣ୍ଡରର ଇୟାର ମାସର ଚତୁର୍ଥ ଦିନରେ। ଏହା ପରଦିନ ପାଳିତ ହୁଏ ଇସ୍ରାଏଲ ସ୍ୱାଧୀନତା ଦିବସ। ୧୯୪୮ ମସିହାରେ ଏହି ଦିନରେ ସ୍ୱତନ୍ତ୍ର ଇସ୍ରାଏଲ ଗଠନ ହୋଇଥିଲା। ଇସ୍ରାଏଲର ସୁରକ୍ଷାରେ ଜୀବନକୁ ବଳି ଦେଇଥିବା ଏବଂ ଉଗ୍ରବାଦର ଶିକାର ହୋଇଥିବା ସୈନିକମାନଙ୍କ ସମ୍ମାନରେ ଇସ୍ରାଏଲ ସ୍ମୃତି ଦିବସ ପାଳନ କରେ। ଇଟାଲୀ : ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀର ବିଜୟଲାଭର ସ୍ମୃତିରେ ନଭେମ୍ବର ୪ ତାରିଖରେ ପାଳିତ ହୁଏ ଇଟାଲୀର ସଶସ୍ତ୍ର ସେନା ଦିବସ। ନଭେମ୍ବର ୪ ତାରିଖ ୧୯୧୮ ମସିହାରେ ଅଷ୍ଟ୍ରିୟା ଓ ହେଙ୍ଗରି ସେନା ମଧ ଯୁଦ୍ଧ ବିରତି ହୋଇଥିଲା, ଇଟାଲୀ ସୀମାରେ ଯୁଦ୍ଧ ସମାପ୍ତ ହୋଇଥିଲା ଏହି ଦିନ। ଜାପାନ : ଜାପାନ ସାମ୍ରାଜ୍ୟରେ ସେନା ବିଜୟ ଦିବସ ପାଳନ ହେଉଥିଲା ମାର୍ଚ୍ଚ ୧୦ ତାରିଖରେ। ମୁକ୍‌ଡେନ ଯୁଦ୍ଧରେ ବିଜୟ ସ୍ମୃତିରେ ପାଳିତ ହେଉଥିଲା ଏହା। ମେ ୨୪ ତାରିଖରେ ସୁଷିମା ଯୁଦ୍ଧ ବିଜୟ ସ୍ମୃତିରେ ନୌସେନା ବିଜୟ ଦିବସ ପାଳନ କରାଯାଏ। ୧୯୦୬ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏହି ଦିବସଗୁଡ଼ିକ ପାଳନ କରାଯାଉଥିଲା। ଦ୍ୱିତୀୟ ଯୁଦ୍ଧ ପରେ ଜାପାନ ସ୍ୱ ସୁରକ୍ଷା ବାହିନୀ ଦିବସ ଭାବରେ ନଭେମ୍ବର ୧ ତାରିଖକୁ ପାଳନ କରୁଛି ୧୯୬୬ ମସିହା ଠାରୁ। ଲେବାନନ: ଅଗଷ୍ଟ ୧ ତାରିଖରେ ଲେବାନନ ସଶସ୍ତ୍ର ବାହିନୀ ଦିବସ ପାଳନ ହୁଏ। ମିଆଁମାର : ୧୯୪୫ ମସିହାରେ ଜାପାନ କବଳରୁ ମୁକ୍ତି ପାଇଁ ବର୍ମିୟ ସେନାର ଉଦ୍ୟମ ଆରମ୍ଭ ହୋଇଥିଲା ମାର୍ଚ୍ଚ ୨୭ ତାରିଖରେ। ଏହି ଦିନକୁ ଆର୍ମି ଫୋର୍ସ ଡେ ଭାବରେ ପାଳନ କରେ ମିଆଁମାର। ମେକ୍ସିକୋ : ୧୯୫୦ ମସିହା ଠାରୁ ଫେବୃଆରୀ ୧୯ ତାରିଖକୁ ମେକ୍ସିକୋ ସଶସ୍ତ୍ର ସେନା ଦିବସ ଭାବରେ ପାଳନ କରାଯାଉଛି। ନାଇଜେରିଆ : ନାଇଜେରିଆରେ ଜାନୁଆରୀ ୧୫ ତାରିଖରେ ଆର୍ମ ଫୋର୍ସ ଡେ ପାଳନ ହୁଏ। ତେବେ ଔପଚାରିକ ଭାବରେ ନଭେମ୍ବର ୧ ତାରିଖକୁ ରାଜ୍ୟ ଗୋଷ୍ଠୀ ଦେଶଗୁଡ଼ିକର ବିଶ୍ୱଯୁଦ୍ଧ ସୈନିକମାନଙ୍କ ସ୍ମୃତିରେ ରିମେମ୍ବରାନ୍ସ ଭାବରେ ପାଳନ କରାଯାଏ। ପାକିସ୍ତାନ : ପାକିସ୍ତାନରେ ସ୍ଥଳସେନା ଦିବସ ଯଥାକ୍ରମେ ସେପ୍ଟେମ୍ବର ୬ ତାରିଖ, ସେପ୍ଟେମ୍ବର ୮ ତାରିଖ ଏବଂ ସେପ୍ଟେମ୍ବର ୭ ତାରିଖରେ ପାଳିତ ହୁଏ। ପେରୁ : ନିଜ ଦେଶର ବୀର ସୈନିକ ମାନଙ୍କ ପାଇଁ ପେରୁବାସୀ ସେପ୍ଟେମ୍ବର ୨୪ ତାରିଖରେ ପେରୁ ସଶସ୍ତ୍ର ବାହିନୀ ଦିବସ ପାଳନ କରନ୍ତି। ତେବେ ପେରୁ ସେନା ଡ଼ିସେମ୍ବର ୯ ତାରିଖକୁ ନିଜ ବିଜୟ ସ୍ମୃତିରେ ସେନା ଦିବସ ଭାବରେ ପାଳନ କରନ୍ତି। ଏହିଦିନ ପେରୁ ସେନା ଆୟଚୁଚୋ ଯୁଦ୍ଧରେ ବିଜୟୀ ହୋଇଥିଲେ। ଏହା ସ୍ୱାଧୀନତା ପାଇଁ ପେରୁ ମାନଙ୍କର ସଂଗ୍ରାମକୁ ଅନ୍ତିମ ରୂପ ଦେଇଥିଲା। ରୋମାନିଆ : ୨୫ ଅକ୍ଟୋବରରେ ରୋମାନିଆ ସଶସ୍ତ୍ର ସେନା ଦିବସ ପାଳନ କରେ। ୧୯୪୪ ମସିହାରେ ଏହି ଦିନ ରୋମାନୀୟ ସେନା ଶେଷ ରୋମାନ ସହର କାରେଇକୁ ବିଦେଶୀ ଜବରଦଖଲରୁ ମୁକ୍ତ କରିଥିଲା। ରୋମାନୀୟ ସେନା ରାଜା ମିହାଇ ପ୍ରଥମ ଜନ୍ମଦିନ ଅବସରରେ ତାଙ୍କୁ ଏହି ଉପହାର ଦେଇଥିଲେ।


ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬


### ଭାରତୀୟ ସେନା ଦିବସ

*ଦେଶକୁ ରକ୍ଷା କରିବାକୁ ଯାଇ ପ୍ରାଣବଳୀ ଦେଇଥିବା ବୀର ଭାରତୀୟ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନାର୍ଥେ ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ସେନା ଦିବସ ଭାବେ ପାଳନ କରାଯାଏ। ଭାରତ ବର୍ଷରେ ବେଶ ଉତ୍ସାହର ସହ ଏହି ଦିବସ ପାଳନ କରାଯାଏ। ଭାରତର ଲିଉଟନାଣ୍ଟ ଜେନେରାଲ କେ ଏମ୍ କାରିଆପ୍ପାଙ୍କୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଏ। ଭାରତୀୟ ସେନାର ସେ ପ୍ରଥମ ମୁଖ୍ୟ କମାଣ୍ଡର ଥିଲେ। ଏ ଅବସରରେ ଭାରତର ପ୍ରତ୍ୟେକ ସେନା କମାଣ୍ଡର ମୁଖ୍ୟାଳୟ ଏବଂ ରାଷ୍ଟ୍ରୀୟ ରାଜଧାନୀରେ ବିଭିନ୍ନ ଆର୍ମି ପ୍ୟାରେଡ଼ ସହିତ ଅନ୍ୟାନ୍ୟ ସାମରିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଭାରତୀୟ ସେନା ବାହିନୀ ସବୁ ସମୟରେ ଏବଂ ସମସ୍ତ ପ୍ରକାର ବିଷମ ପରିସ୍ଥିତିରେ ସୀମାରେ ମୁତୟନ ଥାଆନ୍ତି। ଶତ୍ରୁପକ୍ଷ ଗୁଳି ଆଗରେ ନିଜ ଛାତି ଦେଖାଇ ଆମକୁ ସୁରକ୍ଷା ଦେବା ସେମାନଙ୍କ ପ୍ରଥମ କର୍ତ୍ତବ୍ୟ। ପ୍ରାକୃତିକ ବିପର୍ଯ୍ୟୟରେ ମଧ ସେମାନେ ଜାଗ୍ରତ ପ୍ରହରୀ ସାଜିଥାନ୍ତି। ତେଣୁ ସେମାନଙ୍କ ସାହସିକତା, ଦେଶପ୍ରେମ ଓ ନିସ୍ୱାର୍ଥପରତାକୁ ମନେ ପକାଇବା ସବୁ ଭାରତୀୟଙ୍କ କର୍ତ୍ତବ୍ୟ।*

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ




### ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ ଆଜି ହେଉଛି ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକତାର ମହକ ଖେଳାଇ ଦେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ। ଏହି ଦିନ ସରକାରୀ ଭାବେ ଯୁବ ଦିବସର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇ ଯୁବ ଦିବସ ଭାବେ ପାଳିତ ହେଉଛି। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ଚେତନା ଆମ ସମସ୍ତଙ୍କ ପାଇଁ ପ୍ରାତଃ ସ୍ମରଣୀୟ ଓ ଶିକ୍ଷଣୀୟ। ସେଥିଲେ ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ। ତାଙ୍କ ପ୍ରଥମ ନାମ ଥିଲା ନରେନ୍ଦ୍ର ନାଥ ପରେ ସେ ସ୍ୱାମୀ ବିବେକାନନ୍ଦ ଭାବେ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିଲେ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତନାର ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। ପିଲାମାନେ ତୁମ୍ଭେମାନେ ବିବେକାନନ୍ଦଙ୍କ ରାଷ୍ଟ୍ରଭକ୍ତି, ସାମାଜିକ ଦାୟିତ୍ୱ, ସ୍ପଷ୍ଟବାଦୀତା, ପିତୃମାତୃ ସେବା, ଗୁରୁ ସମର୍ପଣ ଓ ରାଷ୍ଟ୍ରପତି ସର୍ବୋଚ୍ଚ ସମର୍ପଣ ଭିତ୍ତିକ ସାମାଜିକ ସେବାର ଗୁଣ ଗୁଡ଼ିକ ଆହରଣ କଲେ ଏହା ତାଙ୍କ ଜନ୍ମଦିନ ପାଇଁ ଶ୍ରେଷ୍ଠ ଭକ୍ତି ସୁମନ ହୋଇପାରିବ।




ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,





### ମକର ବୁଲିବା ଆସ
#### ସିଦ୍ଧେଶ୍ୱର ତ୍ରିପାଠୀ

ଶୀତ ପରଶରେ ମକର ଆସି
ସଭିଙ୍କ ମନରେ ଭରିଛି ଖୁସି
ସାହୁଘର ହେଲା ଶଗଡ଼ ସଜା
ବୁଲିବେ ଯାତରା କରିବେ ମଜା ।
ବାଘମାରୀ ଠାରୁ ଅଟିରି ଯିବେ
ହଟକେଶ୍ୱରଙ୍କୁ ଭେଟ କରିବେ
ପିଲାଏ ଖାଇବେ ବରା ଘୁଘୁନି
କେତେଯେ ଖେଳଣା ଆଣିବେ ପୁଣି।
କୁଆକୁଣ୍ଡ ପାଣି ଫୁଟୁଛି ଦେଖି
ପ୍ରଣାମ କରିବେ ବୁଜିଣ ଆଖି
ସାହୁଏ କିଣିବେ ରୋଦର ଡୋଲି
ସାହୁଆଣିଙ୍କର ଯେ ବୁଲାବୁଲି ।
ସବୁଠୁ ଛୁଟୁଛି ଲୋକଙ୍କ ସୁଅ
ରାତିରେ ଅପେରା ଦେଖିବ ପୁଅ
ବୁଲାବୁଲି ସାରି ଫେରିଲେ ବାବୁ
ଆମେ କାଲି ସବୁ ମକର ଯିବୁ ।

ଖୋର୍ଦ୍ଧା

### ମେଳା ତ ମେଳା କୁମ୍ଭମେଳା
#### ନୀଳମଣି ଚାନ୍ଦ



ମେଳାଟିଏ ହୁଏ ଚନ୍ଦ୍ରଭାଗାରେ
ଜୋରଦାରେ ହୁଏ ମେଳା
ପଉଷରେ ହୁଏ ଆଉ ମେଳାଟି
ନାଆଁ ଖଣ୍ଡଗିରି ମେଳା।

ଇଏ ଆମ ରାଜ୍ୟ ମେଳାଟି ବୋଲି
ଆମେ ସିନା ତାକୁ ଜାଣୁ
ପ୍ରୟାଗରାଜରେ ବଡ଼ମେଳାଟି
ଏ କଥା ମନରେ ଆଣୁ।

ଏଇ ଜାନୁଆରୀ ତେର ଠାରୁ
ସେଇ କୁମ୍ଭମେଳା ହେବ
କୋଟି କୋଟି ଭକ୍ତ, ସାଧୁ ମାନଙ୍କୁ
ସିଏ ତ ଆକର୍ଷି ନେବ।

ତ୍ରିବେଣୀ ସଙ୍ଗମ ଠାରେ ଯାଇକି
ଥରେ ପକେଇଲେ ବୁଡ଼
କିଏ ଭାବୁଥିବ ପୁଣ୍ୟ ଅର୍ଜନ
ହେବ ସବୁଠାରୁ ବଡ଼।

ବାରବର୍ଷ ପରେ ଏ କୁମ୍ଭ ମେଳା
ପ୍ରୟାଗରାଜରେ ହୁଏ
ଆଗେ ଆଲାହାବାଦ ଥିଲା ତା ନାଆଁ
ଜମା ଭୁଲିବାର ନୁହେଁ।

ଫେବ୍ରୁଆରୀ ମାସ ଛବିଶ ଯାଏ
କୁମ୍ଭମେଳା ସେଠି ହେବ
ସେଇ ମେଳା ମୂଳେ ଗୂଢ଼ ରହସ୍ୟ
ଯେ ଜାଣିଛି କହି ଦେବ।

ଆମ ଘୋଷଯାତ,ବାଲିଯାତରା
ଯେମିତି ଜଗତେ ଖ୍ୟାତ
ସେ କୁମ୍ଭମେଳାର ଅଛି ପ୍ରସିଦ୍ଧି
ଶତ ପ୍ରତିଶତ ସତ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

### ଶୀତ ପାଇଁ ଗୀତ ଟିଏ
#### ରମେଶ ଚନ୍ଦ୍ର ନାୟକ

ଶୀତ ଆସେ ପରା ଥିରି ଥିରି
ବାଡ଼ି ପଟ ଖଳା କୁଟା ଗଦା ମୂଳେ
ହସୁ ଥାଏ ଖରା କିରି କିରି ।

ଉଷା କାଳେ ଉଠି ସ୍ନାନ କରି
ଶୀତେ କମ୍ପି କମ୍ପି ନୂଆ ବୋହୂ ଟିଏ
ମାଣ ବସା କାମ ଦିଏ ସାରି ।


ଶୀତେ ଦେହ ଯାଏ ଥରି ଥରି
ବଳଦ ଯୋଡିଣ ବେଙ୍ଗଳା ପକାଏ
ଚାଷୀ ଭାଇ ଗୀତ ଗାନ କରି ।

ନାଲି ଚାହା ପାଣି ପାନ କରି
ଛୁଆ ଧରି କାଖେ ବୁଢ଼ୀ ମାଆ ଯାଏ
ଖରା ଖାଇ ବାକୁ ମନ ଭରି ।

ପୁଅ ଝିଅ ତୁଠେ ପାଟି କରି
ଗାଧୁଆ ସମୟ ଉଚ୍ଛୁର କରନ୍ତି
ପାଣି ଦେଖି ଦେଇ ଯା'ନ୍ତି ଡରି ।

ସକାଳର ଶୀତ ଦାଉ ଭାରି
ପିଲା ଠାରୁ ବୁଢ଼ା ଦଳ ଦଳ ହୋଇ
ବସି ଥା'ନ୍ତି ନିଆଁ ହୁଳା କରି ।

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୫୦



**ଡ.ସିନ୍ଧୁ ସେନ୍**

ଆଉ ଜଣେ ସହସ୍ରାର୍ଜୁନ । ସେ ଥିଲେ ହୈହୟରାଜ । ତାଙ୍କର ପ୍ରକୃତ ନାମ କୁଆଡ଼େ ଅର୍ଜୁନ ଥିଲା । ମାତ୍ର ତାଙ୍କର ଏକସହସ୍ର ବାହୁ ଥିବାରୁ ଲୋକମୁଖରେ ସେ ସହସ୍ରାର୍ଜୁନ ଭାବେ ପରିଚିତ ଥିଲେ । ତାଙ୍କ ସହିତ ଆମର ରାକ୍ଷସ ସମାଜର ପରିଚୟର ମାଧ୍ୟମ ଥିଲା ସାମୁଦ୍ରିକ ବାଣିଜ୍ୟ ବ୍ୟବସାୟ । ହୈହୟରାଜଙ୍କ ଥିଲା ଏକ ସହସ୍ର ପୋତ । ଆଉ ଏହି ପୋତ ଗୁଡ଼ିକ ତାଙ୍କର ଗୋଟିଏ ଗୋଟିଏ ବାହୁ ସମାନ । ଯାହା ଶତ୍ରୁମାନଙ୍କ ବିପଦରୁ ସୁରକ୍ଷା ଦେଉଥିଲା ପୁନଶ୍ଚ ଅମାପ ଧନରତ୍ନ ଆଣିବାରେ ସହାୟକ ହେଉଥିଲା । ତେଣୁ ତାଙ୍କର ପ୍ରକୃତରେ ଏକ ସହସ୍ର ବାହୁ ଥିଲା କି ଏକ ସହସ୍ର ପୋତ ପାଇଁ ସେ ଲୋକମୁଖରେ ସହସ୍ରାର୍ଜୁନ ଭାବେ ବିଖ୍ୟାତ ଥିଲେ ସେ ସମ୍ବନ୍ଧରେ ତର୍ଜମା କରିବାର ଆବଶ୍ୟକତା ମୋର ନଥିଲା । ମୁଁ କେବଳ ତାଙ୍କୁ ଜିଣିବାର ଉଦ୍ୟମ କରି ତାଙ୍କ ବିପକ୍ଷରେ "ଯୁଦ୍ଧଂଦେହି" ଡାକରା ଦେଇଥିଲି । ତାଙ୍କ ସହ ଯୁଦ୍ଧ କରିବାର କୌଣସି ନିର୍ଦ୍ଦିଷ୍ଟ କାରଣ ନଥିଲେ ବି ସେ ମୋ ସମକକ୍ଷ ଯୋଦ୍ଧା କି ନାହିଁ ତାଙ୍କର ଶକ୍ତି କେତେ ସେସବୁ ଜାଣିବା ପାଇଁ ଆସ୍ପର୍ଦ୍ଧା କରିଥିଲି । ତାଙ୍କୁ ମୁଁ ଦ୍ୱନ୍ଦ୍ୱ ଯୁଦ୍ଧରେ ଭେଟିବା ପାଇଁ ଚାହୁଁଥିଲି । ମାତ୍ର ଦୁଃଖର କଥା ଯେ ଭଳି ପରିସ୍ଥିତିରେ ମୁଁ ତାଙ୍କୁ ଯୁଦ୍ଧର ଆହ୍ୱାନ ଦେଇଥିଲି ସେ ଉପଯୁକ୍ତ ସମୟ ନଥିଲା କି ହୈହୟ ରାଜ ସେ ସମୟରେ ଯୁଦ୍ଧ ପାଇଁ ପ୍ରସ୍ତୁତ ମଧ୍ୟ ନଥିଲେ । ମୋର ଗର୍ବ, ଦର୍ପ, ଅହଂକାର ତାଙ୍କୁ ଜଳକ୍ରୀଡ଼ା ଠାରୁ ଟାଣି ଆଣିଥିଲା ମୋ ସାମ୍ନାକୁ । ଯାହା ଥିଲା ନିହାତି ଲଜ୍ଜାକର ଘଟଣା । କାରଣ ନଦୀ ଜଳରେ ରମଣୀ ମାନଙ୍କ ଗହଣରେ ଜଳକ୍ରୀଡ଼ା କରୁଥିବା ଅବସ୍ଥା କେହି କ'ଣ କେବେ ଯୁଦ୍ଧ କାମନା କରିପାରେ । ମୋର କିନ୍ତୁ ସେଦିନର ଭୁଲ୍ ନିଷ୍ପତ୍ତି ପାଇଁ ପରେ ପଶ୍ଚାତାପ କରିଥିଲି । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ହୈହୟରାଜ ମୋର ଯୁଦ୍ଧଂଦେହି ଡାକରାରେ ଜଳ ମଧ୍ୟରୁ ମୋ ସହ ବାଧ୍ୟବାଧକତାରେ ପଡ଼ି ଦ୍ୱନ୍ଦ୍ୱ ଯୁଦ୍ଧ କରିଥିଲେ । ଆଉ ମୋତେ ପରାସ୍ତ ମଧ୍ୟ କରିଥିଲେ । ଚାହିଁଥିଲେ ସେ ମୋର ପ୍ରାଣ ମଧ୍ୟ ନେଇ ପାରିଥାନ୍ତେ ମାତ୍ର କାହିଁକି କେଜାଣି ମୋ ବୀରତ୍ୱରେ ମୁଗ୍ଧ ହୋଇ ମୋତେ ସାରାଜୀବନ ପାଇଁ ବନ୍ଧୁ ଭାବେ ଗ୍ରହଣ କରି ନେଇଥିଲେ ତାଙ୍କର ମହାନତା, ଉଦାରତା ବନ୍ଧୁ ବତ୍ସଳତା ମୋତେ ସେଦିନ ବିଭୋର କରି ତୋଳିଥିଲା । ଭାବୁଥିଲି ଏ କ'ଣ କଲେ ହୈହୟରାଜ । ଶତ୍ରୁକୁ ସାମନାରେ ପାଇ ମଧ୍ୟ ଏଭଳି କେହି ଆତ୍ମୀୟତା ଦେଖାଇପାରେ । ଅଥଚ ମୁଁ କେତେ ହୀନ, ଦୁର୍ଦ୍ଦାନ୍ତ ସତରେ । ନିଜକୁ ତ୍ରିଭବନ ବିଜୟୀର ଡିଣ୍ଡିମ ପିଟିବା ପାଇଁ କେତେ ତଳକୁ ଖସି ଯାଇଥିଲି । ଭୁଲି ଯାଇଥିଲି ମାନବିକତାର ସଂଜ୍ଞା କ'ଣ ? ଉଦାରତା, ସହିଷ୍ଣୁତାର ପରିଭାଷା କ'ଣ ? ସେଦିନ ଲଜ୍ଜା ଓ କ୍ଷୋଭରେ ମୁଣ୍ଡ ତଳକୁ ନଇଁ ଯାଇଥିଲା । ମୋ ଠାରୁ ଏମିତି ଅଶାଳୀନ ବ୍ୟବହାର ପାଇ ମଧ୍ୟ ସେ ମୋତେ ବନ୍ଧୁ ଭାବେ ଆଲିଙ୍ଗନ କରିଥିଲେ । ଭାବୁଥିଲି ତାହାହିଁ ବୋଧେ ମୋ ପାଇଁ ଆମ କୁଳଦେବୀ ବିପଦତାରିଣୀଙ୍କ ଆଶୀର୍ବାଦ ଥିଲା । ନହେଲେ ମୋତେ ଦୁଇଦୁଇ ଜଣ ବୀରଙ୍କ ସହ ବନ୍ଧୁତ୍ୱ ମିଳିଲା କେମିତି ? ସେଦିନ ମଧ୍ୟ ମୋ ମନରେ ଅନେକ ପ୍ରତିକ୍ରିୟା ଜାତ ହୋଇଥିଲା । ଭାବୁଥିଲି, ଆଗକୁ ଯେମିତି ଏମିତି ଭୁଲ୍ ନହୁଏ, ସେଥିପ୍ରତି ଯତ୍ନବାନ୍ ହେବି । କିନ୍ତୁ ରାବଣ ଯେ ବାରମ୍ବାର ଭୁଲ୍ କରିବାରେ ସିଦ୍ଧହସ୍ତ । ପ୍ରବଳ ପ୍ରତାପୀ ରାବଣ ପାଖରେ ସବୁକିଛି ତୁଚ୍ଛ ହୋଇଯାଏ । ହେଲେ ତାଙ୍କର ଅହଂକାର, ଗର୍ବ, ଅଭିମାନ ସହ ସେ କେବେ ସାଲିସ୍ କରିବା ଶିଖିନାହିଁ । ଏବେ ଜୀବନର ଅନ୍ତିମ କ୍ଷଣରେ ସେସବୁ ମନେପଡ଼ିଲେ ନିଜପ୍ରତି ଧିକ୍କାର ଆସୁଛି । ସାରା ଜୀବନ ମୁଁ ତ ଅନେକ ଭୁଲ୍ କରି ଚାଲିଥିଲି । ଏମିତି କି ପ୍ରଭୁ ଶ୍ରୀରାମଙ୍କ ସହ ଯୁଦ୍ଧ କରିବା କ'ଣ ମୋର ଭୁଲ୍ ନଥିଲା । ଶ୍ରୀରାମଙ୍କ ସବୁ ପରାକ୍ରମ ଜାଣି ମଧ୍ୟ ତାଙ୍କଠାରୁ ନିଜକୁ ପରାକ୍ରମୀ ଭାବିବା କ'ଣ ମୋର ମୂର୍ଖତା ନଥିଲା, ପ୍ରଭୁ ଶ୍ରୀରାମ ଯେ ସାଧାରଣ ମାନବ ଠାରୁ ଉର୍ଦ୍ଧ୍ୱରେ ଅତିମାନବ, ତାଙ୍କର ଶକ୍ତି ଆଗରେ ମୁଁ ଯେ ସାମାନ୍ୟ ବାଲିରଗଡ଼ାଟିଏ, ସେସବୁ ଜାଣି ମଧ୍ୟ ମୁଁ ବାରମ୍ବାର ଭୁଲ୍ କରୁଥିଲି କାହିଁକି ? ସତ କୁହ ପ୍ରଭୁ, ତୁମେ କ'ଣ ଜାଣି ନଥିଲ, ମୋର ଏସବୁ କରିବା ପଛରେ ଉଦ୍ଦେଶ୍ୟ କ'ଣ ଥିଲା ? ଆଉ ଯଦି ଅନ୍ୟମାନଙ୍କ ଭଳି ମୁଁ ଯଦି ତୁମ ସହ ମିତ୍ରତା କରିଥାନ୍ତି । ତେବେ ତୁମେ କ'ଣ ମୋ ସାମ୍ନାକୁ ଏମିତି ଆସିଥାନ୍ତ ? ନା ମୋତେ ମାରିବା ପାଇଁ ବ୍ରହ୍ମଶର ପ୍ରୟୋଗ କରିଥାନ୍ତ । ତେଣୁ ଯିଏ ଯାହା କହୁନା କାହିଁକି, ମୋର ସମସ୍ତ କାର୍ଯ୍ୟକଳାପର ତୁମେ ହିଁ ସାକ୍ଷୀ ଥିଲ । ମୋ ଆତ୍ମାର ଆମର୍ଷଣରେ ତୁମେ ଟାଣି ହୋଇ ଆସିଥିଲ । ତେଣୁ ମୁଁ ଜୋର ଦେଇ କହିପାରେ ମୁଁ ଯାହା କିଛି କରିଥିଲି କିଛି ବି ଭୁଲ୍ କରି ନଥିଲି । ହେ ଆକାଶ, ଉର୍ଦ୍ଧ୍ୱରେ ଥାଇ ତୁମେ ତ ସବୁ ଦେଖୁଛ ସବୁ ଶୁଣୁଛ । ଏ ରାବଣର କାହାଣୀ ଏବେବି ସରିନାହିଁ । ତାର ବୀରଦର୍ପର ଗାଥା ବଖାଣିବା ପାଇଁ ସେ ଆହୁରି କିଛି ମୁହୂର୍ତ୍ତ ବଞ୍ଚିବାକୁ ଚାହେଁ । କହିବାକୁ ଚାହେଁ ତାର ସଂପୂର୍ଣ୍ଣ ଜୀବନ କାହାଣୀ । ଜୀବନ ସଂଗ୍ରାମ ଭିତରେ ଯେଉ ଦୁଇବନ୍ଧୁଙ୍କୁ ପାଇଥିଲି ତାହା ମୋ ପାଇଁ ସୌଭାଗ୍ୟ ଥିଲା । ବାରମ୍ବାର ଯୁଦ୍ଧର ସମ୍ମୁଖୀନ ହୋଇ ମଧ୍ୟ ଯୁଦ୍ଧ କରିବାର ନିଶା ମୋତେ ପ୍ରବଳରୁ ପ୍ରବଳତର କରୁଥିଲା । ଭୁଲି ଯାଇଥିଲି ମୋର ନିଜସ୍ୱ ଘରସଂସାର, ପରିବାର । ଦୁଇଦୁଇ ବୀରଙ୍କ ଠାରୁ ପରାଜିତ ହେଲାପରେ ମୋ ମନରେ କେମିତି ଗୋଟିଏ କ୍ଳାନ୍ତି ଓ ଅବସାଦ ସ୍ପର୍ଶ କରିଥିଲା । ବିଜୟଯାତ୍ରା ପାଇଁ ଆଗକୁ ବଢ଼ିବାର ସ୍ପୃହା ଆଉ ନଥିଲା । ଭାବୁଥିଲି ମୋତେ ଏବେ ମୋ ଘରକୁ ଫେରିଯିବାକୁ ପଡ଼ିବ । ମନେ ପଡୁଥିଲେ ରାଣୀ ମନ୍ଦୋଦରୀ ପୁତ୍ର ମେଘନାଦ । ଆଖି ସାମ୍ନାରେ ନାଚୁଥିଲା କୁମ୍ଭକର୍ଣ୍ଣ ଓ ବିଭୀଷଣ ଭାଇର ଚେହେରା ।

ଏକ ମାୟାର ଆବେଷ୍ଟନୀ ମଧ୍ୟରେ ଲଙ୍କାକୁ ଫେରିଲି । ଫେରିବା ବାଟରେ ବାପାଙ୍କ କଥା ଖୁବ୍ ମନେପଡୁଥିଲା । ଭାବୁଥିଲି, ଲଙ୍କାକୁ ଫେରିବା ପଥରେ ତାଙ୍କ ଆଶ୍ରମକୁ ଯାଇ ତାଙ୍କ ଠାରୁ ଆଶୀର୍ବାଦ ନେଇ ଯିବି । ପୁତ୍ର ହିସାବରେ ମୁଁ ଯୋଗ୍ୟ ହୁଏ କି ଅଯୋଗ୍ୟ ମୋ ପ୍ରତିତାଙ୍କର ତ ସଦା ଆଶୀର୍ବାଦ ଥିଲା । ନ ହେଲେ ବାରମ୍ବାର ଭୁଲ୍ କରି ମଧ୍ୟ ମୁଁ ଜିତିବାର ସାହସ କରୁଥିଲି କେମିତି । କେଉଁ ପିତା ତାର ସନ୍ତାନକୁକେବେବି ଅଭିଶାପ ଦିଏନି କି ଅମଂଗଳ କାମନା କରି ପାରେନା, ମୋ ବାପା ତ ସେ ଦୃଷ୍ଟିରୁ ଅନେକ ଉର୍ଦ୍ଧ୍ୱରେ । ବରଂ ମୁଁ ତାଙ୍କର ଉପଯୁକ୍ତ ଦାୟାଦ ହୋଇ ପାରି ନଥିଲି । କାରଣ ମୋ ମନରେ ତାଙ୍କ ପ୍ରତି ପିତୃଭକ୍ତି ଯେତେଟା ନଥିଲା । ବେଶିମାତ୍ରାରେ ଥିଲା ମୋର ବିଜୟର ଅହମିକା । ବାପାଙ୍କୁ ମୋର ଦିଗ୍‌ବିଜୟୀର ଜୟଯାତ୍ରା ଶୁଣାଇବା ହିଁ ଥିଲା ମୂଳ ଉଦ୍ଦେଶ୍ୟ । ମୋର ବଡ଼ିମାର ପ୍ରଶସ୍ତି ତାଙ୍କ ଆଗରେ ଗାନ କରିବା ପାଇଁ ମୁଁ ତତ୍ପର ହୋଇ ଉଠୁଥିଲି । ମାନୁଛି ବାପା ମୋତେ ଆଶ୍ରମରେ ବ୍ରହ୍ମଚର୍ଯ୍ୟା ଶିକ୍ଷା ଦେଇଥିଲେ । ମୁଁ କିନ୍ତୁ ତାଙ୍କ ଶିକ୍ଷାକୁ ଉଚିତ୍ ସମ୍ମାନ ଦେବା ତ ଦୂରର କଥା ବରଂ ବାରମ୍ବାର ଉଲ୍ଲଙ୍ଘନ କରି ଚାଲିଥିଲି । ତଥାପି ମୋର ଅହଂକାର କିଛି କମ୍ ନଥିଲା । ମୁଁ ଦେଖାଇବାକୁ ଚାହୁଁଥିଲି ମୁଁ କେମିତି ଦୈବୀବଳରେ ବଳୀୟାନ୍ ହୋଇଛି ଆଉ ଅତୁଳ ସମ୍ପତ୍ତିର ଅଧିକାରୀ ହୋଇପାରିଛି । ମୋର ସାଧନା ଓ ସିଦ୍ଧିକୁ ବାପା ସ୍ୱଚକ୍ଷୁରେ ଦେଖନ୍ତୁ ଏବଂ ମୋର ବିଶ୍ୱବିଜୟୀର ସଫଳତାକୁ ପ୍ରଶଂସା କରନ୍ତୁ । ଏତିକି ବାପାଙ୍କ ନିକଟରୁ ଆଶା କରିଥିଲି । ସେଇ ଗର୍ବରେ ପିତାଙ୍କ ପ୍ରତି ପୁତ୍ରର ସହଜାତ ନମ୍ରତା ମଧ୍ୟ ଭୁଲି ଯାଇଥିଲି । ତାଙ୍କର ପ୍ରଦତ୍ତ ବିଦ୍ୟାକୁ ଗ୍ରହଣ ନକରି ମୁଁ ମୋ ନିଜସ୍ୱ ପଥ ନିର୍ଣ୍ଣୟ କରିନେଇ କିଛି ଭୁଲ୍ କରିନି, ସେ କଥା ବାପା ମର୍ମେମର୍ମେ ଉପଲବ୍ଧି କରନ୍ତୁ । ଏଇ ବିଶ୍ୱାସ ଓ ଭରସାରେ ମୁଁ ମୋ ବାପାଙ୍କ ଠାରୁ ଅନେକ କିଛି ଆଶୀର୍ବାଦ ପାଇବା ଆଶାରେ ଥିଲି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


## ମନ : ଆଞ୍ଜୁଳାଏ ଏକପଦୀ

**ରତ୍ନକାନ୍ତି ମିଶ୍ର**

(୧)
ଏଇ ମନେ ପରା ସ୍ଥିତ ଚାରିଧାମ
ଏଇ ମନ ଏକ ତୀର୍ଥ
ପବିତ୍ର ଚିନ୍ତନ ସ୍ୱସ୍ତି ଭାବାପନ୍ନ
ପୂଣ୍ୟ ଅରଜନ ସୂତ୍ର।।
(୨)
ଏଇ ମନ ତଳେ ବହଇ ଗଙ୍ଗୋତ୍ରି
ଏଇ ମନ ହିଁ ବୈକୁଣ୍ଠ
କିବା ପ୍ରୟୋଜନ ସୁଖ ଅନ୍ୱେଷଣ
ସରଗର ପାରିଜାତ ।।
(୩)
କେବେ ଆବେଗରେ ମନ ଆନମନା
ଶୂନ୍ୟେ ସଞ୍ଚରିତ ହୁଏ
ଫୁଲ ହୋଇ ଫୁଟି ମହକ ତା ବାଣ୍ଟି
ଦେହାତୀତ ହୋଇଯାଏ ।।
(୪)
ମନ ସିନ୍ଧୁକରେ ଯତନେ ସାଇତା
ପିଲାଦିନ ସ୍ମୃତି ଯେତେ
ଅଫେରା ବୟସ ପକ୍ଷୀର ଡେଣାରେ
ମନ ଉଡେ ଅକସ୍ମାତେ ।।
(୫)
ଏଇ ମନ କେବେ ଘୁରେ ବୃନ୍ଦାବନ
କେବେ କାଶୀ ବାରଣାସୀ
ଏଇ ମନ ପରା ପୂଣ୍ୟତୋୟା ଗଙ୍ଗା
ଦୁଃଖ, ପାପ, ତାପ ନାଶୀ ।।
(୬)
ମନ ପ୍ରଜାପତି ଉଡି ବୁଲେ କେବେ
ଏ ଫୁଲରୁ ସେ ଫୁଲକୁ
ଡେଣାରେ ତାହାର ରଙ୍ଗ ମହୋତ୍ସବ
ସ୍ୱପ୍ନ ଛୁଏଁ ସରଗକୁ ।।
(୭)
ଈଶ୍ୱର ତ ଏକ ଏକଇ ଆତ୍ମା
ଅନେକ ରୂପରେ ବ୍ୟକ୍ତ
ସେଇ ଏକା ମନେ ଅନେକ ଭାବନା
ଭୂମିଠାରୁ ଭୂମା ବ୍ୟାପ୍ତ ।।

+ଆଳି, କେନ୍ଦ୍ରାପଡା

## ଯୁ ଟର୍ଣ୍ଣ ଏ ଜୀବନ

**ସୁନନ୍ଦା ମହାନ୍ତି**

ମୁଁ ଗଛଟିଏ ଯଦି ହେଇଯାଆନ୍ତି
ପକ୍ଷୀମାନଙ୍କୁ ନିର୍ଭେଜାଲ ପ୍ରେମ କରନ୍ତି
ବାଇଚଢେଇଠୁ ବସା ବୁଣିବା କୌଶଳ
କାଉଠୁ କା କା ରାବ ଶୁଣି
ସୁନେଲି ସକାଳ
ଆମ୍ବବଉଳ ବାସ୍ନାରେ କମ୍ପାଇ
ଆକାଶ ପାତାଳ
କୋଇଲିଠୁ ଶିଖି କୁହୁ ତାନ
କଜ୍ଜଳପାତିଠୁ ସ୍ପୃହା ଓ ନିବେଦନ
କୁମ୍ଭାଟୁଆ ଲୁଚି ରହିବା କୌଶଳ
କାଉ ଛୁଆ କୋଇଲି ବସାରେ
କୋଳାହଳ
ଗଛ ଓ ସାରା ଡ଼ାଳ ମୂଳ
ପକ୍ଷୀଙ୍କ କେଁ କଟର ଜଞ୍ଜାଳ
ଗଛ ଜୀବନେ ପୂର୍ଣ୍ଣ ଥାଳ
ଦିଅନ୍ତି ଫୁଲ ଫଳ ଖାଆନ୍ତେ ପକ୍ଷୀକୁଳ
ଜୀବନ ପାଇଁ ଜୀବନ ଜିଇଁ
ଦେଖନ୍ତି ନୂଆ ସକାଳ
ଆଖି କାନ ପରି ପଞ୍ଚଇନ୍ଦ୍ରୀୟ ତତ୍କାଳ ।

ହୁଅନ୍ତି ପକ୍ଷୀ ରାବ
କିଏ ଶୁଆ ଶାରୀ
ବଣି କି କୋଉ ଜରଦ୍ଗବ
ଗଛର ଡ଼ାଳ ମୂଳ ଫୁଲ ଫଳରେ
ଲେଖି ଉତ୍କଳ
ମୋ ରାଇଜ ମହାନ
ଦେଖ ମର୍ଣ୍ଣିଙ୍ଗୱାକ କରନ୍ତି ପକ୍ଷୀଦଳ ଦଳ
କେବେ ଯୁ ଟର୍ଣ୍ଣ କେବେ
ଓଡ଼ିଆ ଅକ୍ଷର ପରି
ବର୍ଣ୍ଣବୋଧର ବର୍ଣ୍ଣମାଳ
ମୁଁ ଯୋଗୀ ମୁଁ ଭୋଗୀ ମୁଁ ବି ରୋଗୀ
ପକ୍ଷୀ ନଦେଖି ବିକଳ ଆକୁଳ
ମୋ ଏକ୍ଲାପଣରେ ପକ୍ଷୀ ହିଁ ବକଳ
ମକର ବଉଳ ପରି ପକ୍ଷୀ ହିଁ ଥଳକୂଳ
ଓଁ ପରି ପକ୍ଷୀରାବ ଆଣେ
ସୁନେଲି ସକାଳ ।

+ ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

## ପତଙ୍ଗର ସ୍ୱପ୍ନ -

**ଦୀପ୍ତି ମିଶ୍ର**

ହେ ଆଲୋକ !
ମୁଁ ତୁମକୁ ଦେଖିଲି......
ତୁମ ପ୍ରତି ଆକର୍ଷିତ ହେଲି,
ନୀରିହ ପତଙ୍ଗଟିଏ ମୁଁ,
ମୁଁ କଣ ଜାଣିଥିଲି ?
ତୁମେ ଖାଲି ଦୂରରୁ ସୁନ୍ଦର....
ତୁମକୁ ଛୁଇଁବାର ତୀବ୍ର ଇଚ୍ଛା
ମୋତେ ଯେ ପାଉଁଶ କରିଦେବ
ଏ କଥା ମୋତେ ଜ୍ଞାତ ନ ଥିଲା ତ !

ଏବେ ବି ତୁମ ପ୍ରତି ଆକର୍ଷିତ ମୁଁ
ମୋର ଦୁଇ ଡେଣା ଜଳି ଯାଇଛି ସିନା....
ପୋଡ଼ା ଘା'ର ଅସହ୍ୟ ଯନ୍ତ୍ରଣା ସିନା
ଭେଦି ଯାଉଛି ଦେହରେ....
ହେଲେ ମୁଁ ଯେ ଦିବ୍ୟ ଆତ୍ମ ସତ୍ତା ଟିଏ !
ମନର ପ୍ରତି କୋଣ ଅନୁକୋଣରେ
ତୁମେ ଜାଜ୍ୱଲ୍ୟମାନ....
ହେ ଦିବ୍ୟ ପରମ ଆଲୋକ ବର୍ତ୍ତିକା !

ହେ ଆନନ୍ଦ !
ମୁଁ ତୁମକୁ ଅନୁଭବ କଲି
ମୋର ମନ ପ୍ରାଣ ଓ ଶରୀରର
ପ୍ରତ୍ୟେକଟି ସତ୍ତା ଫୁଲି ଉଠିଲେ
ଖୁସିର ଲହରୀରେ......
ଉଦ୍‌ବେଳିତ ହୋଇ ଉଠିଲା ବେଳାଭୂମି
ଫେନିଳ ସ୍ୱପ୍ନରେ .....

ହେଲେ ମୁଁ କଣ ଜାଣି ଥିଲି
ତାହା ତୁମର ଏକ ବିକୃତ ପରିଭାଷା ?
ଯନ୍ତ୍ରଣାର ଜଉଘରେ ଏବେ
ମୁଁ ଅର୍ଦ୍ଧ ମୃତ ପ୍ରାୟ ...
ଏବେ ବି ତୁମର ସେଇ ଦିବ୍ୟ
ରୂପକୁ ଝୁରୁଛି ମୁଁ,
ହେ ଆନନ୍ଦ !
ଆବୋରି ନିଅ
ମୋତେ ତୁମରି ଦିବ୍ୟତାରେ ।

ହେ ବିଶ୍ୱ ବ୍ୟାପକତା.....!
ହେ ଆଲୋକ ! ହେ ଆନନ୍ଦ !
ମୋତେ ପତଙ୍ଗ ଜନ୍ମରୁ ମୁକ୍ତ କର,
ମୋତେ ରୂପାନ୍ତରିତ କର....
ତୁମ ସ୍ୱର୍ଗୀୟ ଅନୁଭୂତିରେ ଆଙ୍କି ଦିଅ
ମୋ ଦେହରେ ଆନନ୍ଦର ଚିତ୍ର....
ଖେଳାଇ ଦିଅ ମୋ ମନ
ପ୍ରାଣରେ ଆଲୋକର ବନ୍ୟା,
କାରଣ ମୁଁ ଆଉ କେହି ନୁହେଁ
ମୁଁ ଅଟେ ତୁମରି ବିଜୁଳି କନ୍ୟା ।

+ବାରିପଦା
ମୋ: ୯୪୩୮୪୦୪୩୦୮

## ସୁରେନ୍ଦ୍ର ସାଏ ଓ ସୁଭାଷ

**ସୁସ୍ମିତା ଦାସ**

ଆଜି ତାରିଖରେ ଓଡ଼ିଶା ମାଟିରେ
ଜନ୍ମିଥିଲେ ଦୁଇ ପୁରୁଷ -
ଦୁହେଁ ଥିଲେ ମୁକ୍ତି ସଂଗ୍ରାମର ବୀର
ସୁରେନ୍ଦ୍ର ସାଏ ଓ ସୁଭାଷ ।

ନିଜ ସୁଗୁଣରେ ଥିଲେ ତ ସ୍ୱତନ୍ତ୍ର
ଦୁହେଁ ଶ୍ରେଷ୍ଠ ଦେଶ ଭକତ-
ଜଣେ ଲଢୁଥିଲେ ଫିରିଙ୍ଗି ସାଥିରେ
ଜଣେ ମାଗୁଥିଲେ ରକତ ।

ଦୁହିଁଙ୍କୁ ମୋହର ଭକ୍ତି ଶ୍ରଦ୍ଧାଞ୍ଜଳି
ମଥାନୁଆଁ କୋଟି ପ୍ରଣତି -
ପ୍ରତି ପ୍ରାଣେ ଭରି ଦିଅନ୍ତୁ ଉଭୟେ
ଶାନ୍ତି ମଇତ୍ରୀ ଓ ସଂହତି ।

କଣ୍ଟାବଣିଆ, ଯାଜପୁର



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

**ଜ୍ୟୋସ୍ନାମୟୀ ପଣ୍ଡା**



।। ଭାଗ-୭୬ ।।

ସେତେବେଳେ କ୍ରୌଞ୍ଚ ର ଉତ୍ତର ପାଖରେ ଛିନ୍ନ, ବିଚ୍ଛିନ୍ନ ହୋଇ ଥିବା ଦ୍ୱିପ ମାନେ ପ୍ରାୟ ଏକାଠି ଥିଲେ । ସମୁଦ୍ରରେ ବରଫର ସ୍ତୁପ ମାନେ ଗୋଟିଏ ଗୋଟିଏ ସେତୁ ରାସ୍ତା ରେ ପରିଣତ ହେଉଥିଲେ । ଏହି ମୟ ରାଜ ବଂଶର କୌଣସି ଯୁବକ ପ୍ରାୟ ଜଣେ ଲିରିଶ୍ ଝିଅଙ୍କୁ ବିବାହ କରିଥିଲେ ଏବଂକେତେଜଣ ମୟ ଯୁବକ ଙ୍କ ସହ ଏହି ସେତୁ ଦେଇ (ୟୁରୋପ) ଦେଇ (ମଧ୍ୟ ଏସିଆ )କୁଶ ଦ୍ୱିପକୁ ଆସିଥିଲେ । ଏସିଆର ମଣିଷମାନେ ମଧ୍ୟ କ୍ରୌଞ୍ଚ ଦ୍ୱିପମାନଙ୍କୁ ଯାଉଥିଲେ । ସେତେ ସମୟ ପର୍ଯ୍ୟନ୍ତ ମଣିଷ ପୂର୍ଣ୍ଣ ସ୍ଥାୟୀ ଅଧିବାସୀ ନହୋଇ ତଥାପି ଅନେକ ଯାଯାବର ଜାତି ଘୁରି ବୁଲୁଥିଲେ ଓ ପରସ୍ପର ସଂସ୍କୃତିର ସମ୍ପର୍କରେ ଆସୁଥିଲେ । ଏହି ସମୟରେ ସେମାନେ ଭାରତର ଶ୍ରୁତିରୁ କେତେକ ବୈଦିକ ଜ୍ଞାନ ଲାଭ କରିଥିଲେ । ଆର୍ଯ୍ୟ ଭଟ୍ଟଙ୍କ ପରି ସେମାନେ ମଧ୍ୟ ଶୂନ୍ୟର ବ୍ୟବହାର ଜାଣିଥିଲେ । କିଛି ବର୍ଷ ପରେ ଏହି ଦମ୍ପତ୍ତିଙ୍କୁ ଛାଡି ସେମାନେ ବେରିଂ ପ୍ରଣାଳୀ (ମାତ୍ର ପଞ୍ଚାବନ କିଲୋ ମିଟର) ଦେଇ ପୁଣି କ୍ରୌଞ୍ଚକୁ, ନିଜ ଜନ୍ମ ଭୂମିକୁ ଫେରି ଯାଇଥିଲେ । ଏହି ଦମ୍ପତ୍ତି ମଧ୍ୟ ଏସିଆରୁ ଆସି ଭାରତର ଗୋଆଠାରେ ବାସ କରୁଥିଲେ । ଏହି ମାନଙ୍କ କନ୍ୟା ହେଉଛନ୍ତି ତାଙ୍କ ମାଆଙ୍କ ଦେଶର ଦେବୀଙ୍କ ନାମ ଅନୁସାରେ ଦନୁ, ଦକ୍ଷ ପ୍ରଜପତିଙ୍କ ପାଳିତା କନ୍ୟା । ଯାହାଙ୍କଠାରୁ ଜନ୍ମ ହେବେ ମୟ ଓ ହୟ ଗ୍ରୀବ । କେତେକ ତାଙ୍କୁ ବିଶ୍ୱକର୍ମାଙ୍କ ପୁତ୍ର ମଧ୍ୟ କହିବେ, କାରଣ ଶୁକ୍ରାଚାର୍ଯ୍ୟଙ୍କ ଶ୍ୱଶୁର ଜଣେ ଉତ୍ତମ ଶିଳ୍ପୀ ଏବଂ ମୟ ଓ ତାଙ୍କ ମଧ୍ୟରେ କିଛି ନିର୍ମାଣ କଳା ଜ୍ଞାନର ଆଦାନ ପ୍ରଦାନ ହେବ । ଏହି ଗୋଆଠାରେ ହିଁ ମୟଙ୍କର ପତ୍ନୀ ହେମାଙ୍କ ଗର୍ଭରୁ ମନ୍ଦୋଦରୀ ଜନ୍ମହେବେ । ଜମ୍ବୁ ଦ୍ୱିପର ଦକ୍ଷିଣ ଉପାନ୍ତରେ ଥିବା ସମୁଦ୍ରରେ ସମୁଦ୍ର ଉପରେ ଏକ ଦୀର୍ଘ ପ୍ରାକୃତିକ ଶିଳାସ୍ତର ଲଙ୍କାକୁ ଯୋଗ କରୁଅଛି । ଏହା ବିଭିନ୍ନ ପ୍ରକାର ଶିଳା ସହ ଭାସମାନ ଶିଳାର ମିଶ୍ରଣରେ ତିଆରି । ଏହି ପଥ ଦେଇ ନିଜର ଶିଳ୍ପ ଜ୍ଞାନ ପ୍ରୟୋଗ କରି ଅବା କୁବେରଙ୍କ ପୁଷ୍ପକ ଯାନ(ଏହି ଯାନ ମନ ଅନୁସାରେ ଗତି କରିଥାଏ । ଏହା ବର୍ତ୍ତମାନର ରିମୋର୍ଟ କଣ୍ଟ୍ରୋଲ ଆର୍ଟିଫିସିଆଲ୍ ସାଇନସ୍ ବା ଟେକ୍ନୋଲୋଜି ପରି । ଅନ୍ତର୍ବିଜ୍ଞାନ ବଳରେ ମଧ୍ୟ ଅନ୍ୟର ମସ୍ତିଷ୍କ, ଭାବନା, ଇନ୍ଦ୍ରିୟକୁ ନିୟନ୍ତ୍ରଣ କରାଯାଉଥିଲା । ସମୁଦ୍ର ଆଦି ସ୍ଥାନକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଥିଲା । ପଥରକୁ ମଧ୍ୟ ସାଇବର ପରି ସ୍ଥାନାନ୍ତରିତ କରି ପାରୁଥିଲେ ଓ ଜଗନ୍ନାଥଙ୍କ ରତ୍ନ ଖଟ ବି ଉଠାଇ ନେଇ ଯାଉପାରୁଥିଲେ ସେମାନେ । ଏହି ବିଜ୍ଞାନକୁ ପ୍ରାୟ ବେତାଳ(ଆକର୍ଷଣୀ) ସାଧନା କୁହା ଯାଉଥିଲା ।) ସାହାଯ୍ୟରେ ଯାଇ ଲଙ୍କାରେ ଅବସ୍ଥାନ କରିବେ । ଭବିଷ୍ୟତରେ ନିଜର ଆଧାତ୍ମିକ ଶକ୍ତି ବଳରେ ପ୍ରଭୁ ଶ୍ରୀରାମ ବୋଧହୁଏ ଏହି ଭାସମାନ ଶିଳାମାନଙ୍କୁ ଯୋଗ କରି ତାଙ୍କ ବିଶାଳ ସେନା ବାହିନୀଙ୍କୁ ମଧ୍ୟ ଏହି ପଥରେ ଲଙ୍କା ପର୍ଯ୍ୟନ୍ତ ନେଇ ଯାଇ ପାରିବେ । (ଅଦିତି,ହୁଏତ ପ୍ରାୟ ପ୍ରଥମେ ସପ୍ତ ଋଷିଙ୍କ ପୂର୍ବରୁ କ୍ରତୁ ଋଷିଙ୍କ ସମୟ ରେ ହିଁ ଯଜ୍ଞ ଆରମ୍ଭ ହୋଇଥିଲା ଓ ବେଦ ସୃଷ୍ଟି ହୋଇଥିଲା । ଏହା ପୁର୍ବରୁ ସନତ ଓ ସନାତନଙ୍କ ସମୟରେ ସନାତନ ଧର୍ ପ୍ରଥମେ ଥିଲା । ବେଦ ସେହି ସମୟରୁ ସୃଷ୍ଟି ହୋଇଥିଲା, ଯେତେବେଳେ ପୃଥିବୀର ସବୁ ଦେଶରେ ମଣିଷ ମାନେ ଗୋଟିଏ ଜାତି ଥିଲେ ଓ ପ୍ରକୃତିର ଚନ୍ଦ୍ର, ସୂର୍ଯ୍ୟ, ଇନ୍ଦ୍ର, ଅଦିତି, ବରୁଣ , ବାୟୁ ଆଦିଙ୍କୁ ଦେବତା ବୋଲି ବିଶ୍ୱାସ କରୁଥିଲେ । ଏହି ସମୟରେ ମନ୍ତ୍ର ଗୁଡ଼ିକ ଏହି ଦେବତା ମାନଙ୍କ ସ୍ତୁତି, ଭୌଗଳିକ ସ୍ଥିତି ଓ ପ୍ରାକୃତିକ ଚିକିତ୍ସା ବିଷୟରେ ଥିଲା । ବିଶ୍ୱାସ ହିଁ ଏହାର ଆଧାର ଥିଲା । ପରେ ବେଦର କେତେକ ଅଂଶ ଓ ବେଦାନ୍ତ ସୃଷ୍ଟି ହେଲା । କିନ୍ତୁ ବ୍ରହ୍ମା ଲେଖିବାକୁ ଆରମ୍ଭ କରିଥିବା ଏହି ବେଦ ରଚନା ଆସନ୍ତା ପ୍ରଳୟ ପରେ ବାଧା ପ୍ରାପ୍ତ ହେବ ଅଦିତି, ଆଉ ଆଜକୁ ପ୍ରାୟ ତିନି ହଜାର ବର୍ଷ ପରେ ବ୍ୟାସ ଦେବ ବେଦକୁ ପୂର୍ଣ୍ଣ କରିବେ । ଇନ୍ଦ୍ରଜିତଙ୍କ ବଂଶଜ ମାନେ ନିଜ ପୂର୍ବଜଙ୍କ ଭୂମିର ଠିକଣା ଖୋଜି ପୁନର୍ବାର ଚାରି ହଜାର ବର୍ଷ ପରେ ଭାରତକୁ ଫେରି ଆସିବେ ଓ ସେହି ସମୟରେ ବେଦ ରଚନା ଶେଷ ହେବା । ସେଥିରେ ତନ୍ତ୍ର , ଆୟୁର୍ବେଦ, ବିଜ୍ଞାନ, ଯୋଗ ଆଦି ବିଭିନ୍ନ ଜ୍ଞାନ ଯୋଗ ହେବ । ଆଦିତି,ଏହି ସୃଷ୍ଟିରେ ଯାହା ସବୁ ପ୍ରାକୃତିକ ମୂଳ ଉପାଦାନରୁ ହିଁ ବୈଜ୍ଞାନିକ ମାନେ ଜ୍ଞାନ ବଳରେ ଅଧିକ ପ୍ରସାରିତ ଜ୍କରିଛନ୍ତି । ଯେତେବେଳେ ମଣିଷ ଦେଖିଲା ଯେ, ତାର ଇଚ୍ଛା ପୂର୍ଣ୍ଣ କରିବା ପାଇଁ ସତ୍ ଶକ୍ତି ଗୁଡ଼ିକ ଯଥେଷ୍ଟ ନୁହେଁ,ସେତେ ବେଳେ ସେ ମନ୍ଦ ଶକ୍ତି ଗୁଡ଼ିକର ଅନୁସନ୍ଧାନ କରିଥିଲା ଓ ପ୍ରୟୋଗ କରିଥିଲା । ଏହି ସମୟ ପୂର୍ବରୁ ଆମ୍ଭେମାନେ ସମସ୍ତେ ଶାକ (ଆଫ୍ରିକା) ଦ୍ୱିପରୁ ହିଁ ଆସିଥିଲେ । ସେତେ ବେଳର ଯାଯାବର ମଣିଷ ହିଂସ୍ର ଜନ୍ତୁ ପୂର୍ଣ୍ଣ ଅରଣ୍ୟ, ଜଳ ଭାଗ ଦେଇ ବିଶାଳ ଦଳ ବାନ୍ଧି ଯାତାୟାତ କରୁଥିଲା । ଗୋଟିଏ ଦଳ ଅନ୍ୟ ଦଳ ସହ କ୍ୱଚିତ ମିଶିଥିଲା ଓ ଖାଦ୍ୟର ପ୍ରତିଦ୍ୱନ୍ଦୀ ଥିଲା । ତେଣୁ ସେମାନଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ନଥିଲା । ଯଜ୍ଞେଶ୍ୱର ବା ଯୋଗେଶ୍ୱର ବ୍ରହ୍ମା ହୁଏତ ଉତ୍ତର ଭାରତୀୟ ଥିଲେ, (କିମ୍ବା ଶ୍ୱେତ ଦ୍ୱିପରୁ ଆସିଥିଲେ) । ଆମର ପୂର୍ବଜ ମାନେ ସିଧା ସଳଖ ଶାକ ଦ୍ୱିପରୁ ଆସି ଭାରତରେ ଦଳ ବାନ୍ଧି ବାସ କରୁଥିଲେ । ପ୍ରାକ୍ ବୈଦିକ ସମୟରେ ହିଁ ଏଥିରେ ଅନ୍ୟ ଜାତିର ମଣିଷ ମାନେ ଯୁକ୍ତ ହୋଇ ଯାଇଥିଲେ । ଋଷି ମାନେ ବିଭିନ୍ନ ସ୍ଥାନକୁ ଯାଇ ଏକାଧିକ ପତ୍ନୀମାନ ବିଭିନ୍ନ ସ୍ଥାନରୁ ଗ୍ରହଣ କଲେ । କିନ୍ତୁ ଯେଉଁ ସୂର୍ଯ୍ୟ ଅର୍ଯ୍ୟମା ଥିଲେ, ସେହିଠାରେ ହିଁ ପୃଥିବୀରେ ପ୍ରଥମେ ପାଞ୍ଚ ଭୂତ ବା ଅର୍ଯ୍ୟ ମାନେ ସୃଷ୍ଟି ହେଲେ, ଏହି ପୃଥିବୀରେ ଯେଉଁମାନେ ଆକାଶ ( ୟୁନିଭର୍ସ)ରୁ ଐଶ୍ୱରୀୟ ଶକ୍ତିର ଉର୍ଜା ନେଇ ପତିତ ହେଲେ ବା ଅବ ତରଣ କଲେ ବା ସମୂହ ସତ୍ତା ରେ ସମୃଦ୍ଧ ସେମାନେ ଆର୍ଯ୍ୟ ଥିଲେ । ଅର୍ଥାତ, ସମସ୍ତ ଆଦିମ ମାନବ ମଧ୍ୟରେ ଏମାନେ ଅଗ୍ରଗାମୀ ଦଳପତି ଥିଲେ । ତୁମର ପୂର୍ବଜ, ଯେଉଁମାନେ ଆଫ୍ରିକା ବା ଅଷ୍ଟ୍ରେଲିଆରୁ ଆସି ମାତୃକାରେ ବାସ କରୁଥିଲେ, ସେମାନେ ମଧ୍ୟ ପୁନର୍ବାର ତୁମଠାରୁ ଅର୍ଯ୍ୟମା ନାମରେ ଜନ୍ମ ହେବେ । ଜ୍ୟୋତିଷ୍କ ବଂଶରୁ ବା ନିୟମ ପ୍ରଣେତା ବଂଶରୁ ଧାତା, ଗୋ, ମେଶ ଆଦି ପାଳକ ବା ଅନ୍ୟ ଜଗତରେ ଆତ୍ମ । ପାଳକମାନେ ବା କୃଷକ ମାନେ ପୁଷଣ ଏବଂ ଯଜ୍ଞ ଆଦିରେ ବା ଧର୍ମ କାର୍ଯ୍ୟରେ ପୁରୋହିତ ହେଉଥିବା ବଂଶରୁ ନଷ୍ଟା ଜନ୍ମ ହେବେ । ଯେ କେହି ମାନବ ପରି ଏମାନେ ନିଜ କର୍ମ ସମାନ ଜାତି ଗ୍ରହଣ କରିବେ । ପ୍ରତ୍ୟେକ ମାନବଠାରେ ବ୍ରହ୍ମ ହିଁ ଚେତନା, ଆତ୍ମା ହିଁ ଅବିନାଶୀ ଓ କାଶ୍ୟପ ହିଁ ଜୀବ କୋଷ ବା ଜୀବନ ରୂପେ ଅଛନ୍ତି । ଏହି ବ୍ରହ୍ମ ଚିର ଜାଗ୍ରତ, ବହିର୍ବିଜ୍ଞାନରେ ମଧ୍ୟ ଏହି ମସ୍ତିସ୍କର କାର୍ଯ୍ୟ କେବେ ବନ୍ଦ ହୁଏ ନାହିଁ । ମସ୍ତିଷ୍କରେ ହିଁ ବିଭିନ୍ନ ମହାକାଶ (ୟୁନିଭର୍ସ) ଶକ୍ତି ରହିଅଛି) । ଏହି ବୈଦିକ ଧର୍ମ ବା ସନାତନ ଧର୍ମ ଏକ ପୂର୍ଣ୍ଣାଙ୍ଗ ଧର୍ମହୋଇ ପାରିବ, ଯେତେବେଳେ ଏହି ଜ୍ଞାନରେ ଏକ ଦେହ ଯୁକ୍ତ ହେବ । ଶରୀରମ୍ ଆଦ୍ୟମ, ଯେଉଁଥିରେ ସମସ୍ତ କାୟିକ, ମାନସିକ ଓ ଆତ୍ମିକ ସାଧନା କରାଯାଏ । ତେଣୁ ଦେହକୁ ପ୍ରଥମେ ସୁସ୍ଥ ଓ ନିରୋଗ ରଖିବା ଆମର କର୍ତ୍ତବ୍ୟ ।,' କିନ୍ତୁ, ଏହି ଦଶ ପୁତ୍ରଙ୍କୁ ମୁଁ କିପରି ଜନ୍ମ ଦେବି ?'

' ଅଦିତି, ବ୍ରହ୍ମାଙ୍କ ସନ୍ତାନ ହେବା ପୂର୍ବରୁ ଓ ପରେ ବୈବାହିକ ସମ୍ପର୍କ ଦ୍ୱାରା ଆମର ପୂର୍ବଜ ମାତୃ ଓ ପିତୃ ପିଢ଼ି ରୂପେ ଏହି ସମସ୍ତ ଜାତି ମାନେ ଆମ ଦେହରେ ମିଶି ଅଛନ୍ତି । ପ୍ରାୟ ଚାରିଶହ ବର୍ଷ ପୂର୍ବ ଓ ସପ୍ତ ପୁରୁଷ ପର୍ଯ୍ୟନ୍ତ ମାତା ଓ ପିତାଙ୍କ ବଂଶର ରୂପ ଓ ଗୁଣ ନେଇ ଶିଶୁ ଜନ୍ମ ହୋଇଥାଏ । ଯୋଗ ବଳରେ ମୁଁ ମନ ବାଞ୍ଛିତ ଫଳ ଲାଭ କରିବାର ଆଶିର୍ବାଦ ପାଇଛି । ତେଣୁ ଶ୍ରାଦ୍ଧ ( ଏହା ଶ୍ରାଦ୍ଧ ଦେବ ମନ୍ୟୁଙ୍କ ଠାରୁ ହେବ ।) ଆମେ ସପ୍ତ ପୁରୁଷ ପର୍ଯ୍ୟନ୍ତ ଉଭୟ ପରିବାରର ନାମ ଉଚ୍ଚାରଣ କରିବା ଉଚିତ୍ । ପିତାଙ୍କର ପରିଚୟ କେବଳ ପୁତ୍ରଠାରୁ ମିଳିଥାଏ । (ଣ)ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା । ତେଣୁ ମୋର ଔରସରେ ଯିଏ ଯେଉଁ ଜାତିର ରୂପ ଗୁଣ ନେଇ ଜନ୍ମ ହେବ, ତାକୁ ସେହି ନାମରେ ନାମିତ କରାଯିବ । ଯଦି ବା ସେହି ମାନଙ୍କଠାରୁ ମୋର ସନ୍ତାନ ମାନେ ସ୍ୱତନ୍ତ୍ର ରହିବେ ଏବଂ ଏକ ଭାରତୀୟ ସମୂହ ଶକ୍ତି ରେ ପରିଣତ ହେବେ ।,'କିନ୍ତୁ ଆପଣ ମାନେ କାହିଁକି ଆର୍ଯ୍ୟ ମାନଙ୍କୁ ଉତ୍ତର ଭାରତରେ ସ୍ଥାନ ଦେବାକୁ କୁଣ୍ଠିତ ଥିଲେ ?'

'ଅଦିତି, ଦ୍ରାବିଡ଼ ଓ ବିଭିନ୍ନ ଜନଜାତି ମାନେ ଭାରତର ପ୍ରଥମ ଅଧିବାସୀ ଥିଲେ । ସେହିମାନେ ନିକଟବର୍ତ୍ତୀ ସ୍ଥାନ ମାନଙ୍କରେ ବିବାହ କରୁଥିଲେ । ସେମାନେ ପଶୁପତି ଶିବଙ୍କ ଉପାସନା କରୁଥିଲେ । ଏହି ଋଷି, ମୁନି, ବ୍ରାହ୍ମଣ, ଯେଉଁ ମାନଙ୍କୁ ରାଜର୍ଷି, ମହର୍ଷି, ବ୍ରହ୍ମର୍ଷି, ମୁନି କୁହାଯାଉଛି, ସେମାନେ ବିଷ୍ଣୁ ଓ ବ୍ରହ୍ମାଙ୍କୁ ଉପାସନା କଲେ ଓ ବହୁ ଦୂରବର୍ତ୍ତି ମଣିଷ ହୋଇ ଭାରତରେ ବୈବାହିକ ସମ୍ପର୍କ ସ୍ଥାପନ କଲେ । ପଥର ଅସ୍ତ୍ର ଓ ଦେହ ବଳର ଲଢେଇ ଛାଡି, ବୁଦ୍ଧି ବଳରେ ଓ ବାଣ ଆଦି ପେଶି ଆମକୁ ପରାଜିତ କରି ରଖିଲେ । ମୋର ପୂର୍ବଜଙ୍କୁ ମଧ୍ୟ ରାଜା ପଣରୁ ବିତାଡିତ କଲେ ଓ ବିପଦ ସମୟରେ ଆମକୁ ଦାସ କରି ରଖିଲେ । କଶ୍ୟପଙ୍କ ଚକ୍ଷୁରୁ ଧାର, ଧାର ଲୋତକ ବହିବାରେ ଲାଗିଲା । ସେ ପୁଣି କହିଲେ,' ଅଦିତି, ମୁଁ ଏହି ସମସ୍ତ ସନ୍ତାନ ମାନଙ୍କୁ ନିଜଠାରୁ ଜନ୍ମ ଦେଇ, ସେମାନଙ୍କର ବିବାଦର ସମାଧାନ ଚାହେଁ ଓ ଜାତି, ଧର୍ମ, ନିର୍ବିଶେଷରେ ଏକ ଶକ୍ତିଶାଳୀ ସର୍ବ ଭାରତୀୟ ଜାତି ଗଠନ କରିବାକୁ ଚାହେଁ ।'

( ଏହି ଉପନ୍ୟାସର ସମସ୍ତ ତଥ୍ୟ ଏକ ଶେଷଉମ ସତ୍ୟ ନୁହେଁ ।)

କଶ୍ୟପଙ୍କ ଉଦ୍ଦେଶ୍ୟ କଣ ପୂର୍ଣ୍ଣ ହୋଇ ପାରିଥିଲା ?


+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଆୟୁଷ୍ମାନ ଫାଉଣ୍ଡେସନର ଆଉ ଏକ ମହତ କାର୍ଯ୍ୟ: ରାସ୍ତାକଡ ଅସହାୟଙ୍କୁ ବାଣ୍ଟିଲେ ଶୀତବସ୍ତ୍ର

ଖଇରା, ୧୫/୧ (ନି.ପ୍ର): ଖଇରା ତଥା ନୂଆଦିଲ୍ଲିରେ ଜନସେବାକୁ ମୁଳମନ୍ତ୍ର କରି ଆଗେଇ ଚାଲିଥିବା ଆୟୁଷ୍ମାନ ଫାଉଣ୍ଡେସନର ପୁଣି ଏକ ମହତକାର୍ଯ୍ୟ ପାଇଁ ସାଧାରଣରେ ପ୍ରସଂଶିତ ହୋଇଛି । ଦିଲ୍ଲୀର ପ୍ରବଳ ଶୀତରେ ରାସ୍ତା କଡରେ ଥରୁଥିବା ଅସହାୟ ଅନାଥ ବ୍ୟକ୍ତିଙ୍କ ପାଖରେ ସଙ୍ଗଠନ ସଦସ୍ୟ ମାନେ ପହଞ୍ଚି ସେମାନଙ୍କୁ କମ୍ବଳ ଦେଇ ମାନବିକତାର ପରିଚୟ ଦେଇଛନ୍ତି । ଏଥିପାଇଁ କୌଣସୀ ବିଦେଶୀ ପାଣ୍ଠି ଯୋଗାଡ କରିବା ବଦଳରେ ସଦସ୍ୟ ମାନେ ନିଜ ସଞ୍ଚିତ ଅର୍ଥରୁ କିଛି କିଛି ଏହି କମ୍ବଳକିଣା ରେ ବିନିଯୋଗ କରି ଏଭଳି ମହତକାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି । ସଙ୍ଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଙ୍କ ପରାମର୍ଶ କ୍ରମେ ଆଲୋକ ରଞ୍ଜନ, ଭୁପତି ରାଉତ,



ଆଲୋକ ମହୁରୀ, ପ୍ରମୋଦ ସାମଲ, ନିବେଦିତା ଜେନା, ଦେବାଶିଷ ବେହେରା, ନିର୍ମଳ ଦାସ, ଲକ୍ଷ୍ମୀଧର ପରିଡା,ଗଜେନ୍ଦ୍ର ବାରିକ ପ୍ରମୁଖ ନୁଆଦିଲ୍ଲୀର ଲକ୍ଷ୍ମୀନଗର, ସିଲମପୁର, କ୍ରୀଷ୍ଣାନଗର ଓ ଗାନ୍ଧୀ ନଗର ଇତ୍ୟାଦି ଅଞ୍ଚଳକୁ ଯାଇ ଏହି କାର୍ଯ୍ୟରେ ସାମିଲ ହୋଇଥିବା ଜଣାଯାଇଛି ।

## ଅବିନାଶୀ ଆଶ୍ରମରେ ଆର୍ବିଭାବ ଦିବସ

କୋରେଇ, ୧୫/୧ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ଗୋଳାପୋଖରୀ ଠାରେ ଥିବା ଅବିନାଶୀ ଆଶ୍ରମରେ ବାବା ଶୂନ୍ୟବ୍ରହ୍ମଙ୍କ ଆର୍ବିଭାବ ଦିବସ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ । ଏହି ଅବସରରେ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା । ଉପଦେଷ୍ଟା ବାବା ପ୍ରଫୁଲ୍ଲ ଦାସ, ଡଃ ଦେବେନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ପୃଷ୍ଟି, ଭଗବାନ ମଲିକ, ସଭାପତି ମହେନ୍ଦ୍ର ନାୟକ, ଉପସଭାପତି ମନୋହର ପଣ୍ଡା, ସମ୍ପାଦକ ରାଘବ ଚନ୍ଦ୍ର ସାହୁ, ସହ ସମ୍ପାଦକ ନବଘନ ସାହୁ, କୋଷାଧ୍ୟକ୍ଷ ରଂଜନ କୁମାର ନାଥଙ୍କ ସମେତ ଗୋଲକ ସାହୁ, ଦୁର୍ଯ୍ୟୋଧନ ସାହୁ, କେଶବ ସାହୁ, ଧନେଶ୍ୱର ମଳିକ, ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘରେ ବନ୍ଧୁମିଳନ ଓ ଫକୀର ମୋହନ ଜୟନ୍ତୀ ପାଳିତ

ବାଲେଶ୍ୱର, ୧୫/୧ (ନି.ପ୍ର): ଓଡ଼ିଆ ଭାଷାର ତ୍ରାଣକର୍ତ୍ତା କଥା ସମ୍ରାଟ ବ୍ୟାସକବି ଫକୀର ମୋହନଙ୍କ ୧୮୩ ତମ ଜୟନ୍ତୀ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର କାର୍ଯ୍ୟାଳୟରେ ପାଳିତ ହୋଇଛି । ସଂଘର ସଭାପତି ଇଂ. ବନମାଳୀ ନାୟକ, ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ମହାନ୍ତ ପୂର୍ବତନ ସମ୍ପାଦକ ବସନ୍ତ କୁମାର ନାୟକ, ଅର୍ଥ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ, ଉପଦେଷ୍ଟା ଜ୍ଞାନେନ୍ଦ୍ର ନାଥ ସାହୁ ପ୍ରମୁଖ ଫକୀର ମୋହନଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷା ତଥା ଅଭିବୃଦ୍ଧି ନିମନ୍ତେ ଅବଦାନ ଅବିସ୍ମରଣୀୟ ହୋଇ ରହିଛି ଓ ରହିଥିବ ବୋଲି ସେମାନଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ । ସର୍ବପ୍ରଥମେ ଫକୀର ମୋହନଙ୍କର ଫଟୋଚିତ୍ରରେ କର୍ମକର୍ତ୍ତା ଓ ସଭ୍ୟମାନେ



ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଖ ଆଲ୍ଲାଉଦ୍ଦିନ୍, ଭବେଶ ଚନ୍ଦ୍ର ପଣ୍ଡା, ଅନୁପ ଆଚାର୍ଯ୍ୟ, ଶଶାଙ୍କ ଶେଖର ଦତ୍ତ, ଶ୍ରୀଧର କୁମାର ସାହୁ, ଲମ୍ବୋଦର ଗିରି, ରବିନାରାୟଣ ପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ପରିଡ଼ା, ନରେଶ ଚନ୍ଦ୍ର ଦାଶ, କ୍ଷେତ୍ରମୋହନ ନାୟକ, ନିଆସି ଚରଣ ଜେନା, ଡା. ତାରାକାନ୍ତ ନନ୍ଦ, ବାସନ୍ତୀ ପାଣି, କାମିନିକାନ୍ତ ପାଢ଼ୀ ପ୍ରମୁଖ ଶ୍ରଦ୍ଧା ନିବେଦନ କରିଥିଲେ । ଏହି ଅବସରରେ ମକର ଉତ୍ସବ ମଧ୍ୟ ପାଳିତ ହୋଇଥିଲା । ଗତ ତା ୧୧-୦୧-୨୦୨୫ ରିଖ ପୂର୍ବାହ୍ନରେ ସଂଘର ସାଂଗଠନିକ ଅଧିବେଶନ ସହିତ ସଦସ୍ୟ ସଦସ୍ୟାମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ସଦସ୍ୟ, ସଦସ୍ୟାମାନେ ଯୋଗଦେଇ ନିଜର ବକ୍ତବ୍ୟ ରଖି ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହିତ ସମସ୍ତଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ । ଏହି ଉତ୍ସବରେ ସଂଘର ସଭାପତି ଇଂ. ବନମାଳୀ ନାୟକ ସଭାପତିତ୍ୱ କରିଥିବା ବେଳେ ସଂଘର ବରିଷ୍ଠ ଉପଦେଷ୍ଟା ତଥା ପ୍ରାକ୍ତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ, ଉପସଭାପତି ସୁରେନ୍ଦ୍ରନାଥ ଦାସ ଓ ପୁଷ୍ପଲତା ମହାନ୍ତି, ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ମହାନ୍ତ, ପୂର୍ବତନ ସାଧାରଣ ସମ୍ପାଦକ ବସନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ସାବିତ୍ରୀ ଦାସ, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ରେମୁଣା ଶାଖା ସଭାପତି ଯୋଗେନ୍ଦ୍ରନାଥ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ଅର୍ଥ ସମ୍ପାଦକ ଦାମୋଦର ନାୟକ ଧନ୍ୟବାଦ ଦେଇଥିଲେ ।

# ଭତ୍ତା ପ୍ରଦାନ ପାଇଁ ବନ୍ଦୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଭଦ୍ରକ , ୧୫/୧ (ନି.ପ୍ର): ୨୫ ଜୁନ୍ ୧୯୭୫ ରୁ ୨୧ ମାର୍ଚ୍ଚ ୧୯୭୭ ମଧ୍ୟରେ ଏମ୍.ଆଇ.ଏସ୍.ଏ. (ଦି ମେଣ୍ଟେନାନସ୍ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ ୧୯୭୧) ଡି.ଆଇ.ଆର (ଦି ଡିଫେନସ୍ ଅଫ୍ ଇଣ୍ଡିଆ ରୁଲସ୍) ଏବଂ ଡି.ଆଇ.ଏସ୍.ଆଇ.ଆର୍ (ଦି ଡିଫେନସ୍ ଆଣ୍ଡ ଇଣ୍ଟରନାଲ ସିକ୍ୟୁରିଟି ଅଫ୍ ଇଣ୍ଡିଆ ରୁଲସ୍) ଅନୁଯାୟୀ ଓଡ଼ିଶାରେ କାରାବରଣ କରିଥିବା ଏବଂ ୧ ଜାନୁୟାରୀ ୨୦୨୫ ସୁଦ୍ଧା ଜୀବିତ ଥିବା ବନ୍ଦୀ ମାନଙ୍କୁ ମାସିକ ୨୦ ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଜିଲ୍ଲା ପ୍ରଶାସନ ଜରିଆରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଚିହ୍ନଟ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟି ଜରିଆରେ ଅନୁମୋଦିତ ଯୋଗ୍ୟ ହିତାଧିକାରୀମାନଙ୍କୁ ୧ ଜାନୁୟାରୀ ୨୦୨୫ ରୁ ଏହି ଭତ୍ତା ପ୍ରଦାନ କରାଯିବା ପାଇଁ ସୂଚନା ପ୍ରଦାନ କରାଯାଇଛି । ସେମାନଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ମଧ୍ୟ ପ୍ରଦାନ କରାଯିବ । ଏଥିପାଇଁ ଆବେଦନକାରୀ ମାନେ ଉଦ୍ଦିଷ୍ଟ ଫର୍ମରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବେଦନ କରିବେ । ଧାର୍ଯ୍ୟ ଅବଧି ଓ ଉଦ୍ଦେଶ୍ୟରେ କାରାବରଣ କରିଥିବା ପ୍ରମାଣ ସ୍ୱରୂପ ଆବଶ୍ୟକ କାଗଜାଦି ଏବଂ ୩ ଜଣ ବିଶିଷ୍ଟ ସହ ବନ୍ଦୀଙ୍କ ନାମ, ଆଫିଡେଭିଟ୍ ଆଦି ଦରଖାସ୍ତ ସହ ଦାଖଲ କରିବାକୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ଜାନୁୟାରୀ ୨୬ ରେ ଶୁଭାରମ୍ଭ କରାଯିବା ନେଇ ଘୋଷଣା କରାଯାଇଛି । ଏହାପରେ ମଧ ଦରଖାସ୍ତ ଗ୍ରହଣ କରାଯିବ । ଜିଲ୍ଲା ପ୍ରଶାସନ ଦ୍ୱାରା ଗଠିତ କମିଟି ଦ୍ୱାରା ଚିହ୍ନଟ ଦରଖାସ୍ତ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ତରରେ ଆଭାସି ଜରିଆରେ ଅନୁଷ୍ଠିତ ବୈଠକ ପରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସାମ୍ବାଦିକ ସାକ୍ଷାତକାର ଜରିଆରେ ଏହି ଯୋଜନାର କାର୍ଯ୍ୟକାରୀତା, ଆବେଦନ ପକ୍ରୀୟା, ଯୋଗ୍ୟ ହିତାଧିକାରୀ ଆଦି ସମ୍ବନ୍ଧରେ ପ୍ରଚ୍ଚର ପ୍ରସାର ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ । ଭଦ୍ରକ ଜେଲର ଚେତନା ପାତ୍ର, ଅତିରିକ୍ତ ଏସ୍.ପି. ଅରୂପ ଅଭିଷେକ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଓସ୍ୱାନ୍ ହଲ୍‌ରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆଭାସି ବୈଠକରେ ଉପସ୍ଥିତ ଥିଲେ ।

# ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଫକୀରମୋହନ ଜୟନ୍ତୀ ପାଳିତ

ଜଳେଶ୍ୱର, ୧୫/୧ (ନି.ପ୍ର): ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆଜି ସଂକ୍ରାନ୍ତୀ ପୁରୁଷ ତଥା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମ ଦିବସ ବ୍ଲକ ପରିସରରେ ଥିବା ଫକୀରମୋହନ ଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି ।ସଂଘ ର ସଭାପତି ଅମର ଆଚାର୍ଯ୍ୟ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ।ଏହି



କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ମିଳିତ ସାମ୍ବାଦିକ ସଂଘ ର ଉପଦେଷ୍ଟା ସମୀର ପାତ୍ର,ଜଳେଶ୍ୱର ର ବରିଷ୍ଠ ସାମ୍ବାଦିକ ଅର୍ଜୁନ ସିଂ,ଦୁର୍ଗା ଶଙ୍କର ବ୍ରହ୍ମ,ସତ୍ୟବ୍ରତ ପ୍ରଧାନ ପ୍ରମୁଖ ସାମିଲ ହେବା ସହ ଫକୀରମୋହନ ଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ସଭା ପରେ ସେହି ବ୍ଲକ ପରିସରରେ ଥିବା ମାହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା ।

## ପାଣିକୋଇଲି କଲେଜରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

କୋରେଇ, ୧୫/୧ (ନି.ପ୍ର): ପାଣିକୋଇଲିସ୍ଥିତ ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଦୀର୍ଘ ୮ଦିନ ପରେ ଆଜି ଉଦ୍‌ଯାପିତ ହୋଇଛି । ଯୁକ୍ତ ଦୁଇ ଅଧ୍ୟକ୍ଷା ଶ୍ରୀମତୀ ବସନ୍ତ ମଂଜରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଶିବିରର ସମସ୍ତ ଛାତ୍ରୀମାନେ ଯୋଗଦେଇଥିଲେ । ମୁଖ୍ୟ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ୨୦୧୨ ମସିହା ଦିଲ୍ଲୀର ନିର୍ଭୟା ଘଟଣାପରେ ଭାରତ ସରକାର ସମସ୍ତ ମହାବିଦ୍ୟାଳୟରେ ବାଳିକା ଅତ୍ମରକ୍ଷା ଶିବିର କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ବାଳିକା ମାନେ କିପରି ନିଜକୁ ନିଜେ ଅସମାଜିକ ତତ୍ୱ ଠାରୁ ସୁରକ୍ଷିତ ହୋଇପାରିବେ ସେହି କଳାକୁ ଶିଖିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଗୌରହରି ମହାପାତ୍ର ଶିବିରର ଉଦ୍ଦେଶ ସର୍ମ୍ପକରେ ଆଷଲାକପାତ କରିଥିଲେ । ଅଧ୍ୟାପକ ସମରେନ୍ଦ୍ର ଦାଶ, ପାର୍ଥସାରଥି ବିଶ୍ୱାଳ, ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରୀପାଠୀ, ମଦନ ମୋହନ ମହାପାତ୍ର, ସୋମନାଥ ପତି, ଗୋପବନ୍ଧୁ ସାହୁ, ବଳରାମ ପଣ୍ଡା, ଅଧ୍ୟାପିକା କଲ୍ୟାଣୀ ସାମଲ, ମଧୁସୂଦନ ପଣ୍ଡା, ଶାନ୍ତନୁ କୁମାର ପହି ପ୍ରମୁଖ ଯୋଗଦେଇଥିଲେ । ପ୍ରଶିକ୍ଷିକା ସନ୍ତୋଷି ରାଣୀ ପଣ୍ଡା ପିଲାମାନଙ୍କ ପ୍ରତୀକାତ୍ମକ ପ୍ରଦର୍ଶନକୁ ଉତ୍ସାହିତ କରିଥିଲେ । ଷଶରେ ମନୀଷା ଖୁଂଟିଆ ଧନ୍ୟବାଦ ଦେଇଥିଲେ ।

# ମକର ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ

ଉଦଳା , ୧୫/୧ (ନି.ପ୍ର): ପ୍ରତିବର୍ଷ ପରି କପ୍ତିପଦା ବ୍ଲକ ଅନ୍ତର୍ଗତ ସାନଖଲାଡ଼ି ଗ୍ରାମସ୍ଥିତ ମା' ଟାଙ୍ଗରାଶୁଣିପୀଠ ଠାରେ ଚଳିତ ଜାନୁଆରି ୧୪ ତାରିଖ ମଙ୍ଗଳବାରଦିନ ୩୧ତମ ରାଜ୍ୟସ୍ତରୀୟ ମକର ମିଳନ ଏବଂ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ପ୍ରଶାନ୍ତ ସ୍ମୃତି ପରିଷଦ, ଉତରାପ୍ରକାଶନି ଓ ଭାସ୍କର ଏଂଟରଟେନମେଂଟ ମିଳିତ ଭାବରେ ଏହିକାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ଆଲୋଚନାଚକ୍ର, କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ପ୍ରଦାନ ଓ ପୁସ୍ତକ ଉନ୍ମୋଚନର ପର୍ବ ଏହିଅବସରରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର




ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସାରସ୍ୱତ ସାଧକ କିଶୋର ଚନ୍ଦ୍ର ଦାସବାବୁ କାର୍ଯ୍ୟକ୍ରମରେ ସଭାପତିର ଦାୟିତ୍ୱ ତୁଲାଇ ଆମ ସଂସ୍କୃତି ସହିତ ପର୍ବ ପର୍ବାଣୀ ପାଳନର ପରମ୍ପରା କିପରି ବହୁପୁରାତନ ଅଟେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସଂଜୟ ଚୌଧୁରୀ, ପର୍ଶୁରାମ ସାହୁ, ଶରତଚନ୍ଦ୍ର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ମୟୂରଭଂଜର ଗଣପର୍ବ ଭାବରେ ପରିଚିତ 'ମକର' ଓ ଅଜିର ଦିନରେ ଫକିରମୋହନ ସେନାପତିଙ୍କର ଜୟନ୍ତୀ ପଡୁଥିବାରୁ ତାଙ୍କର ଜୀବନ ଇତିହାସ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ନମିତା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠୋତ୍ସବରେ ୫୦ରୁ ଉର୍ଦ୍ଧ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ପରେ ଡ଼. ନିରୁପମା ନାୟକଙ୍କ ଲିଖିତ ଓ ଉତରାପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ମୟୂରଭଂଜର ଲୋକଗଳ୍ପ : ଏକ ଅଧ୍ୟୟନ' ଓ 'ସ୍ମୃତି ପଣତରେ ମିଳୁ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଏହାପରେ ମନୋରଂଜନ ଜେନା, ମୋନାଲିସା ଭଂଜ, ପ୍ରଣତି ମହାପାତ୍ର, ପଦ୍ମାବତି ବେହେରା ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ କାର୍ଯ୍ୟକ୍ରମର ଆୟୋଜକ ସୁଶାନ୍ତ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଶିଷ ମଲିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ହେମଲତା ଶଙ୍ଖୁଆ, ଅବନ୍ତି ବେହେରା, ଜାହ୍ନବି ପୁଟି, ଶ୍ରୀକାନ୍ତ ପ୍ରସାଦ ବେହେରା, ମନୋରଂଜନ ମଲ୍ଲିକ, କରୁଣାକର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଓୟୁଜେ ପାଳିଲା ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ

ବାଲେଶ୍ୱର, ୧୫/୧ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ବ୍ୟାସ କବି ଫକୀର ମୋହନ ସେନାପତି ଙ୍କ ୧୮୩ ତମ ଜୟନ୍ତୀ ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ଫକୀର ମୋହନ ଗୋଲେଇ ସ୍ଥିତ ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତୀରେ ସାମୁହିକ ମାଲ୍ୟାର୍ପଣ କରାଯିବା ସହିତ ଅତିଥି ମାନେ ଫକୀର ମୋହନ ଙ୍କ କାଳଜୟୀ ସୃଷ୍ଟି ଓଡ଼ିଆ ସାହିତ୍ୟ ଜଗତକୁ ସବୁଦିନ ପାଇଁ ସମୃଦ୍ଧ ଓ ବୁଦ୍ଧିମନ୍ତ କରି ରଖିଥିବ ବୋଲି କହିଥିଲେ । ଆଗାମୀ ଯୁବ ପିଢ଼ି ଙ୍କୁ ଯୁଗ ପୁରୁଷ ଓ ମହାନ ସ୍ରଷ୍ଟା ଙ୍କ ସୃଷ୍ଟି ସମ୍ପର୍କରେ ସଚେତନତ କରିବା ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଏଭଳି ନିଆରା ପଦକ୍ଷେପ କୁ ଅତିଥି




ମାନେ ଭୂୟସୀ ପ୍ରଶଂସା କରିବା ସହିତ କାର୍ଯ୍ୟକ୍ରମ କୁ ବଜାୟ ରଖିବାକୁ ପରାମର୍ଶ ଦେଇଥଲେ । ୟୁନିଅନ ର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱ ରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଟ ସମାଜସେବୀ ତଥା ଆଇନଜୀବୀ ଭୁବନାନନ୍ଦ ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଜିତେନ୍ଦ୍ର ମହାନ୍ତି,ସମାଜସେବୀ ଅଜୟ ସାମଲ, ୟୁନିଅନ ର ବରିଷ୍ଟ ସଦସ୍ୟ ଅଜିତ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ,କହ୍ନେଇ ଚରଣ ପ୍ରଧାନ,ଅଜୀମ ବାଲେଶ୍ୱରୀ, ଚନ୍ଦ୍ରକାନ୍ତ ଜେନା,ମହେଶ୍ୱର ପ୍ରଧାନ, ପ୍ରମୁଖ ଯୋଗଦେଇ ଥିଲେ ।

# ନଛିପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ନଛିପୁର, ୧୫/୧ (ନି.ପ୍ର): ପୋଡାଡିହା (ଉଦଳା) ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ପାଳନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ପ୍ରଭାତ ଫେରି କରିଥିଲେ । ପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ସ୍ୱାମୀ ବିବେକାନନ୍ଦ ଙ୍କ ପୂଜାର୍ଚ୍ଚନା କରାଯାଇଥିଲା ଏଥିରେ ମୂଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ରଘୁନାଥ ସିଂ,ପ୍ରଧାନ ଆଚାର୍ଯ୍ୟ




ଶ୍ରୀଯୁକ୍ତ ଯୋଗେଶ୍ୱର ସାହୁ, ଗୁରୁଜୀ ଅଭିମନ୍ୟୁ ନାଏକ ପିଲାଙ୍କୁ ବିବେକାନନ୍ଦ ଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ ।ଏହି ଅବସରରେ ପିଲା ମାନଙ୍କ ଭିତରେ ବିବେକାନନ୍ଦ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଗୁରୁମା ଲିପିକା ସାହୁ, ପୁଷ୍ପାଞ୍ଜଳି ଦାସବାବୁ, ଓ ଗାୟତ୍ରୀ ବେହେରା ସହଯୋଗ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘର ବନ୍ଧୁ ମିଳନ

ଖୋର୍ଦ୍ଧା, ୧୫/୧ (ନି.ପ୍ର): ଚିଲିକା ପ୍ରେସ୍‌କ୍ଲବର ଆୟୋଜନରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସାମ୍ବାଦିକଙ୍କୁ ନିମନ୍ତ୍ରଣ କରି ବଡ଼କୂଳ ପାନ୍ଥନିବାସ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଖୋର୍ଦ୍ଧା ଜିଲ୍ଲାର ୧୪୫ ଜଣ ସାମ୍ବାଦିକ ଅଂଶ ଗ୍ରହଣ କରିଥିଲେ । ଚିଲିକା ପ୍ରେସ କ୍ଲବର ସମସ୍ତ ସଭ୍ୟଙ୍କ ପୌରହିତ ଏବଂ ଖୋର୍ଦ୍ଧା ଜିଲ୍ଲାର ସାମ୍ବାଦିକ ମାନଙ୍କ ସହଯୋଗରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।



# ସେଲ୍, ଆରଏସପିର ବରସୁଆ ଲୁହା ଖଣିର ଟେନ୍ସା ଟାଉନସିପ୍‌ରେ ଜଙ୍ଗଲ ଭ୍ୟୁ-ପଏଣ୍ଟ ଉଦ୍‌ଘାଟିତ

ରାଉରକେଲା, ୧୫/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଓଡ଼ିଶା ଗ୍ରୁପ୍ ଅଫ ମାଇନ୍ସ ଅଧିନସ୍ଥ ବରସୁଆ ଲୁହା ଖଣି (ବିଆଇଏମ), ପ୍ରକୃତିକୁ ଉପଭୋଗ କରିବା ନିମନ୍ତେ ସାମୁଦାୟିକ କଲ୍ୟାଣ କକ୍ଷେ ଟେନ୍ସା ଟାଉନସିପ୍‌ରେ ଏକ ମନୋରମ ଜଙ୍ଗଲ ଭ୍ୟୁପଏଣ୍ଟ ବିକଶିତ କରିଛି । ବିଆଇଏମ ଟିଆଇଏମ ବିଭାଗର ସିଜିଏମ ଶ୍ରୀ ହିମାଂଶୁ ମିଶ୍ର ଜାନୁଆରୀ ୭ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଭ୍ୟୁପଏଣ୍ଟକୁ ଉଦଘାଟନ କରିଥିଲେ ।




ଏହି ଅବସରରେ ବିଆଇଏମ, ଟିଆଇଏମ, କେଆଇଏମର ଏଚଆର ବିଭାଗର ଜିଏମ ଶ୍ରୀ ଏନ.ସି. ପଣ୍ଡା, ବିତ୍ତ ଓ ଲେଖା ବିଭାଗର ଜିଏମ ଶ୍ରୀ ପରିମଳ ବଂଶଲ, ଅନ୍ୟ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ, ଖେଳାଳି ଏବଂ ବହୁ ସଂଖ୍ୟାରେ ଟେନ୍ସା ଟାଉନସିପ୍ ବାସିନ୍ଦା ଉପସ୍ଥିତ ଥିଲେ ।ସୁନ୍ଦର ଟେନ୍ସା ଜଙ୍ଗଲର ଏକ ମାଧୁର୍ଯ୍ୟମୟ ଦୃଶ୍ୟ ପ୍ରଦାନ କରୁଥିବା ଏହି ସୁବିଧାରେ ସୁରକ୍ଷା ପାଇଁ ଉଚ୍ଚ ପ୍ଲାଟଫର୍ମ ଏବଂ ରେଲିଂ ପ୍ରାବଧାନ କରାଯାଇଛି । ଏହା ବାସିନ୍ଦା ଏବଂ ପରିଦର୍ଶକଙ୍କ ପାଇଁ ଏକ ଶାନ୍ତମନୋରମ ଅନୁଭୂତି ପ୍ରଦାନ କରୁଛି । ଏହି ସ୍ଥାନ ସହରବାସୀଙ୍କ ପାଇଁ ପ୍ରଶାନ୍ତକର ଆତ୍ମତୃପ୍ତି ଲାଭ ତଥା ପ୍ରାକୃତିକ ପରିବେଶକୁ ପ୍ରଶଂସା କରିବା ପାଇଁ ଏକ ଲୋକପ୍ରିୟ ସ୍ଥଳ ହେବ ବୋଲି ଆଶା କରାଯାଉଛି । ଏହି ପ୍ରୟାସ ବିଆଇଏମ-ଟିଆଇଏମ ସିଭିଲ୍ ବିଭାଗ ଦ୍ୱାରା ସମ୍ପାଦିତ କରାଯାଇଥିଲା ।

# ଫକୀର ମୋହନ ସେନାପତିଙ୍କ ୧୭୩ତମ ଜୟନ୍ତୀ ପାଳିତ

ଧର୍ମଶାଳା, ୧୫/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ସାହିତ୍ୟ ସମାଜ ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବ୍ୟାସକବି ଫକିର ମୋହନ ସେନାପତିଙ୍କ ୧୭୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଜାରକା ସ୍ଥିତ ଗାର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବ ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ତଥା ପ୍ରବଚକ କାମଦେବ ଶତପଥୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ଓଡିଶାରେ ଭାଷା ଆନ୍ଦୋଳନ ଓ ରାଜନୈତିକ ଆନ୍ଦୋଳନ ସଙ୍ଗଠିତ ହେଇଥିଲା ବୋଲି କହିଥିଲେ । କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, କବି ବିଜୟ କୁମାର ଦେବତା, ଅବସରପ୍ରାପ୍ତ ପ୍ରାଧାପକ ରାଧାଶ୍ୟାମ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସବିତା ମିଶ୍ର, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀପାଠ କରିଥିଲେ ।

# ‘ମକର ମଣ୍ଡା -୨୦୨୫’ ଲୋକାର୍ପିତ



ମୟୂରଭଂଜ, ୧୫/୧ (ନି.ପ୍ର): ଉପାନ୍ତ ଉତ୍ତର ଓଡିଶାର ଗଣପର୍ବ ପବିତ୍ର ମକର ସଂକ୍ରାନ୍ତି, ଓଡ଼ିଆ ଭାଷା ଓ ସାହିତ୍ୟ ସୁରକ୍ଷାର ଅଗ୍ର ସେନାପତି ପ୍ରାତଃ ସ୍ମରଣୀୟ ବ୍ୟାସକବି ଫକୀରମୋହନଙ୍କ ଜନ୍ମ ଜୟନ୍ତୀ ଶୁଭାବସର, ସାରସକ୍ଷେତ୍ର କଲ୍ୟାଣ ମଣ୍ଡପରେ, ନନ୍ଦିଘୋଷ ସାହିତ୍ୟ ସମାଜ ସାରସକଣା ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଅନୁଷ୍ଠାନ ତରଫରୁ ହର୍ଷଉଲ୍ଲାସ ମଧଦେଇ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ୨୦୨୪ ଅକ୍ଟୋବର ୧୯ ତାରିଖ ସ୍ଥାନୀୟ ସୁବର୍ଣ୍ଣରେଖା କେନାଲର ଗହୀର ଜଳରେ ଦୁର୍ଘଟଣାର ଶିକାର ହୋଇ ସଲୀଳ ସମାଧି ଲଭିଥିବା ସାରସକଣା ଶିଶୁ ବିଦ୍ୟା ମନ୍ଦିରର ତିନି ନିଷ୍ପାପ ଛାତ୍ର ସ୍ୱର୍ଗତ ଯଶୋବନ୍ତ ସାଇ, ମଦନ ମୋହନ ଓ ଶ୍ରୀୟାଂଶୁଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପାରମ୍ପାରିକ ସମାରୋହରେ ସାହିତ୍ୟ ସମାଜର ସଭାପତି ଡ.ଉପେନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱର ଦୈନିକ ‘ସମାଜ‘ ପ୍ରକାଶନର ବ୍ୟୁରୋଚିଫ୍ ଶଶି ରଞ୍ଜନ ମଲ୍ଲିକ, ଓଡ଼ିଆ ସାହିତ୍ୟ ମୁଖଶାଳା ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସଂସ୍ଥାପକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ, କାଳିପଦ ପଣ୍ଡା ଏବଂ ସାରସକଣାର ମାନ୍ୟବର ବିଧାୟକ ଭାଦ୍ରବ ଚନ୍ଦ୍ର ହାଁସଦାଃ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମିଳନ ସଭାକୁ ଉଦବୋଧନ ଦେଇଥିଲେ। ଉତ୍ସବରେ ଅତିଥିଗଣଙ୍କ କରକମଳରେ ଉନ୍ମୋଚିତ ଓ ଲୋକାର୍ପଣ ହୋଥିଲା ସାହିତ୍ୟ ସମାଜର ଏକତ୍ରିଂଶତମ ବର୍ଷସଂଖ୍ୟା ସାହିତ୍ୟ ପତ୍ରିକା ‘ମକର ମଣ୍ଡା - ୨୦୨୫‘। ମିଳନ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମାଟିର ସୁପୁତ୍ର, ଓଡ଼ିଶାର ଅନ୍ୟତମ ସାରସ୍ୱତ ପ୍ରତିଭା, କୋଡ଼ିଏରୁ ଉର୍ଦ୍ଧ୍ୱ ଉପନ୍ୟାସ ଗଳ୍ପ କବିତା ଓ ଭ୍ରମଣ କାହାଣୀ ଆଦିର ସ୍ରଷ୍ଟା, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ବର୍ଦ୍ଧନା ପ୍ରାପ୍ତ ସାହିତ୍ୟିକ, କୁଞ୍ଜ ବିହାରୀ ପାଢୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ନନ୍ଦିଘୋଷ ସାହିତ୍ୟ ସମାଜ ‘ମକର ମଣ୍ଡା‘ ସାରସ୍ୱତ ସମ୍ମାନ ପ୍ରଦାନ ହୋଇଥିଲା। ଜଗନ୍ନାଥ ସଂସ୍କୃତିର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠରେ ନିୟମିତ ଆଧ୍ୟାତ୍ମିକ ସେବା ପ୍ରଦାନ କରି ଆସୁଥିବା ସ୍ଥାନୀୟ ବାସିନ୍ଦା ସର୍ବଶ୍ରୀ କାର୍ତ୍ତିକ ଚନ୍ଦ୍ର ସାହୁ, ନନ୍ଦିଘୋଷ ମଣ୍ଡଳ ଓ ଶ୍ରୀମତୀ ଗୀତା ରାଣୀ ସାହୁଙ୍କୁ ମଧ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମ୍ମାନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ମକର ମଣ୍ଡା ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁ। ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ଜଗନ୍ନାଥ ସାହୁ। ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ ସଂଗୀତ ଶିଳ୍ପୀ ମୃତ୍ୟୁଞ୍ଜୟ ଭୋଳ, ସଞ୍ଜୟ ଭୋଳ, ସତ୍ୟଦୀପ ଓ ସତ୍ୟ ସୁନ୍ଦର। ସମାରୋହ ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ମକର ମଣ୍ଡା ପରିବାରର ସଦସ୍ୟ/ସଦସ୍ୟା ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ସାହୁ, ନବକିଶୋର ସେଠୀ, ସଞ୍ଜୀବ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ, ମନୋଜ କୁମାର ସାହୁ, ନୀଲୁ କୁମାର ମଣ୍ଡଳ, ହିମାଂଶୁ ଶେଖର ସାହୁ ଏବଂ ସାହିତ୍ୟ ସମାଜର କର୍ମକର୍ତ୍ତା ସୁରଥ କୁମାର ସାହୁ, ପ୍ରଦୀପ ପାଲିତ, ବାସୁଦେବ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ ଓ ରବୀନ୍ଦ୍ର ନାଥ ଭୋଳ ପ୍ରମୁଖ। ସାରସକଣା ମା’ସୁଭଦ୍ରା ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ମଞ୍ଚସଜ୍ଜାରେ ଭାଗ ନେଇଥିବା ବେଳେ ‘ମା’ ଦୁଆରଶୁଣି‘ ଯୋକା, ‘ଧରିତ୍ରୀ‘ ନୂଆଗାଁ, ‘ମା ’ତାରିଣୀ‘ ମୁଣ୍ଡାକଟା, ‘ମା’ ଦୁର୍ଗା‘ ସାରସକଣା ତଥା ‘ପାଣିଜିଆ‘ ଆଦି ସ୍ଥାନୀୟ ଗ୍ରାମର ଏସ୍.ଏଚ୍.ଜି. ସଦସ୍ୟାଗଣ ହୁଳହୁଳି ଓ ପବିତ୍ର ଶଙ୍ଖ ଧ୍ୱନିରେ ସମାରୋହର ପାରମ୍ପାରିକ ବୈଶିଷ୍ଟ୍ୟ ବଢାଇ ଥିଲେ। ଉତ୍ସବ ଉଦଯାପନୀରେ ଧନ୍ୟବାଦ ଅର୍ପଣ କରିଥିଲେ ’ମକର ମଣ୍ଡା’ ପତ୍ରିକାର ସହ ସମ୍ପାଦିକା ଗାଳ୍ପିକା ସୁଶ୍ରୀ ଅଞ୍ଜଳି ଦାସ ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ପାଠଚକ୍ର ଅନୁଷ୍ଠିତ

ବଲାଙ୍ଗୀର, ୧୫/୧ (ନି.ପ୍ର): ଆଜି ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ‘ମାଟିର ମଣିଷ : ଏକ ଆଲୋଚନା’ ଶୀର୍ଷକରେ ଏକ ଦିବସୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ଉଦ୍‌ଘାଟନ କରିଥିବାବେଳେ, ସୋନପୁ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼ଃ ମୀନକେତନ କୁମ୍ଭାର ମୁଖ୍ୟବକ୍ତା ଭାବରେ ଏଥିରେ ଯୋଗ ଦେଇଥିଲେ ଓ ମାଟିର ମଣିଷ ଉପନ୍ୟାସ ସମ୍ପର୍କିତ ବିଭିନ୍ନ ପ୍ରବନ୍ଧ ଉପସ୍ଥାପନରେ ବିଭାଗର ଛାତ୍ରୀ ଉର୍ମିଳା ପଟେଲ, ତୃପ୍ତିମୟୀ ବିଶ୍ୱାଳ, ସ୍ୱୟଂପ୍ରଭା ପୂଝାରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଓ ଉପନ୍ୟାସର ପ୍ରାସଙ୍ଗିକ ଆଲୋଚନା ହେବା ସହିତ ତୁଳନାତ୍ମକ ଦିଗ ଉପରେ ଆଲୋଚନା ଚକ୍ରଟି କେନ୍ଦ୍ରୀଭୂତ ହୋଇଥିଲା ଓ ଡ଼ଃ ସରୋଜ କୁମାର ଜଗଦଲା ସଭାସଂଚାଳନ କରୁଥିଲେ ଓ ଅଧ୍ୟାପକ ଯୁଗେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ଓ ଉକ୍ତ ସଭାରେ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ ନିରଞ୍ଜନ ସେଠ୍, ରତିକାନ୍ତ ନାଏକ ଓ ବିପ୍ଳବ ପଧାନ ଯୋଗଦେଇଥିଲେ ଓ ବହୁସଂଖ୍ୟାରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ସାର୍ଥା ଗ୍ରାମବାସୀଙ୍କ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ବିରୋଧ



ବାଲେଶ୍ୱର , ୧୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାର୍ଥା ଗ୍ରାମରେ ଏକ ଘନ ଜନବସତିରେ ସରକାରଙ୍କ ଏକ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଖୋଲା ହେବାର ଖବର ପାଇ ମମତା ଜେନା ଓ ମନୋରଞ୍ଜନ ଦଳେଇ ଙ୍କ ନେତୃତ୍ୱରେ ଏହି ଦୋକାନ କୁ ପ୍ରତିରୋଧ କରିବା ପାଇଁ ସାର୍ଥା ଗ୍ରାମବାସୀ ବାଲେଶ୍ୱର ଜିଲ୍ଲା ପାଳଙ୍କୁ ଏହା ଯେପରି ସାର୍ଥା ରେ ନହେଉ ବୋଲି ଜଣାଇବା ପାଇଁ ଦରଖାସ୍ତ ମାଧ୍ୟମରେ ଅନୁରୋଧ କରିବା ସଙ୍ଗେ ସଙ୍ଗେ ଅପକାରୀ ବିଭାଗର ଅଫିସରଙ୍କୁ ମଧ ଦରଖାସ୍ତ ମାଧମରେ ସାର୍ଥା ର ଜନ ବହୁଳ ଅଞ୍ଚଳରେ ନକରିବା ପାଇଁ ଅନୁରୋଧ କରିଥିଲେ। ଗ୍ରାମ ବାସୀ ଜଣାଇଥିଲେ କାରଣ ଏହି ଠାରେ ସ୍କୁଲ , ମନ୍ଦିର , ଆୟୁର୍ବେଦିକ ଚିକିତ୍ସାଳୟ ଅଛି ଏବଂ ପ୍ରାଣୀ ଚିକିତ୍ସାଳୟ ଥିବା ସଙ୍ଗେ ସଙ୍ଗେ ଛୋଟ ବଜାର ଟି ଅଛି । ତେଣୁ ଏଠାରେ ପିଲାଙ୍କୁ ଉପରେ କୁ ପ୍ରଭାବ ପଡିବା ସଙ୍ଗେ ସଙ୍ଗେ ବହୁତ୍ ପ୍ରକାର ଅସୁବିଧା ଦେଖା ହେବ । ଘରର ମହିଳା ଏବଂ ଝିଅ ମାନେ ମନ୍ଦିର, ବଜାର ଓ ଡାକ୍ତରଖାନା ଯିବା ଆସିବାରେ ଅସୁବିଧା ସୃଷ୍ଟି ହେବ ବୋଲି ଜଣାଇ ଥିଲେ ଗ୍ରାମ ବାସୀ ମାନେ କହିଥିଲେ ଏହି ମଦ ପାଇଁ କିଛିଦିନ ଆଗରୁ କିଛିଲୋକୋ ମୃତୁ ବରଣ କରିଛନ୍ତି । ତେଣୁ ଏଠାରେ ମଦ ଦୋକାନ ଖୋଲା ନହେଉ ବୋଲି ପ୍ରଶାସନ ଓ ସରକାରଙ୍କୁ ଅନୁରୋଧ କରିଛନ୍ତି। ଯଦି ଏହା ସତ୍ତ୍ୱେ ସରକାର ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଖୋଲନ୍ତି ତେବେ ସାର୍ଥା ଗ୍ରାମବାସୀ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇବେ।

## ପଞ୍ଚାୟତ ସମିତି ପକ୍ଷରୁ ମଧୁବାବୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ବାସୁଦେବପୁର, ୧୫/୧ (ନି.ପ୍ର): ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ମଧୁ ବାବୁ ଭତ୍ତା ଯୋଜନାରେ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ଓ ଅଶି ଶତକଡା ରୁ ଉର୍ଦ୍ଧ୍ୱ ଭିନ୍ନ କ୍ଷମ ହିତାଧିକାରୀ ଙ୍କୁ ବର୍ଦ୍ଧିତ ହାରରେ ମାସିକ ତିନି ହଜାର ପାଞ୍ଚ ଶହ ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ମାନ୍ୟବର ଅଶୋକ କୁମାର ଦାସ। ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ମଧ କିଛି ହିତାଧିକାରୀ ଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଅନିମେସ ସୁବୁଦ୍ଧି ରାୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାସୁଦେବପୁର ବ୍ଲକ ପରିସରରେ ଥିବା ଚିନ୍ତାମଣି ସଭାଗୃହ ରେ ଏହି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଥିଲା। ବିଭିନ୍ନ ପଞ୍ଚାୟତ ରୁ ଲୋକ ମାନେ ଆସିଥିଲେ। ବ୍ଲକ୍ ଅଫିସ୍ ଷ୍ଟାଫ ଓ କର୍ମ ଚାରୀ ଏହି କାର୍ଯ୍ୟ କ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଓସ୍ତପୁର କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୫/୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ରଞ୍ଜନ ସିଂହ, ସଂପାଦକ ପ୍ରେମାଞ୍ଜନ ସାହୁ, ଆରଆଇ, ଉପ ସଭାପତି କନକଲତା ସ୍ୱାଇଁ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରାଉତ, ରବିନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ରାଉତରାୟ, ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମଲ୍ଲିକାପୁର ସାଂସ୍କୃତିକ ସଂସଦ ଆନୁକୁଲ୍ୟରେ ୩୪ତମ ବାର୍ଷିକ ଉତ୍ସବ ଏବଂ ଯୁବ ମହୋତ୍ସବ ୨୦୨୫ ପାଳିତ



ଯାଜପୁର, ୧୫/୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜନ୍ମଦିବସ ଅବସରରେ ମଲ୍ଲିକାପୁର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସଂସଦର ୩୪ତମ ବାର୍ଷିକ ଉତ୍ସବ ଏବଂ ଯୁବ ମହୋତ୍ସବ ୨୦୨୫ ପାଳିତ ହେଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କଥାକାର, ଔପନ୍ୟାସିକ ତଥା ସୁବକ୍ତା ଡ. ଅଜୟ ସ୍ୱାଇଁ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶ, ଧର୍ମ ଓ ଧର୍ମାନ୍ଧ ଭିତରେ ଥିବା ଭିନ୍ନତା କଣ ସେ ସଂମ୍ପର୍କରେ ଆଲୋକପାତ କରିବା ସହିତ ଧର୍ମରେ ଦ୍ୱନ୍ଦ, ସଂକୀର୍ଣ୍ଣତା ଓ ସାମ୍ପ୍ରଦୟିକତା ରହିବା ଉଚିତ୍ ନୁହେଁ ବୋଲି ମତ ରଖିଥିଲେ। ସମ୍ମାନୀତ ଅତିଥି ଭାବରେ ଯୁବ ସାମ୍ବାଦିକ, ଦୈନିକ ସମ୍ବାଦପତ୍ର ଓଡ଼ିଶା ମିରର୍ ସଂପାଦକ ଦିଲ୍ଲୀପ୍ କୁମାର ବିଶ୍ୱାଳ ଯୋଗଦେଇ ଭାରତର ମହାନ ଆଧ୍ୟାତ୍ମିକ ଐତିହ୍ୟ ତଥା ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ଧର୍ମ, ବେଦାନ୍ତ ଏବଂ ଭାରତୀୟ ଯୁବ ସମାଜକୁ ନେଇ ସ୍ୱାମୀ ବିବେକାନନ୍ଦଙ୍କ ପରିକଳ୍ପନା କଣ ରହିଥିଲା ସେ ସଂମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଅନୁଷ୍ଠାନର ସଂଯୋଜକ ଶୁଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ ଦେବା ସହିତ ଏହି ମହୋତ୍ସବର ସଭା କାର୍ଯ୍ୟ ପରିଚାଳନା କରିଥିଲେ ସଂସଦର ସଭାପତି ମଦନ ମୋହନ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ , ସଂପାଦକ କିଶୋର ଚନ୍ଦ୍ର ଜେନା ସଂପାଦକୀୟ ବିବରଣୀ ଓ ଅଭିଭାଷଣ ପ୍ରଦାନ କରିଥଲେ । ଏହି ମହୋତ୍ସବରେ ଚଳିତ ବର୍ଷ କାଶୀନାଥ ପଣ୍ଡା , ଅଶ୍ୱିନୀ କୁମାର ମହାନ୍ତି, ଗୋକୁଳାନନ୍ଦ ମହାନ୍ତିଙ୍କୁ ମଲ୍ଲିକାପୁର ସାଂସ୍କୃତିକ ସଂସଦ ସମ୍ମାନ ପ୍ରଦାନ କରଯାଇଥିଲା । ମହୋତ୍ସବର ସଦସ୍ୟ ଜୟନ୍ତ କୁମାର ପଣ୍ଡା, ସୁରଥ କୁମାର ପାଣି, ଚନ୍ଦ୍ରମଣି ଶତପଥି, ଆଶୁତୋଷ ପାଣି, ଅନିଲ କୁମାର ଜେନା, ଡ. ଗୌରୀ ଶଙ୍କର ଜେନା, ଉଦୟନାଥ ଜେନା, ଦିଲ୍ଲିପ କୁମାର ଧଳ, ସୌମ୍ୟ ପତି ପ୍ରମୁଖଙ୍କ ସହଯୋଗରେ ସଫଳତାର ସହିତ ସମାପନ ହୋଇଥିଲା ।


**AFFIDAVIT**

By virtue of an affidavit in the court of the executive magistrate, Soro, Balasore on 25.07.2024. I, Suna Roul have changed my name from Chanchala Lata Behera to Suna Roul. Henceforth I shall be known as Suna Roul instead of Chanchala Lata Behera for all purposes.

**Sd/-Suna Rout**


# ପୌରପାଳିକା ପକ୍ଷରୁ କାଉନସିଲ୍ ବୈଠକ ଅନୁଷ୍ଠିତ



ବାସୁଦେବପୁର, ୧୫/୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ବାସୁଦେବପୁର ପୌର ପାଳିକା ଅଧକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ, ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠିଙ୍କ ପ୍ରତିନିଧି ଭାବେ ଜୟ ପ୍ରକାଶ ମଲ୍ଲିକ ଓ ପୌର ପାଳିକା ଉପାଧକ୍ଷ ଉତ୍ତମ ବାରିକ। ଓଡ଼ିଶାର ଯେତେ ପୌର ପାଳିକା ଅଛି ସେଥି ମଧ୍ୟରୁ ବାସୁଦେବପୁର ନମ୍ବର୍ ୱାନ୍ କିପରି ଭାବେ ହେବ ସେ ସମ୍ପର୍କରେ ମଧ ଆଲୋକପାତ କରାଯାଇଥିଲା। ବାସୁଦେବପୁର ବଜାର ରେ ଉଠା ଦୋକାନୀ ମାନଙ୍କୁ କିପରି ଥଇଥାନ କରାଯିବ ସେ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କୋଟି କୋଟି ଟଙ୍କାର ଯୋଜନା ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିବ ଓ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହେବ। ଅନେକ ଗୁଡ଼ିଏ ସମସ୍ୟା ବାସୁଦେବପୁର ପୌର ପାଳିକା ରେ ରହିଛି ଓ ଏହାକୁ ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟକ ଅଶୋକ କୁମାର ଦାସ ଓ ସାଂସଦ ଙ୍କ ପ୍ରତିନିଧି ଜୟ ପ୍ରକାଶ ମଲ୍ଲିକ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ସମସ୍ତ ଅଫିସ୍ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବର୍ଦ୍ଧିତ ଭତ୍ତା...

ଏହା ପରେ ପ୍ରଥମେ ମୁଖ୍ୟମନ୍ତ୍ରୀ ଜୟ ଜଗନ୍ନାଥ ଜୟ ମା’ ତାରିଣୀ ଜୟ ବଳଦେବଜୀଉ କହି ନିଜର ଅଭିଭାଷଣ ଆରମ୍ଭ କରିଥିଲେ । ପବିତ୍ର ମାଟି କେନ୍ଦୁଝରରେ ରାଜ୍ୟର ବରିଷ୍ଠ ନାଗରିକଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଆରମ୍ଭ ହେଉଥିବା ବେଳେ ଏହା ସାରା ରାଜ୍ୟରେ ମଧ ମନ୍ତ୍ରୀ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି । ଆଗରୁ ୧୨୦୦ ଟଙ୍କା ପାଉଥିଲେ ଓ ବୁଧବାର ଠାରୁ ୩୫୦୦ ଟଙ୍କା ଲେଖାଏଁ ସହାୟତା ପାଇବେ । ୪ ଲକ୍ଷ ୭୭ ହଜାରରୁ ଉର୍ଦ୍ଧ୍ୱ ଲୋକେ ଏହାର ଲାଭ ପାଇବେ ଓ କେନ୍ଦୁଝର ଜିଲ୍ଲାର ୯୯୧୩ ଜଣ ଏହାର ଲାଭ ପାଇବେ । ନୂଆ ସରକାରକୁ ୭ ମାସ ହେଲା ଓ ଆମ ସରକାର ଏକାଧିକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିଛନ୍ତି । ହେଲେ ବିଗତ ସରକାର ଲୋକଙ୍କ ଦୁଃଖ ସୁଖ ବୁଝିବାରେ ବିଫଳ ହୋଇଥିଲେ । ତେଣୁ ଲୋକେ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଆମ ସରକାରକୁ କ୍ଷମତାକୁ ଆଣିଛନ୍ତି । ଉପସ୍ଥିତ ମା’ ମାନେ ମୋ ପାଇଁ ମକର ପିଠା ଆଣିଛ କି ନାହିଁ ବୋଲି ପଚାରିଥିଲେ ଓ ଜଣେ ମହିଳା ଆଣିଥିଲେ ଓ ସେ ପିଠା ତାଙ୍କ ପାଖକୁ ଆଣିବାକୁ କହିଥିଲେ । କେତେବେଳେ ମୁଁ କାହା ଘରେ ପହଞ୍ଚିପାରେ ପିଠା ଖାଇବି ବୋଲି କହିଥିଲେ । ଗତକାଲି ମୁଁ ଆସିବା ବେଳେ ରାସ୍ତାରେ ମା’ ମାନେ ମୋତେ ଅଟକାଇ ଟୁସୁଙ୍କୁ ଦର୍ଶନ କରାଇଥିଲେ ଓ ଗୀତ ଗାଇଥିଲେ । ପୂର୍ବ ସରକାରରେ ଅଭିଯୋଗ ପ୍ରକୋଷ୍ଠ ଚାଲୁ ନଥିଲା ଲୋକେ ବର୍ଷ ବର୍ଷ ଧରି ଅଭିଯୋଗ ପ୍ରକୋଷ୍ଠକୁ ଆସି ଫେରୁଥିଲେ । ଏବେ ମୋତେ ଆସି ଅଭିଯୋଗ ପତ୍ର ଦେଉଛନ୍ତି ଓ ଖୁସିରେ କାନ୍ଦୁଛନ୍ତି । ଏବେ ୮୦ ପ୍ରତିଶତ ଲୋକଙ୍କର ଅଭିଯୋଗର ସମାଧାନ ହୋଇଛି । ଗାଁ ଲୋକଙ୍କର ଦୁଃଖ କ’ଣ ମୁଁ ଜାଣିଛି ନିଜେ ଅଙ୍ଗେ ନିଭାଇଛି । ମହିଳାଙ୍କ ସଶକ୍ତିକରଣ ପାଇଁ ମା’ ମାନଙ୍କୁ ୫୦ ହଜାର ପ୍ରଦାନ କରାଯାଉଛି । ୨୯ ହଜାରରୁ ଉର୍ଦ୍ଧ୍ୱ ଡାକ୍ତରଖାନାରେ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ହୋଇ ପାରିବେ । ୭୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକ ମାନେ ମଧ ଏହାର ଲାଭ ପାଇ ପାରିବେ । ପ୍ରତି ପଞ୍ଚାୟତରେ ଏବେ ଆୟୁଷ୍ମାନ ମନ୍ଦିର ପ୍ରତିଷ୍ଠା ହେବ ସେଠାରେ ମାଗଣାରେ ଔଷଧ ସହ ଚିକିତ୍ସା ଯୋଗାଇ ଦିଆଯିବ । ବିଧାୟକ ବଦ୍ରି ପାତ୍ର କହିଥିଲେ ଯିଏ ଯାହା ଭାବୁଛି ଭାବୁ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ମୋହନ ବାବୁଙ୍କ ସାଥ୍ ଦେବି ତାହାକୁ ମଧ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଥିଲେ । ଏହାପରେ ସର୍କିଟ ହାଉସ ଫେରି କିଛି ସମୟ ବିଶ୍ରାମ ନେବା ପରେ ସନ୍ଧ୍ୟା ସମୟରେ ବଡବିଲ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଖେଳ ପଡିଆର ଉଦ୍‌ଘାଟନ କରିବା ପରେ ବଡ଼ବିଲ ମହୋତ୍ସବର ସିଲଭର ଜୁବୁଲି ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାତି ସମୟରେ କେନ୍ଦୁଝର ସର୍କିଟ ହାଉସ ଠାରେ ପହଞ୍ଚି ରାତ୍ରୀଯାପନ କରିବେ । ଏହାପରେ ଗୁରୁବାର ଅର୍ଥାତ ଗସ୍ତର ତୃତୀୟ ଦିନରେ ଝୁମ୍ପୁରାର ବାଲିବନ୍ଧ ଠାରେ ଏକ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜସୁଆ ଏୟାର ଷ୍ଟ୍ରିପ୍‌ରୁ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

## ରାଜ୍ୟରେ ଜାତୀୟ...

ଏତଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ସ୍ୱେଚ୍ଛାରେ ତାଙ୍କର ବିଷୟ ଗୁଡ଼ିକ ଚୟନ କରି ଏକାଧିକ ଥର ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ ଓ ପ୍ରସ୍ଥାନ ସହିତ ୭ ବର୍ଷ ଭିତରେ ତାଙ୍କର ଡିଗ୍ରୀ କୋର୍ସକୁ ପୂର୍ଣ୍ଣ କରିପାରିବେ । ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ଭିନ୍ନ ଯୋଜନାମାନଙ୍କ ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାକୁ ଓ ଶିଳ୍ପ ସହିତ ଇଣ୍ଟର୍ନସିପ୍ ଆଦି ଦ୍ୱାରା ନିପୁଣତା ବଢ଼ାଇବା ଲକ୍ଷ୍ୟ କରାଯାଉଛି। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ । ଏଥିପାଇଁ ବର୍ତ୍ତମାନ ରେ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡେଲ୍ ସିଲାବସ୍ ସହିତ ୨ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ୧୧୨ଟି ମଲ୍ଟି ଡିସିପ୍ଲିନାରୀ ପାଠ୍ୟକ୍ରମ, ୧୪ଟି ଧନ୍ଦା ମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟ ଯୁକ୍ତ ପାଠ୍ୟକ୍ରମ ଏବଂ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି। ଏହା ଦ୍ୱାରା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱ ବିଦ୍ୟାଳୟ ଗୁଡିକ ନୂତନ ସିଲାବସ୍ ଓ କ୍ରେଡିଟ୍ ଫ୍ରେମ୍‌ୱର୍କ୍ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ ।

## ପୂର୍ବତନ ମନ୍ତ୍ରୀ ନବ...

ଯଦି ସରକାର ତଦନ୍ତ ଚାହୁଁଛନ୍ତି ତେବେ ଆମ ସହ ଆଲୋଚନା କରନ୍ତୁ। ଛତିଶଗଡ଼ରେ ବିନା ଅଭିଯୋଗରେ ମୋ ଭାଇକୁ ଅଟକ ରଖାଗଲା।’’ ସୂଚନାଥାଉକି, ଗତ ସପ୍ତାହରେ ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ୍ ପୂର୍ବରୁ ଛାତିଶଗଡ଼ ସରେଇପାଲି ଥାନାରେ ଅଟକ ହୋଇଥିଲେ ପିଆରଆଇ ମେମ୍ବର । ଗୁରୁବାର ରାତି ୧୧ଟାରୁ ୧୨ ଜଣ ପିଆରଆଇ ମେମ୍ବର ଅଟକ ଥିବାବେଳେ ସେମାନଙ୍କ ଠାରୁ ସୂଚନା ପାଇ ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ଭାଇ ବିଶାଳ ଦାସ ପିଆରଆଇ ମେମ୍ବରମାନଙ୍କୁ ଆଣିବା ପାଇଁ ଛତିଶଗଡ଼ ଯାଇଥିଲେ । ତେବେ ରାତି ୨ଟାରେ ବିଶାଳ ସେଠାକୁ ପହଞ୍ଚିବା ପରେ ପୋଲିସ ପିଆରଆଇ ମେମ୍ବରଙ୍କ ସହ ବିଶାଳ ଦାସଙ୍କୁ ମଧ ଅଟକ କରିଥିବା ଦୀପାଳି ଅଭିଯୋଗ କରିଥିଲେ । ଅବଶ୍ୟ ପରେ ବିଶାଳ ଦାସ ଓ ଅନ୍ୟ ସହଯୋଗୀଙ୍କୁ ଛାଡ଼ିଲା ଛତିଶଗଡ଼ ପୋଲିସ । ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଲା ପୋଲିସ । ବିଶାଳ ଓ ଅନ୍ୟମାନଙ୍କୁ ଛାଡିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ।

## ଦିଲ୍ଲୀ କବଜା ...

ପରେ ୧୫ବର୍ଷ ଧରି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦକୁ ଅକ୍ତିଆର କରିଥିଲେ ପ୍ରଥମଥର କେଜ୍ରିୱାଲ ଏହି ଆସନରୁ ଲଢ଼ି ୨୫ହଜାର ଅଧିକ ଭୋଟରେ ସିଲା ଦିକ୍ଷିତଙ୍କୁ ହରାଇ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହାପରଠୁ କେଜ୍ରିୱାଲ ଲଗାତାର ଜିତିଆସୁଛନ୍ତି । ଏବେ ଏହି ହାଇପ୍ରୋଫାଇଲ ଆସନର ସିଲାଙ୍କ ପୁଅ ତଥା କଂଗ୍ରେସର ସନ୍ଦିପ ଦିକ୍ଷିତଙ୍କୁ ଦଳ ଟିକେଟ ଦେଇଛି । ଅନ୍ୟପଟେ ପ୍ରଭେଶ ବର୍ମା ପାଇଁ ମଧ ନୂଆ ଦିଲ୍ଲୀ ଆସନ ବେଶ ଚ୍ୟାଲେଜିଂ ହେବ । ଆମ ଆଦମୀ ପାର୍ଟି ସମସ୍ତ ୭୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି । ଓ କଂଗ୍ରେସ ଏବଂ ଆପ ପର୍ଯ୍ୟାୟକ୍ରମେ ପ୍ରାର୍ଥୀଙ୍କ ନାଁ ଘୋଷଣା କରୁଛନ୍ତି ।

## ନବୀନ ନିବାସ ବାହାରେ...

ବାହାରେ ଏକାଠି ହୋଇଛନ୍ତି କିଛି ନେତା। ଆଜି ଦଳର ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ସରକାରୀ ବାସଭବନରେ ଏକାଠି ହୋଇଥିଲେ ବିଜେଡିର ପୁରୁଖା ନେତା । ପ୍ରଫୁଲ୍ଲ ମଲ୍ଲିକ, ପଦ୍ମନାଭ ବେହେରା, ଅଶୋକ ପଣ୍ଡା, ଭୂପିନ୍ଦର ସିଂହ, ଦେବେଶ ଆଚାର୍ଯ୍ୟଙ୍କ ଭଳି ନେତା ବୈଠକ କରି ଦଳର ସଂଗଠନକୁ ଆଗକୁ କେମିତି ବଢ଼ାଇ ହେବ ଆଲୋଚନା କରିଛନ୍ତି। ବାଲେଶ୍ୱର ଠାରୁ ଆରମ୍ଭ କରି ଗଂଜାମ, ପୁରୀଠୁ ଆରମ୍ଭ କରି ଝାରସୁଗୁଡ଼ା । ଅଧିକାଂଶ ଜାଗାରେ ବିଜେଡିର ଗୋଷ୍ଠୀ କନ୍ଦଳ ତେଜିଲାଣି । ଅଧିଂକାଂଶ ନିର୍ବାଚନ ମଣ୍ଡଳିରେ ଦୁଇ ଦୁଇଟି ଗୋଷ୍ଠୀ। ଯାହା ବିଜେଡି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଏପରିକି ନବୀନ ତାଙ୍କୁ ନବୀନ ନିବାସ ଡାକି ତାଲିପକା ଉଦ୍ୟମ କରୁଛନ୍ତି। ହେଲେ ଦଳର ଏବେ ଦୁଇଟି ଗୋଷ୍ଠୀ ଥିବା କୁହାଯାଉଛି । କେତେବେଳେ କନିଷ୍ଠ ଏକାଠି ହେଉଛନ୍ତି, ପୁଣି କେତେବେଳେ ବରିଷ୍ଠ ଏକାଠି ହେଉଛନ୍ତି । କିଛି ଦିନ ପୂର୍ବରୁ ବ୍ରହ୍ମପୁରରେ କିଛି କନିଷ୍ଠ ନେତା ଏକାଠି ହୋଇଥିଲେ । ସୂଚନାଯୋଗ୍ୟ ଯେ, ଆଗକୁ ବିଜେଡି ସଂଗଠନରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ଯୁବ, ମହିଳା, ଛାତ୍ର ସଭାପତିଙ୍କ ନାଁ ଘୋଷଣା ହେବ। ତେଣୁ କାହାକୁ ଆଗକୁ ଆଣିବେ, କାହାକୁ ବାଦ୍ ଦେବେ ତାହା ସୁପ୍ରିମଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ।

## ଲିଙ୍ଗରାଜ ମନ୍ଦିର...

ସମାଧାନ ପାଇଁ ସର୍କିଟ ହାଉସରେ ଅନୁଷ୍ଠିତ ବୈଠକରେ ସଂପୃକ୍ତ ଅଧିକାରୀ ଏବଂ ପୂଜାପଣ୍ଡା ନିଯୋଗ ଏବଂ ବଡୁ ନିଯୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।ଏହାପୂର୍ବରୁ ଓଡିଶା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ବାସଭବନରେ ସମ୍ପୃକ୍ତ ସେବାୟତଙ୍କ ସହ ଏକ ବୈଠକ ଡାକିଥିଲେ; ତଥାପି, ଏହାର ସମାଧାନ ହୋଇ ପାରି ନ ଥିଲା। ଏହା ପରେ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଲିଙ୍ଗରାଜ ମନ୍ଦିରରେ ସୋମବାର ସନ୍ଧ୍ୟା ଠାରୁ ମହାସୁଆର ଏବଂ ବଡୁ ସେବାୟତଙ୍କ ମଧ୍ୟରେ ବିବାଦ ଉପୁଜିବା ପରେ ଠାକୁର ଉପାସ ରହିଥିଲେ। ବୈଠକ ସକାରାତ୍ମକ ଭାବରେ ସମାପ୍ତ ହେବା ସହ ବିବାଦର ସମାଧାନ ହେବା ସହିତ ବର୍ତ୍ତମାନଠାରୁ ଭଗବାନ ଲିଙ୍ଗରାଜଙ୍କ ରୀତିନୀତି ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଏହାପୂର୍ବରୁ ଓଡିଶା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ବାସଭବନରେ ସମ୍ପୃକ୍ତ ସେବାୟତଙ୍କ ସହ ଏକ ବୈଠକ ଡାକିଥିଲେ; ତଥାପି, ଏହାର ସମାଧାନ ହୋଇ ପାରି ନ ଥିଲା। ଏହା ପରେ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଲିଙ୍ଗରାଜ ମନ୍ଦିରରେ ସୋମବାର ସନ୍ଧ୍ୟା ଠାରୁ ମହାସୁଆର ଏବଂ ବଡୁ ସେବାୟତଙ୍କ ମଧ୍ୟରେ ବିବାଦ ଉପୁଜିବା ପରେ ଠାକୁର ଉପାସ ରହିଥିଲେ। ଏହି ଘଟଣାଟି ଘଟିଥିଲା ଯେତେବେଳେ ମକର ସଂକ୍ରାନ୍ତିରେ ଦେବତାଙ୍କୁ ମନ୍ଦିରର ଗର୍ଭଗୃହ ବାହାରେ ଥିବା ମକର ମଣ୍ଡପକୁ ନିଆଯାଇଥିଲା। ସେଠାରେ ’ଘୃତ କମଳା’ ରୀତିନୀତି କରାଯିବାର ଥିଲା। ତେବେ ସୋମବାର ସନ୍ଧ୍ୟା ଠାରୁ ଦେବତା ଉପାସରେ ସେଠାରେ ବସିଥିଲେ। ଲିଙ୍ଗରାଜ ମନ୍ଦିରରେ ଯଦି ରୀତିନୀତିର ଏପରି ବ୍ୟାଘାତ ଘଟେ ତେବେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡିଶା ଆଇନ ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

## ପୁଣି ଫେରିବ ...

ପରବର୍ତ୍ତୀ ସମୟରେ ଉତ୍ତର-ପଶ୍ଚିମ ଦିଗରୁ ଶୀତଲହର ବଢ଼ିବ। ରାଜ୍ୟର ବିଛିନ୍ନ ଅଞ୍ଚଳ ଉପରେ ଘନ କୁହୁଡ଼ି ଚେତାବନୀ ମଧ ଜାନୁୟାରୀ ୧୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଭୁବନେଶ୍ୱରରେ ଥିବା ଆଇଏମଡିର ଆଞ୍ଚଳିକ କେନ୍ଦ୍ର ଏହାର ପୂର୍ବାନୁମାନରେ କହିଛି ଯେ, ଭୁବନେଶ୍ୱରରେ ତାପମାତ୍ରା ହ୍ରାସ ପାଇବ। ଜାନୁଆରୀ ୧୬ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରା ୧୭ ରୁ ୧୮ ଡିଗ୍ରି ସେଲସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହା ପରଦିନ ତାପମାତ୍ରା ୧୩ ଡିଗ୍ରି ସେଲସିୟସକୁ ଖସିବାର ସମ୍ଭାବନା ରହିଛି। କଟକ ସହରର ତାପମାତ୍ରା ଏହି ସମୟ ମଧ୍ୟରେ ୧୪ ଡିଗ୍ରିରୁ ୧୨ ଡିଗ୍ରିକୁ ଖସିଯିବ ବୋଲି ପୂର୍ବାନୁମାନ କରାଯାଇଛି।

ଗୁରୁବାର, ଜାନୁଆରୀ ୧୬, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାରରେ କଏଦୀଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ

ଭଦ୍ରକ , ୧୫/୧ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କାରାଗାରରେ ଭଦ୍ରକରେ ରହୁଥିବା ବିଚାରଧୀନ କଏଦୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ କଏଦୀମାନଙ୍କୁ ସଚେତନ କରାଇଥିଲେ ଯେପରି ବିଚାରଧୀନ କଏଦୀମାନେ କାରାଗାରରୁ ମୁକ୍ତ ହେଲାପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏହି ଧନ୍ଦାମୂଳକ ପ୍ରଶିକ୍ଷଣର ସାହାରା ନେଇ ନିଜର ଜୀବିକାର୍ଜନ କରିପାରିବେ। ମହାପାତ୍ର ସୌମ୍ୟ ସୁଜିତ୍ ସାହୁ, ପ୍ରଶିକ୍ଷକ, ସୂର୍ଯ୍ୟଘର ଯୋଜନା (ସୋଲାର ପେନାଲ) କିପରି ଆମର ଦୈନନ୍ଦିନ ଜୀବନରେ ବିଜୁଳିର ମାତ୍ରାଧିକ ବିଲକୁ କମାଇ ପାରିବ ସେ ସଂପର୍କିତ ତଥ୍ୟମାନ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନିତା ନାୟକ, ଜିଲ୍ଲା ତାଲିମ୍ ଓ ନିଯୁକ୍ତି ଅଧିକାରୀ ଭଦ୍ରକ, ଗାୟତ୍ରୀ ବେହେରା, ଶୁଭସ୍ମିତା ସୂତ୍ରଧର ପ୍ରମୁଖ ପ୍ରଶିକ୍ଷକ, ଜିଲ୍ଲା ତାଲିମ୍ କେନ୍ଦ୍ର ଭଦ୍ରକ ଓ ଚେତନା ପାତ୍ର ଜେଲର ଭଦ୍ରକ ଜିଲ୍ଲା କାରାଗାର ଭଦ୍ରକ, ଘନଶ୍ୟାମ ନାୟକ, ସହାୟକ ଜେଲର, ଜିଲ୍ଲା କାରାଗାର, ଭଦ୍ରକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।



## ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀକରଣ ପାଇଁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ନୀଳଗିରି, ୧୫/୧ (ନି.ପ୍ର): ନୀଳଗିରି ବ୍ଲକ କେ.ପି.ଲାଖରାଜ୍ ପଞ୍ଚାୟତର ମିତ୍ରପୁର ଏକ ପ୍ରମୁଖ ସ୍ଥାନ ଅଟେ। ପୂର୍ବରୁ ମିତ୍ରପୁର ବିଶେଷକରି ପଥରଖାଦାନ ଅଞ୍ଚଳ ହୋଇଥିବାରୁ ଏଠାରେ ଛୋଟବଡ ବ୍ୟବସାୟ ପ୍ରତିଷ୍ଠାନ ମଧ ଗଢିଉଠିଥିଲା। ଲୋକଙ୍କର ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ଉକ୍ତ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ଏବଂ ଆର୍ଥିକ ଦାନରେ ୨୦୦୪ ମସିହାରେ ଏକ ଦାତବ୍ୟ ଚିକିତ୍ସାଳୟ ପ୍ରତଷ୍ଠା କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯାଇ ଆସୁଥିଲା। ଯାହା ଆଜି ପର୍ଯ୍ୟନ୍ତ ଚାଲିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଖପାଖ ପ୍ରାୟ ୭/୮ଟି ପଞ୍ଚାୟତର ଅଧିବାସୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି।ମାତ୍ର ସରକାର ଉକ୍ତ ଅଂଚଳରେ ଚାଲିଥିବା ପ୍ରାୟ ୭୦ରୁ ୮୦ଟି ଖାଦାନକୁ ବନ୍ଦ କରିଦେଇଥିବାରୁ ଖଦାନ ବ୍ୟବସାୟ କରୁଥିବା ମାଲିକଙ୍କ ସହାୟତାରେ ଚାଲି ଆସୁଥିବା ଉକ୍ତ ଦାତବ୍ୟ ଚିକିତ୍ସାଳୟକୁ ଚଳାଇବା କଷ୍ଟକର ହୋଇପଡିଛି। ଦାତବ୍ୟ ଚିକିତ୍ସାଳୟରେ ନିଜସ୍ୱ ଘର, ଆସବାବପତ୍ର, ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ବେଳେ ବର୍ତ୍ତମାନ ଆର୍ଥିକ ପରିସ୍ଥିତି ରୁଗଣ ହୋଇ ପଡିଥିବା କାରଣରୁ ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ଅନୁଦାନରେ ପରିଚାଳିତ ହୋଇ ଆସୁଥିବା ସଂପୃକ୍ତ ମିତ୍ରପୁର ସ୍ୱାସ୍ଥ୍ୟସେବା ସଂସ୍ଥା ଏବେ ଚଳାଇବା କଷ୍ଟକର ହୋଇ ପଡ଼ିଛି। ଏନେଇ ବହୁବାର ରାଜ୍ୟ ସରକାର, ସ୍ୱାସ୍ଥ୍ୟବିଭାଗ, ଜିଲ୍ଲାପାଳଙ୍କୁ ପତ୍ରଲେଖି ଅବଗତ କରାଯାଇ ମିନି ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଦାବୀ କରାଯାଇଛି। ମାତ୍ର ସରକାରୀ ସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇନଥିବା ବୁଧବାର ମିତ୍ରପୁର ଅଞ୍ଚଳର ଏକ ପ୍ରତିନିଧିମଣ୍ଡଳ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନକରିବା ସହିତ ତୁରନ୍ତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ କରଣ କରିବାକୁ ଦାବୀ କରିଛନ୍ତି। ଉପଜିଲ୍ଲାପାଳ ମଧ ଏହାକୁ ଗୁରୁତର ସହ ନେଇ ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।




## ହରିନଗର ଏବଂ ନରେଲା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କଲା ଆପ୍

ନୂଆଦିଲ୍ଲୀ, ୧୫/୧ : ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବାକୁ ମାତ୍ର ଦୁଇ ଦିନ ବାକି ଥିବା ବେଳେ, ଆମ ଆଦମୀ ପାର୍ଟି (ଆପ) ବୁଧବାର ହରି ନଗର ଏବଂ ନରେଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରିଛି। ଦଳ ହରି ନଗରରୁ ବିଦାୟୀ ବିଧାୟକ ରାଜକୁମାରୀ ଢିଲୋଙ୍କ ସ୍ଥାନରେ ସୁରିନ୍ଦର ସେଟିଆଙ୍କୁ ପ୍ରାର୍ଥୀ କରିଛି। ଦଳ ତାଙ୍କୁ ପୁଣି ଥରେ ଏହି ଆସନରୁ ପ୍ରାର୍ଥୀ କରିଛି। ନରେଲାରୁ ଦିନେଶ ଭରଦ୍ୱାଜଙ୍କ ସ୍ଥାନରେ ଶରଦ ଚୌହାନଙ୍କୁ ପ୍ରାର୍ଥୀ କରାଯାଇଛି। ଉଲ୍ଲେଖନୀୟ ଯେ ଦିଲ୍ଲୀର ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ଆପ୍ ପ୍ରାର୍ଥୀ ଘୋଷଣା କରିବାର ପ୍ରାୟ ଗୋଟିଏ ମାସ ପରେ ଏହି ପରିବର୍ତ୍ତବ କରାଯାଇଛି।

## ରନ୍ଶ୍ରୀ ପୁରସ୍କାର ୨୦୨୫ରେ ସମ୍ମାନିତ ହେଲେ ସମାଜସେବୀ ସୁମନ୍ତ ଜେନା



ଭୁବନେଶ୍ୱର, ୧୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ପେଗରପଡ଼ା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା ଓ ବାସନ୍ତୀ ଜେନାଙ୍କ ସୁପୁତ୍ର ସୁମନ୍ତ କୁମାର ଜେନାଙ୍କୁ ଭୁବନେଶ୍ୱର ସ୍ଥିତ ମେ ଫେୟାର ହୋଟେଲର କନଭେନସ ସେଣ୍ଟ୍ରାଲ ହଲରେ ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ) ପକ୍ଷରୁ ପ୍ରବାସୀ ଓଡିଆ ଦିବସ ଅବସରରେ ରନ୍ଶ୍ରୀ ପୁରସ୍କାର ୨୦୨୫ ରେ ସମ୍ମାନିତ କରା ଯାଇଛି। ୱାର୍ଲଡ ଓଡ଼ିଶା ସୋସାଇଟି( ୱାଓସୋ) ପକ୍ଷରୁ ପ୍ରବାସୀ ଓଡିଆଙ୍କ ଏହି ମହାକୁମ୍ଭରେ ୱାଓସୋର ଅଧକ୍ଷ କିଶୋର ଦ୍ୱିବେଦୀଙ୍କ ଅଧକ୍ଷ୍ୟତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମତ୍ସ୍ୟ, ପଶୁପାଳନ, ପ୍ରାଣୀ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଛତିଶଗଡର ବିଧାୟକ ପୁରନ୍ଦର ମିଶ୍ର, ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା, ସ୍ୱାମୀ ମୁକୁଳାନନ୍ଦଜୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପ୍ରସାଦ ହରିଚନ୍ଦନ, ପୂର୍ବତନ ସଂସାଦ ପ୍ରଶନ୍ନ ପାଟଶାଣୀ, ୱାଓସୋ ପ୍ରତିଷ୍ଠାତ୍ରୀ ଡ. ଅରୁନ୍ଧତି ଦେବୀ, ଉପଦେଷ୍ଟା ଧିରେନ୍ଦ୍ର କର,ୱାଓସୋ ଭାରତ ଅଧାୟ ସଭାପତି ଡ. ବିପିନ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଶ୍ରୀ ଜେନାଙ୍କୁ ମଞ୍ଚାସୀନ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଜେନା ବିଭିନ୍ନ ସମୟରେ ଯୁବ ସମାଜକୁ ପରିବେଶ ସୁରକ୍ଷା, ରକ୍ତଦାନ ପାଇଁ ସଚେତନତା କରିବା ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ରକ୍ତଦାନ ଶିବିର ଆୟୋଜନ କରିବା ସହିତ ସମାଜରେ ଅବହେଳିତ ତଥା ଭିନ୍ନକ୍ଷମ ମାନଙ୍କୁ ସାହାଯ୍ଯ ପାଇଁ ସବୁବେଳେ ଆଗରେ ଥାଆନ୍ତି । ଏତେବଡ଼ ସମ୍ମାନରେ ସମ୍ମାନିତ ହୋଇଥିବାରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

## ବସ୍ତାରେ ନୂତନ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କ ଯୋଗଦାନ



ବସ୍ତା, ୧୫/୧ (ନି.ପ୍ର): ବହୁଦିନ ପ୍ରତୀକ୍ଷା ପରେ ଆଜି ବସ୍ତା ବ୍ଲକରେ ମିହିର ରଞ୍ଜନ ବେହେରା ନୂତନ ବିଡ଼ିଓ ଭାବେ ଯୋଗଦାନ କରିଛନ୍ତି।ଏଥି ପୂର୍ବରୁ ସେ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକରେ ବିଡ଼ିଓ ଥିଲେ।ଏଠାରେ ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବସ୍ତା ତହସିଲଦାର ରାଧାରଞ୍ଜନ ଦାସଙ୍କ ଠାରୁ ଶ୍ରୀ ବେହେରା ଦାୟୀତ୍ୱ ଗ୍ରହଣ କରିଛନ୍ତି। ବହୁ ପୂର୍ବରୁ ଏଠାରେ ଥିବା ବିଡ଼ିଓ ମୋହିନୀ କୁମାର ନାୟକ ମୟୂରଭଞ୍ଜ ଜିଲ୍ଲା ଯଶୀପୁର ତହସିଲଦାର ଭାବେ ଯୋଗଦେଇଛନ୍ତି।ବସ୍ତା ବ୍ଲକ ର ଉନ୍ନୟନ କ୍ଷେତ୍ରରେ ଯଥା ସମ୍ଭବ କାର୍ଯ୍ୟ କରିବେ ବୋଲି ନୂତନ ବିଡ଼ିଓ ଶ୍ରୀ ବେହେରା କହିଛନ୍ତି।

## ବାଲେଶ୍ୱରରେ ଆୟୋଜିତ ହେଲା ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ

ବାଲେଶ୍ୱର, ୧୫/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜନସେବା ଦିବସ ଉପଲକ୍ଷେ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେଉଁଝର ଜିଲ୍ଲା ଠାରୁ ଆଭାସୀ ମାଧ୍ୟମରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ଯୋଗଦାନ କରି ଏହି ସେବାକୁ ଉତ୍ସର୍ଗୀକୃତ କରିଛନ୍ତି ଓ ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାସ୍ତରୀୟ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ଶାସକ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ଓ ବାଲେଶ୍ୱର ପୌରପାଳିକା ମାନ୍ୟବର ଅଧକ୍ଷା ଶ୍ରୀମତୀ ସବିତା ସାହୁ ପ୍ରମୁଖ ମଂଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ମଧ ମଂଚାସୀନ ଥିଲେ ।ସଭା ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ବେହେରା ଉପସ୍ଥିତ ହିତାଧିକାରୀଙ୍କୁ ଏହି ଯୋଜନାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ ଓ ଜିଲ୍ଲାପାଳ ଶ୍ରୀ ବିକାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାନ୍ୟବର ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜ ଅବିଭାଷଣରେ ବର୍ଦ୍ଧିତ ଭତ୍ତା ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଜୀବନଶୈଳୀକୁ ଏକ ନୂତନ ଦିଗ ଦେବ ବୋଲି ମତ ପ୍ରକାଶ କରିଥିଲେ ଓ ଏହି ଅବସରରେ ସଦର ଓ ବାଲେଶ୍ୱର ପୌରପାଳିକା ଅଞ୍ଚଳରେ ଥିବା ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଥିଲା ଓ ସେହି ଭଳି ବ୍ଲକ ସ୍ତରରେ ମଧ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଂଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।




## ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୫/୦୧:(ନି.ପ୍ର) ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରେ ୭୬ ତମ ସାଧାରଣତନ୍ତ୍ର ଦିବସ -୨୦୨୫ ମହାସମାରୋହରେ ପାଳନ କରାଯିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟା ଘ. ୫.୦୦ ମି ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ନୂତନ ଅଡିଟୋରିୟମ୍ ଠାରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଏସପି ଶ୍ରୀ ନିରଞ୍ଜନ ବେହେରା, ଅତିରିକ୍ତ ଏସପି ଶ୍ରୀ ଅଶ୍ୱିନୀ କୁମାର ନାୟକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମ ।ସୀନ ଥିବା ବେଳେ ଜିଲ୍ଲାର ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଅନ୍ୟାନ୍ୟ ସଦସ୍ୟଗଣ ଯୋଗ ଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ମାଧ୍ୟମରେ ଏବର୍ଷ ସାଧାରଣତନ୍ତ୍ର ଦିବସକୁ ଆଡ଼ମ୍ବରରେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ସାଧାରଣତନ୍ତ୍ର ଦିବସ -୨୦୨୫ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବି ସଂଗଠନ, ଗଣମାଧମ ଏବଂ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ସବିଶେଷ ଆଲୋଚନା ପରେ ପୂର୍ବବର୍ଷର ସମସ୍ତ କାର୍ଯ୍ୟ ବିବରଣୀ ଦ୍ୱାରା ଏ ବର୍ଷର କାର୍ଯ୍ୟକ୍ରମମାନ ସ୍ଥିରୀକୃତ ହୋଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା ଓ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ରାମଧୂନ, ପ୍ରଭାତଫେରୀ ଜାତୀୟ ପତାକା ଉତ୍ତୋଳନ ଓ ମୁଖ୍ୟ ଅତିଥିଙ୍କ ଅଭିବାଦନ ଗ୍ରହଣ, ଅନୁଷ୍ଠାନ ମାନଙ୍କରେ ଫଳ-ବିସ୍କୁଟ /ମିଷ୍ଟାନ୍ନ ବଂଟନ, ରକ୍ତଦାନ ଶିବିର, ପୁଷ୍ପପ୍ରଦର୍ଶନୀ, ପ୍ରତିମୂର୍ତ୍ତି ମାଲ୍ୟାର୍ପଣ, ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ଚିତ୍ରକଳା ପ୍ରଦର୍ଶନୀ, ପୁରସ୍କାର ବିତରଣୀ ଉତ୍ସବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାପାଳ ଆଲୋଚନା କରି ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଯଥାରୀତି ଦାୟିତ୍ୱ ନେବା ବିଷୟରେ ଅବଗତ କରାଇଥିଲେ ଓ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ଆଦିରେ ବାଲେଶ୍ୱର ପାଇଁ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବ। ସାମ୍ବାଦିକତା କ୍ଷେତ୍ରରେ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧମରେ ବିଶେଷ ଅବଦାନ ରଖିଥିବା ସାମ୍ବାଦିକଙ୍କୁ ପୁରସ୍କୃତ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ପ୍ୟାରେଡ ଅଭ୍ୟାସ ଆସନ୍ତା ଜାନୁଆରୀ ୨୨,୨୩ ଓ ୨୪ତାରିଖରେ କରାଯିବ। ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ପୁରସ୍କାର ବିତରଣ କରାଯିବ।

## ମହାକୁମ୍ଭ ବିମାନ ସୁରକ୍ଷାରେ ନିଷ୍କ୍ରିୟ କରା ଗଲା ୯ଟି ଡ୍ରୋନ

ମହାକୁମ୍ଭନଗର,୧୫/୧: ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ସମାବେଶରେ ଉପ୍ର ପୋଲିସ ଉନ୍ନତ ଜ୍ଞାନକୌଶଳ ସହାୟତାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ତଥା ସେମାନଙ୍କର ସୁଗମ ଗତିବିଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ପୋଲିସ ନିଷେଧ ମେଳା ଅଂଚଳରେ ଜବରଦସ୍ତ ପ୍ରବେଶ କରୁଥିବା ୯ଟି ଡ୍ରୋନକୁ ନିଷ୍କ୍ରିୟ କରିଥିଲା।ଏହି ସୁଚନା ବୁଧବାର ବରିଷ୍ଠ ପୋଲିସ ଅଧୀକ୍ଷକ ମହାକୁମ୍ଭ ରାଜେଶ ଦ୍ୱିବେଦୀ ଦେଇଛନ୍ତି।ସେ କହିଛନ୍ତି ଯେ ମେଳାର ବିସ୍ତୃତ ଅଂଚଳରେ ବାୟୁ ନିରୀକ୍ଷଣ ଏବଂ ଭିଡ ପରିଚାଳନାକୁ ମଜବୁତ କରିବା ପାଇଁ ୧୧ ଟେଥର୍ଡ ଡ୍ରୋନଏବଂ ଏଣ୍ଟୀ ଡ୍ରୋନ ସିଷ୍ଟମ ନିୟୋଜିତ ହୋଇଛି।

## ମକର ସଂକ୍ରାନ୍ତିରେ ଶଶୁର ଘରକୁ ଆସି ଜ୍ୱାଇଁର ଉନ୍ନତ କାଣ୍ଡ: ଧାରୁଆ ଛୁରୀରେ ଶାଶୁଙ୍କୁ ଜ୍ୱାଇଁର ଆକ୍ରମଣ

ଜଳେଶ୍ୱର, ୧୫/୧ (ନି.ପ୍ର): ମକର ସଂକ୍ରାନ୍ତିରେ ଶଶୁର ଘରକୁ ଆସି ଜ୍ୱାଇଁର ଉନ୍ନତ କାଣ୍ଡ।ଏକ ଧାରୁଆ ଛୁରୀରେ ଶାଶୁଙ୍କୁ ଜ୍ୱାଇଁର ଆକ୍ରମଣ।ଗୁରୁତ୍ୱର ଅବସ୍ଥାରେ ଶାଶୁ ବାସନ୍ତୀ ବେହେରା ବାଲେଶ୍ୱର ସ୍ଥାନାନ୍ତରିତ।ଗ୍ରାମବାସୀ ଜ୍ୱାଇଁକୁ ଅଟକ ରଖି ପୋଲିସକୁ କଲେ ହସ୍ତାନ୍ତର।ଜ୍ୱାଇଁ ଥାନାରେ ଅଟକ।ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ନେତୁଆ ଗ୍ରାମରେ।ଗ୍ରାମର ଦେବେନ୍ଦ୍ର ବେହେରାଙ୍କ ବଡ଼ ଝିଅ ମାଳତୀଙ୍କୁ ଭୋଗରାଇ ବ୍ଲକ ଅଲାଲବିନ୍ଧା ଗ୍ରାମର ଶ୍ରୀକାନ୍ତ ଦାସଙ୍କ ପୁଅ ରମାକାନ୍ତ ଦାସଙ୍କ ସହିତ ବିବାହ ଦେଇଥିଲେ।ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଦୀର୍ଘ ଦିନ ହେବ ଝଗଡା ଲାଗି ରହିଥିଲା।ସ୍ତ୍ରୀ ମାଳତୀ ୫ ଦିନ ତଳେ ବାପ ଘରକୁ ଆସି ଆଉ ଶାଶୁ ଘରକୁ ଫେରି ନ ଥିଲେ।ତେବେ ଆଜି ଅପରାହ୍ନ ସମୟରେ ମକର ସଂକ୍ରାନ୍ତି ପାଇଁ ଜ୍ୱାଇଁ ରମାକାନ୍ତ ଦାସ ଶଶୁର ଘରକୁ ଆସି ସ୍ତ୍ରୀ ମାଳତୀଙ୍କୁ ସାଥିରେ ନେବାକୁ ଜିଦ ଧରିଥିଲେ ମାତ୍ର ଶାଶୁ ବାସନ୍ତୀ ବାରଣ କରିଥିଲେ।ସମାଧାନ ପରେ ଝିଅ ଯିବ ବୋଲି କହିଥିଲେ।ହଠାତ ଜ୍ୱାଇଁ ଉତ୍ତକ୍ଷିପ୍ତ ହୋଇ ଘରୁ ଆଣିଥିବା ଏକ ଧାରୁଆ ଛୁରୀରେ ଶାଶୁ ବାସନ୍ତି ବେହେରାଙ୍କ ପେଟକୁ ଆକ୍ରମଣ କରିଥିଲେ।ଜ୍ୱାଇଁ ଆକ୍ରମଣରେ ଶାଶୁ ଗୁରୁତ୍ୱ ହୋଇ ପଡ଼ିଥିଲେ।ଗୁରୁତ୍ୱର ବାସନ୍ତୀଙ୍କୁ ଘରଲୋକେ ସଙ୍ଗେ ସଙ୍ଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ ମାତ୍ର ସେଠାରେ ତାଙ୍କର ଅବସ୍ଥା ଗୁରୁତ୍ୱର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି।ଜ୍ୱାଇଁ ରମାକାନ୍ତଙ୍କୁ ଗ୍ରାମବାସୀ ଅଟକ ରଖି ଜଳେଶ୍ୱର ପୋଲିସକୁ ହସ୍ତାନ୍ତର କରିଛନ୍ତି।ପୋଲିସ ରମାକାନ୍ତକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରୀ ରଖିଛି।

## ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲେଶ୍ୱର, ୧୫/୧ (ନି.ପ୍ର): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟର ଇନଷ୍ଟିଚ୍ୟୁଟ ଅଫ୍ ନେଚର କିୟର ଏଣ୍ଡ ଯୋଗିକ ସାଇନ୍ସ ଚିଡ଼ିଆପୋଲ ବାଲେଶ୍ୱର ଅନୁଷ୍ଠାନ ପରିସରରେ ମକର ଉତ୍ସବ, ଶାନ୍ତି ନାସ ଶ୍ରାଦ୍ଧ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା, ସମ୍ମାନୀୟ ଅତିଥି ଆମ ଟିଭିର ଅଜିତ କୁମାର ଦାସ, ମୁଖ୍ୟବକ୍ତା ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବ, ସମାଜସେବୀ ମୀରା ଦେବୀ ସାହା କହିଲେ ଶାନ୍ତିଦାସ ଆଦର୍ଶ ନାରୀ ଥିଲେ ସେବା ଧର୍ମ ମାନବିକତାର ପ୍ରତୀକ ଥିଲେ । ଯାହାକି ନାମରେ ହେଲଦି ଲାଇଫର କ୍ରୀଡ଼ାତ୍ସବକୁ ତାଙ୍କ ନାମରେ ନାମିତ କରାଯାଇଛି, ଝିଅ ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ, ଜ୍ୱାଇଁ ଡାକ୍ତର ଚିତ୍ତରଞ୍ଜନ ସାହୁ ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ମକର ସଂକ୍ରାନ୍ତି ଉତ୍ସବ ପାଳନ କରିଥିଲେ । ଯୋଗ ଶିକ୍ଷା ଓ ପ୍ରାକୃତିକ ଚିକିତ୍ସା ମଧ୍ୟମରେ ଓଡ଼ିଶାର ସମସ୍ତଙ୍କ ପାଖରେ ପହଞ୍ଚିବାର ଚେଷ୍ଟାକୁ ବକ୍ତାମାନେ ପ୍ରଶଂସା କରିଥିଲେ । ମକର ଉତ୍ସବ ଭାଇଚାରାର ସଂସ୍କୃତି ଉତ୍ସବ ଅଟେ । କବି ଶ୍ରୀଦେବ ଦାସ କହିଲେ ଆଜି ମଣିଷ ଏକୁଟିଆ ହୋଇଯାଇଛନ୍ତି, ଯୌଥ ପରିବାରର ଉଦାହରଣ ଦେଇଥିଲେ ଯୌଥ ପରିବାରରେ ଆନନ୍ଦ, ଭକ୍ତି, ସଂସ୍କୃତି ଭରି ରହିଥାଏ । ସମସ୍ତେ ଏକାଠି ରହିବା ଦ୍ୱାରା ଯୋଗ କଷ୍ଟ ହୋଇନଥାଏ । ଏଭଳି ଉତ୍ସବ ପାଳନ କରି ଏକାଠି ଖାଇବା ଆନନ୍ଦ ଉତ୍ସବ ପାଳନ କରିବା ଦ୍ୱାରା ମନରେ ଶାନ୍ତି ଆଣିଥାଏ । ଯୋଗ ହେଉଛି ଏକାଠି ସୂତ୍ରରେ ବାନ୍ଧି ରଖିବାର ଶିକ୍ଷା ଅଟେ । ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ଚିତ୍ତରଞ୍ଜନ ସାହୁ କହିଲେ ମୋ କଲେଜରେ ଯୋଗ ନେଚର ପାଥି ଶିକ୍ଷା ଦ୍ୱାରା ଯୋଗ ସୈନିକ ତିଆରି କରି ଯୋଗକୁ ଘରେ ଘରେ ପହଞ୍ଚାଇବାର ପ୍ରୟାସ କରୁଛି, ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜ ଖବର କାଗଜର କୁଳମଣି ମହାଳିକ, ଜଗନ୍ନାଥ ଖୁଣ୍ଟିଆ ସମ୍ବାଦର ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବିଶ୍ୱାଳ ଯୋଗ ଦେଇଥିଲେ । ଅଧାପିକା ଅନିତା ମିଶ୍ର, ଡାକ୍ତର ସୁଶାନ୍ତ କୁମାର ସାହୁ, ପାର୍ଥ ପ୍ରତୀମ କର, ଦମୟନ୍ତି ମହାପାତ୍ର ଯୋଗ ଦେଇଥିଲେ । ଶେଷରେ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ପୁତ୍ର ଅଭିଷେକ ଦାସ, ବହୁ ଦେବୀ ଅର୍ଚ୍ଚନା ସାହୁ, ଝିଅ ବାଣୀବନ୍ଦନା ଦାସ, ରମାରଞ୍ଜନା ଦାସ, ଜ୍ୱାଇଁ ଅଜିତ ଦାସ, ସ୍ୱାମୀ କୈଳାସଚନ୍ଦ୍ର ଦାସ, ଦିଅର ରବିନାରାୟଣ ଦାସ, କମଳଲୋଚନ ଦାସ, ଜାଆ ଲକ୍ଷ୍ମୀପ୍ରିୟା ଦାସ, ଗୀତା ଦାସ, ନଣଦେଇ ହିମାଂଶୁ ମହାପାତ୍ର ଓ ନଣନ୍ଦ ମିନାକ୍ଷୀ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରୀ କାନ୍ତିକ୍ରିଷ୍ଣା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




## ଖନୋରୀରେ ଆଜି ଆମରଣ ଅନଶନରେ ବସିବେ ୧୧୧ କୃଷକ

ଚଣ୍ଡୀଗଡ , ୧୫/୧: ପଞ୍ଜାବର ଖନୋରୀ ସୀମାରେ ଆଜି ୧୧୧ କୃଷକ ଆମରଣ ଅନଶନରେ ବସିବେ। କୃଷକ ନେତା ଅଭିମନ୍ୟୁ କୋହାଡ କହିଛନ୍ତି ଯେ କୃଷକ ଗୋଷ୍ଠୀ ସୀମାର କାନ୍ଥରେ ଆମରଣ ଅନଶନରେ ବସିବେ।ଏହାକୁ ପରିଚାଳନା ସଂଯୁକ୍ତ କୃଷକ ମୋର୍ଚ୍ଚା (ଅଣ ରାଜନୈତିକ)ତଥା କୃଷକ ଶ୍ରମିକ ମୋର୍ଚ୍ଚାର ନେତା କରିବେ।ଅଭିମନ୍ୟୁ କୋହାଡ କହିଛନ୍ତି ଯେ ଏହି କୃଷକମାନେ ପ୍ରବଳ ଥଣ୍ଡାରେ ଖୋଲା ଆକାଶ ତଳେ ଅନଶନରେ ବସିବେ। ଏହି ସମୟରେ ଜଗଜୀତ ସିଂହ ଡଲ୍ଲେୱାଲଙ୍କ ଆମରଣ ଅନଶନ ବୁଧବାରକୁ ୫୧ତମ ଦିନରେ ପ୍ରବେଶ କରିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida